୬ ଓଡ଼ିଆ ଖେଳାଳିଙ୍କ ଲାଗି ୧୫ଲକ୍ଷର ପ୍ରୋତ୍ସାହନ ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୧୬୨ ● ୯ ଜୁଲାଇ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-162 ● 9th July 2024, Tuesday ● Bhubaneswar
Licensed to post without pre-payment of postage No- BN-60/22-24

# ଶରଧାବାଲିରେ ତିନି ରଥ

**ପୁରୀ, ୮।୭ : ନ୍ୟୁଜ୍ ବ୍ୟୁରୋ**

ଶରଧାବାଲିରେ ପହଞ୍ଚିଲେ ଶ୍ରୀଜୀଉ। ରବିବାର ବଡଦାଣ୍ଡର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ତିନି ରଥକୁ ସୋମବାର ସକାଳୁ ପୁଣି ଭକ୍ତମାନେ ଉତ୍ସାହ ଓ ଉଦ୍ଦୀପନାର ସହ ଟାଣି ଶରଧାବାଲିରେ ପହଞ୍ଚାଇଥିଲେ। ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାହୋଇ ଶରଧାବାଲିରେ ପହଞ୍ଚି ଥିଲା। ପଛେ ପଛେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶରଧାବାଲିରେ ପହଞ୍ଚିଥିଲା। ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ରଥାରୂଢ଼ ତିନି ଠାକୁରଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ। ସନ୍ଧ୍ୟାପରେ ଆଡପମଣ୍ଡପରେ ବିଜେ କରିବେ ଶ୍ରୀଜୀଉ।

ଦ୍ୱିତୀୟ ଦିନର ରଥଟଣା ଅବସରରେ ଘଣ୍ଟଘଣ୍ଟା, ମୃଦଙ୍ଗ, ହରିବୋଲ, ହୁଳହୁଳିରେ ପ୍ରକମ୍ପିତ ହୋଇଉଠିଥିଲା ଶ୍ରୀକ୍ଷେତ୍ର । ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଲାଗିଥିଲା ଲକ୍ଷାଧିକ ଭକ୍ତଙ୍କ ଭିଡ଼। ସୋମବାର ଦିନ ତମାମ ପୁରୀରେ ସ୍ୱଚ୍ଛରୁ ମଧ୍ୟମ ଧରଣର *(ପୃଷ୍ଠା ୭ରେ)*



# ବୃତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ଚୂଡାନ୍ତ ଜଙ୍ଗଲ ଅନୁମୋଦନ ମିଳିଲା

**ଭୁବନେଶ୍ୱର, ୮।୭**
**ନ୍ୟୁଜ୍ ବ୍ୟୁରୋ**

ନୟାଗଡ଼ ଜିଲ୍ଲାର ବହୁ ପ୍ରତୀକ୍ଷିତ ବୃତଙ୍ଗ ଜଳସେଚନ ପ୍ରକଳ୍ପକୁ କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଚୂଡାନ୍ତ ମଞ୍ଜୁରୀ ମିଳିଛି।

ସୂଚନା ଯୋଗ୍ୟ ଯେ, ଦୀର୍ଘ ୩୦ ବର୍ଷ ଧରି ଏହି ଯୋଜନାଟି ଜଙ୍ଗଲ ଅନୁମତି ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ପଡିରହିଥିଲା। କେନ୍ଦ୍ରୀୟ ମଞ୍ଜୁରୀ ମିଳିବା ପରେ ନୟାଗଡ ଜିଲ୍ଲାର କୃଷି ଓ କୃଷକଙ୍କ ହିତ ସାଧନ ପାଇଁ ଏହି ପ୍ରକଳ୍ପଟି ବରଦାନ ସଦୃଶ ହେବ।

ଏହି ପ୍ରକଳ୍ପ ମଞ୍ଜୁରୀ ପାଇବା ଫଳରେ ବୃତଙ୍ଗ ଜଳସେଚନ ପ୍ରକଳ୍ପରେ ୨୩,୦୦୦ ହେକ୍ଟର ଅଞ୍ଚଳରେ ଜଳସେଚନ ସୁବିଧା ମିଳିପାରିବ।





୧୫୨୪.୧୭ ହେକ୍ଟର ଅଞ୍ଚଳର ଜଙ୍ଗଲ ଜମିରେ ଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳିଛି।

ସୂଚନା ଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏ ସମ୍ପର୍କରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଏଥିପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏଥିପାଇଁ ସମ ପରିମାଣର ଅଣ ଜଙ୍ଗଲ ଅଞ୍ଚଳରେ କ୍ଷତି ପୂରକ ବନୀକରଣ ସହିତ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀର ଅନୁପାଳନ କରାଯିବ ବୋଲି କୁହାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ବୃତଙ୍ଗ ଜଳସେଚନ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ମଞ୍ଜୁରୀ ପାଇଁ ପଡିରହିଥିଲା।

## ଘର-ଜମି କିଣୁଥିବା ଲୋକଙ୍କୁ ଧୋକା ଦେଇପାରିବେନି ବିଲଡର୍ସ!



**ନୂଆଦିଲ୍ଲୀ, ୮।୭**

ସମଗ୍ର ଦେଶରେ ବିଲଡର-କ୍ରେତା ଚୁକ୍ତିରେ ୟୁନିଫର୍ମ ନିୟମର ଜରୁରୀ ଆବଶ୍ୟକତା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ସୋମବାର ସୁପ୍ରିମକୋର୍ଟ ତାଙ୍କ ବିବୃତ୍ତିରେ କହିଛନ୍ତି ଯେ ଦେଶରେ ବିଲଡରମାନେ ସମ୍ପତ୍ତି କ୍ରେତାଙ୍କୁ ପ୍ରତାରଣା କରୁଛନ୍ତି। ମିଡିଆ ଏଜେନ୍ସି ରିପୋର୍ଟ ଅନୁଯାୟୀ, ଭାରତର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ, ଜଷ୍ଟିସ ଜେ.ବି ପାରଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରଙ୍କୁ ନେଇ ଗଠିତ ବେଞ୍ଚ କହିଛନ୍ତି ଯେ ଏହା ନୀତିର ବିଷୟ ଏବଂ ଏହା ଏକ ପ୍ରସଙ୍ଗ ନୁହେଁ, ଯାହାକୁ କୋର୍ଟ ବିଚାର କରିବା ଆବଶ୍ୟକ।

ଏହି ପ୍ରସଙ୍ଗରେ ମନ୍ତବ୍ୟ ଦେଇ ଦେଶର ପ୍ରଧାନ ବିଚାରପତି ଧନଞ୍ଜୟ ୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଏକ ବେଞ୍ଚ କହିଛନ୍ତି ଯେ ବିଲଡରମାନେ କ୍ରେତାଙ୍କ ଉପରେ କ'ଣ ଲଗାଇ ପାରିବେ ସେନେଇ ଏକତାର ଆବଶ୍ୟକତା ରହିଛି। ନଚେତ ବିଲଡରମାନେ ସାରା ଦେଶରେ କ୍ରେତାଙ୍କୁ ପ୍ରତାରଣା ଜାରି ରଖିବେ।

ସୂଚନାଯୋଗ୍ୟ, ୨୦୨୦ରେ ଓକିଲ ଅଶ୍ୱିନୀ ଉପାଧ୍ୟାୟଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଶୁଣିବା ସମୟରେ ଏସସିର ଏହି ମନ୍ତବ୍ୟ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ହେମନ୍ତଙ୍କ କ୍ୟାବିନେଟ୍‌ରେ ଚମ୍ପାଇ: ମନ୍ତ୍ରୀ ଭାବରେ ଶପଥ ନେଲେ

**ରାଞ୍ଚି, ୮।୭**

ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ସୋମବାର ରାଞ୍ଚିର ରାଜଭବନରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଝାଡଖଣ୍ଡ କ୍ୟାବିନେଟରେ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଜୁଲାଇ ୪ରେ ହେମନ୍ତ ସୋରେନ ଝାଡଖଣ୍ଡର ୧୩ତମ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ପୂର୍ବରୁ ଚମ୍ପାଇ ସୋରେନ ଜୁଲାଇ ୩ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

ଚମ୍ପାଇ ସୋରେନଙ୍କ ବ୍ୟତୀତ ଜେଏମଏମ ନେତା ବୈଦନାଥ ରାମ, ବାବି ଦେବୀ, ମିଥିଳେଶ ଠାକୁର, ଦୀପକ ବିରୁଆ ଏବଂ ହାଫିଜୁଲ ହସନ ମଧ୍ୟ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। କଂଗ୍ରେସ ନେତା ରାମେଶ୍ୱର ଓରାଂ, ବନ୍ନା ଗୁପ୍ତା, ଇରଫାନ ଅନସାରୀ, ଦୀପିକା ପାଣ୍ଡେ ସିଂ ଏବଂ



ଆରଜେଡି ନେତା ସତ୍ୟନନ୍ଦ ଭୋକ୍ତା ମଧ କ୍ୟାବିନେଟରେ ଯୋଗ ଦେଇଛନ୍ତି । ଏହାପୂର୍ବରୁ ହେମନ୍ତ ସୋରେନ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ୪୫ ଜଣ ବିଧାୟକଙ୍କ ସମର୍ଥନରେ ଆସ୍ଥା ଭୋଟ ଜିତିଥିଲେ।

ହେମନ୍ତଙ୍କୁ ପ୍ରାୟ ପାଞ୍ଚ ମାସ ପରେ ଜୁନ ୨୮ରେ ବିର୍ସା ମୁଣ୍ଡା ଜେଲରୁ ମୁକ୍ତ କରାଯାଇଥିଲା। ଜମି ଦୁର୍ନୀତି ସହ ଜଡିତ ଅର୍ଥ ହେରଫେର ମାମଲାରେ ସେ ଝାଡଖଣ୍ଡ ହାଇକୋର୍ଟରୁ ଜାମିନ ପାଇଥିଲେ। ଜାନୁଆରୀ ୩୧ ରେ ଗିରଫ ହେବା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଜମି ଦୁର୍ନୀତି ଏବଂ ଅର୍ଥ ହେରଫେର ଅଭିଯୋଗରେ *(ପୃଷ୍ଠା ୭ରେ)*

# ଉଦୟଗିରିର ଶିଳା ଲେଖ, ଗୁମ୍ଫା, ଉତ୍କଳର ଉନ୍ନତ କଳାର ପ୍ରତୀକ : ରାଷ୍ଟ୍ରପତି

**ଭୁବନେଶ୍ୱର, ୮।୭**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ଉଦୟଗିରି ଗୁମ୍ଫା ପରିଦର୍ଶନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ପ୍ରଥମ ଥର ଉଦୟଗିରି ପରିଦର୍ଶନ କରିଛନ୍ତି ମହାମହିମ ରାଷ୍ଟ୍ରପତି । ଏହା ସହ ବିଜେ କଲେଜ ଅଫ ଆର୍ଟସ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି ରାଷ୍ଟ୍ରପତି । ଏହି ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମରେ ୫୫ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ଛାତ୍ରଛାତ୍ରୀଙ୍କୁ ସାଦରେ ସ୍ନେହ ସହକାରେ ଆଶୀର୍ବାଦ ଦେଇଛନ୍ତି ମହାମହିମ ।

ଏହି ଅବସରରେ ଭୁବନେଶ୍ୱରରେ ପାଠ ପଢ଼ିବା ସମୟର ସ୍ମୃତି ମନେ ପକାଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଛାତ୍ରଛାତ୍ରୀଙ୍କ ସହ



ବାର୍ତ୍ତାଳାପ ବେଳେ ରାଷ୍ଟ୍ରପତି କହିଛନ୍ତି, 'ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଉପର ଯାଏଁ ଚଢ଼ି ହେଉନଥିଲା । ଏସବୁ ଜିନିଷକୁ ସଂରକ୍ଷିତ ରଖିବାର ଆବଶ୍ୟକତା ଅଛି । ଉଦୟଗିରି ପାଦ ଯାଏଁ ଏବେ ସହର ଆସିଗଲାଣି । ପୂର୍ବରୁ ଏଠାରେ ସାଧୁସନ୍ଥ ବସବାସ କରୁଥିଲେ । ସେମାନଙ୍କ ସହ ଆମେ କଥା ବାର୍ତ୍ତା କରୁଥିଲୁ । ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ରହିଛି । ସାଧୁ ସନ୍ଥ ଏଠାରେ ରହିବାକୁ ପସନ୍ଦ *(ପୃଷ୍ଠା ୭ରେ)*

# ମାଇକ୍ରୋଫାଇନାନ୍ସ କମ୍ପାନୀଙ୍କୁ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ : ୟୁପି, ବିହାରରେ କମ ଋଣ ଦିଅ

**ନୂଆଦିଲ୍ଲୀ, ୮।୭**

ୟୁପି ଓ ବିହାରରେ ଋଣ ବଣ୍ଟନକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ବଡ଼ ନିର୍ଦ୍ଦେଶ ଦେଇଛି । କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ଏହି ଦୁଇ ରାଜ୍ୟରେ ଋଣ ବଣ୍ଟନର ଗତି ମନ୍ଥର ହେବାକୁ ପଡିବ, କାରଣ ଏଠାରେ ଋଣ ବବଲ ଫାଟିବାର ଭୟ ରହିଛି । ଅର୍ଥାତ ଏସବୁ ରାଜ୍ୟରେ ଅସୁରକ୍ଷିତ ଋଣ ପରିମାଣ ବଢିବାକୁ ନେଇ ରିଜର୍ଭ ବ୍ୟାଙ୍କ ଚିନ୍ତିତ ରହିଛନ୍ତି । ବିଶେଷ କରି ମାଇକ୍ରୋଫାଇନାନ୍ସ କମ୍ପାନୀ ଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଏହି ନିର୍ଦ୍ଦେଶ ଦେଇଛି ଏବଂ ସତର୍କ କରାଇ ଦେଇଛି ଯେ ଯଦି ବିପଦକୁ ଠିକ ଭାବେ ପରିଚାଳନା କରାନଯାଏ ତେବେ ଆଗାମୀ ଦିନରେ କ୍ଷତି ହୋଇପାରେ। ବିଶେଷ କରି ବିହାରରେ ମାଇକ୍ରୋଫାଇନାନ୍ସ କମ୍ପାନୀଗୁଡ଼ିକୁ କମ ଋଣ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆରବିଆଇ ଅଯଥା ଚିନ୍ତିତ ନୁହେଁ ବୋଲି




କୁହାଯାଉଛି । ଯଦି ଆପଣ ଉଭୟ ରାଜ୍ୟର ମାଇକ୍ରୋଫାଇନାନ୍ସ କମ୍ପାନୀର ଋଣ ତଥ୍ୟକୁ ଦେଖିବେ ତେବେ ସ୍ଥିତି ସ୍ପଷ୍ଟ ହୋଇଛି। ୟୁପି ଏବଂ ବିହାରରେ ମାଇକ୍ରୋଫାଇନାନ୍ସ କମ୍ପାନୀର ମୋଟ ଋଣର ୨୫.୩% ବଣ୍ଟନ କରାଯାଇଛି। ଅର୍ଥାତ ମୋଟ ଋଣର ଏକ ଚତୁର୍ଥାଂଶ ଏହି ଦୁଇ ରାଜ୍ୟରେ ବଣ୍ଟନ କରାଯାଇଛି । ବିଶେଷ କରି ନିମ୍ନ ଆୟକାରୀ ମହିଳାଙ୍କୁ ବହୁ ସଂଖ୍ୟକ ଋଣ ପ୍ରଦାନ କରାଯାଇଥିଲା ।୨୦୧୯ ପରଠାରୁ ୟୁପି ଓ ବିହାରରେ ମାଇକ୍ରୋଫାଇନାନ୍ସ କମ୍ପାନୀଗୁଡ଼ିକର ଋଣ ପରିସର ଦ୍ରୁତ ଗତିରେ ବୃଦ୍ଧି ପାଇଛି।

# ଜମ୍ମୁ ଓ କଶ୍ମୀର : କଠୁଆ ଆତଙ୍କବାଦୀ ଆକ୍ରମଣରେ ୪ ଯବାନ ସହିଦ

**ଶ୍ରୀନଗର, ୮।୭**

ଜମ୍ମୁ-କଶ୍ମୀରର କଠୁଆ ଜିଲ୍ଲାରେ ସେନା ଉପରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ୪ ଯବାନ ସହିଦ ହୋଇଥିବା ବେଳେ ୬ ଜଣ ଆହତ ହୋଇଥିବା ଜଣାଯାଇଛି।

ସୂଚନା ଅନୁସାରେ ଜମ୍ମୁ-କଶ୍ମୀରର କଠୁଆ ଜିଲ୍ଲା ପଞ୍ଜାବର ପଠାନକୋଟ ଜିଲ୍ଲାକୁ ଲାଗି ରହିଛି। କଠୁଆ ସହରଠାରୁ ୧୫୦ କିଲୋମିଟର ଦୂର ଲୋହାଇ ମଲହାରର ବଡନୋଟା ଗାଁରେ ସେନାର କିଛି ଗାଡ଼ି ନିୟମିତ ପାଟ୍ରୋଲିଂ କରୁଥିବା ବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଆତଙ୍କବାଦୀମାନେ ପ୍ରଥମେ ଗ୍ରେନେଡ ଫିଙ୍ଗିବା ପରେ ଗୁଳି ଚଳନା କରିଥିଲେ। ସେନା ପକ୍ଷରୁ ଏହାର ଜବାବ ଦିଆଯାଇଥିଲା କିନ୍ତୁ ଆତଙ୍କବାଦୀମାନେ ନିକଟସ୍ଥ ଜଙ୍ଗଲ



ମଧ୍ୟଦେଇ ଫେରାର ହୋଇଯାଇଥିଲେ। ତେବେ ସଂପୃକ୍ତ ଅଞ୍ଚଳରେ ସେନା ଓ ପାରାମିଲିଟାରୀ ଫୋର୍ସର ମିଳିତ କମ୍ବିଂ ଅପରେସନ ଜାରି ରହିଛି ।

ଗତ କିଛି ଦିନ ତଳେ କୁଲଗାମରେ ହୋଇଥିବା ସେନା-ଆତଙ୍କବାଦୀ ଏନକାଉଣ୍ଟରରେ ୬ ଜଣ ହିଜବୁଲ ଆତଙ୍କବାଦୀ ନିହତ ହୋଇଥିଲେ। ଏଥିରେ ଦୁଇ ଜଣ ଯବାନ ସହିଦ ହୋଇଥିଲେ। ନିହତ ଆତଙ୍କବାଦୀଙ୍କୁ ସ୍ଥାନୀୟ ଲୋକେ ସାହାଯ୍ୟ କରୁଥିଲେ ବୋଲି ସୁରକ୍ଷା ବାହିନୀ ଦାବି କରିଛି। ଏବେ ଏହାର ମଧ୍ୟ ତଦନ୍ତ ଚାଲିଛି।

## ନିଟ୍-ୟୁଜି ପେପର ଲିକ୍ ଘଟଣା ସତ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୮।୭**

ନିଟ୍-ୟୁଜି ପରୀକ୍ଷାରେ ହୋଇଥିବା ଅନିୟମିତତାକୁ ନେଇ ସୋମବାର ସୁପ୍ରିମ କୋର୍ଟରେ ଶୁଣାଣି ହୋଇଛି । ଶୁଣାଣି ସମୟରେ କୋର୍ଟ କହିଛନ୍ତି, ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ପ୍ରଶ୍ନପତ୍ର ଲିକ ହୋଇଛି । ପ୍ରଶ୍ନ ଏହା ଯେ ଏହାର ଚେର କେତେ ପର୍ଯ୍ୟନ୍ତ ଲମ୍ବିଛି । ପେପର ଲିକ ହେବା ଏକ ସ୍ୱୀକାର୍ଯ୍ୟ ତଥ୍ୟ । ଲିକର ପ୍ରକୃତ କାରଣ କଣ ସେ ନେଇ ତଦନ୍ତ ଚାଲିଛି । ଆପଣ କେବଳ ଏଥିପାଇଁ ପରୀକ୍ଷାକୁ ରଦ୍ଦ କରିପାରିବେ ନାହିଁ, କାରଣ ପେପର ଲିକ୍‌ରେ ମାତ୍ର ଦୁଇଜଣ ଛାତ୍ର ଜଡ଼ିତ ଥିଲେ । ତେଣୁ ଆମକୁ ଲିକର ପ୍ରକୃତ କାରଣକୁ ନେଇ ସାବଧାନ ରହିବା ଉଚିତ। ପୁନର୍ବାର ପରୀକ୍ଷା ପାଇଁ ଆଦେଶ ଦେବା ପୂର୍ବରୁ ଲିକ କେଉଁ ପର୍ଯ୍ୟନ୍ତ ଲମ୍ବିଛି ତାହା ଆମକୁ ଆଗେ ଜାଣିବାକୁ ପଡ଼ିବ। କାରଣ ଆମେ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କ ମାମଲାକୁ ଶୁଣୁଛୁ । ଏଥିସହିତ କେନ୍ଦ୍ର କେଉଁ କେଉଁ ଛାତ୍ରଛାତ୍ରୀଙ୍କୁ ପେପର *(ପୃଷ୍ଠା ୭ରେ)*

## ଏକାଳ ସେକାଳ



ହାତରେ ମୋ ମୁଠା ମୁଠା ଶରଧାବାଲି
ଠାକୁରେ ଶରଧା ବାଲି
ଜନମବେଦୀକୁ ଯିବାକୁ ପ୍ରଭୁ
ଉଛନ ଖାଲି
ମୁଚୁକୁନ୍ଦହସ ସାଙ୍ଗେ ଅଧର ନାଲି
ଗୁଣ୍ଡିଚାରାଣୀଙ୍କ ସ୍ନେହେ ହଜିଯିବେ
ଛପନଭୋଗକୁ ଭୁଲି।

# ଚିନ୍ତାଜନକ ରିପୋର୍ଟ : ୨୦୨୪ ଜୁନ୍ ସବୁଠୁ ଉତ୍ତପ୍ତ ମାସ




**ନୂଆଦିଲ୍ଲୀ, ୮।୭**

ଦିନକୁ ଦିନ ଉତ୍ତପ୍ତ ହେଉଛି ପୃଥିବୀ। ତାପମାତ୍ରା ବୃଦ୍ଧି ସମଗ୍ର ମାନବ ସମାଜ ପାଇଁ ଅଭିଶାପ ପାଲଟି ଯାଇଛି । କାରଣ ଚଳିତ ବର୍ଷ ଜୁନ ବିଶ୍ୱ ତାପମାତ୍ରାର ସବୁ ରେକର୍ଡ ଭାଙ୍ଗି ଦେଇଛି। ୟୁରୋପିଆନ ୟୁନିୟନ୍ କୋପର୍ନିକସ କ୍ଲାଇମେଟ ଚେଞ୍ଜ ସର୍ଭିସ (୩) ରିପୋର୍ଟ କରିଛି ଯେ, ୨୦୨୪ ଜୁନ ସବୁଠୁ ଉତ୍ତପ୍ତ ମାସ।

୨୦୨୩ରେ ଜୁନ ମାସ ସବୁଠୁ ଉତ୍ତପ୍ତ ମାସ ଭାବେ ରେକର୍ଡ କରାଯାଇ ଥିବାବେଳେ ୨୦୨୪ ପୂର୍ବର ସବୁ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି । ତାପମାତ୍ରାର କ୍ରମାଗତ ବୃଦ୍ଧି ମାନବ-ପ୍ରବର୍ତ୍ତିତ ଜଳବାୟୁ ପରିବର୍ତ୍ତନ ଏବଂ ଏଲନିନୋ(ବର୍ଷା ପରିମାଣ ହ୍ରାସ, ଉଷ୍ମ ପବନ ପ୍ରବାହ) ପାଣିପାଗ ପାଇଁ ଦାୟୀ।

ବରକେଲି ଆର୍ଥର ଅନୁସନ୍ଧାନକାରୀ ବୈଜ୍ଞାନିକ ଜେକେ ହଉସଫାଦର ୨୦୨୪ ବର୍ଷର ତାପମାତ୍ରାକୁ ନେଇ ଆକଳନ କରିଛନ୍ତି ଯେ, ୧,୮୦୦ ଦଶକ ମଧ୍ୟଭାଗରେ ବିଶ୍ୱର ତାପମାତ୍ରା ରେକର୍ଡ ଆରମ୍ଭ ହେବା ପରଠାରୁ ୨୦୨୪ ଉତ୍ତପ୍ତ ବର୍ଷ ଭାବେ ୨୦୨୩କୁ ଅତିକ୍ରମ କରିବାର ୯୫% ସମ୍ଭାବନା ରହିଛି।

ମାତ୍ରାଧିକ ତାପମାତ୍ରା ବୃଦ୍ଧି ସମଗ୍ର ବିଶ୍ୱରେ ଭୟଙ୍କର *(ପୃଷ୍ଠା ୭ରେ)*

# ଆୟୁଷ୍ମାନ ଭାରତ ଯୋଜନାରେ ହୋଇପାରେ ବଡ଼ ପରିବର୍ତ୍ତନ, ୫ ନୁହେଁ ଏଥର ୧୦ ଲକ୍ଷ

**ନୂଆଦିଲ୍ଲୀ, ୮।୭**

କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ଆଗାମୀ ତିନି ବର୍ଷ ମଧ୍ୟରେ ଦ୍ୱିଗୁଣିତ କରିବା ନେଇ ଗୁରୁତ୍ୱର ସହ ବିଚାର କରୁଛନ୍ତି । ସରକାର ୭୦ ବର୍ଷରୁ ଅଧିକ ବୟସର ସମସ୍ତ ଲୋକଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ଏବଂ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା କଭରେଜକୁ ବାର୍ଷିକ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି । ମିଳିଥିବା ସୂଚନା ମୁତାବକ, ଯଦି ପ୍ରସ୍ତାବକୁ ଅନୁମୋଦନ ମିଳେ ତେବେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣର ଆକଳନ ଅନୁଯାୟୀ ଏଥିପାଇଁ ବାର୍ଷିକ ୧୨,୦୭୬ କୋଟି




ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ। ବର୍ତ୍ତମାନ ୫ ଲକ୍ଷ ଥିବା ବୀମା ରାଶିର ସୀମାକୁ ବଢାଇ ୧୦ ଲକ୍ଷ ଟଙ୍କା କରିବାକୁ ମଧ୍ୟ ବିଚାର ବିମର୍ଷ ଚାଲିଥିବା ସୂଚନା ମିଳିଛି । ଚଳିତ ମାସ ଶେଷରେ ଉପସ୍ଥାପିତ ହେବାକୁ ଥିବା କେନ୍ଦ୍ର ବଜେଟରେ ଏହି ପ୍ରସ୍ତାବ କିମ୍ବା ଏହାର କିଛି ଅଂଶ ଘୋଷଣା କରାଯିବ ବୋଲି ଆଶା କରାଯାଉଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୯ ଜୁଲାଇ, ମଙ୍ଗଳବାର, ୨୦୨୪





# ନାଳ ଓ ଚୁଆ ପାଣି ପାଲଟିଛି ଝଡ଼ିଗୁଡ଼ା ଗ୍ରାମବାସୀଙ୍କ ସାହାରା : ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ?

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ବ୍ଲକ ଅନ୍ତର୍ଗତ ଗ୍ରାମପଞ୍ଚାୟତର ଝଡ଼ିଗୁଡ଼ା ଗ୍ରାମର ମାଳିସାହି ଓ କୁମ୍ଭାର ସାହିରେ ଦେଖିବାକୁ ମିଳିଛି ଜଳ ସମସ୍ୟା। ଉକ୍ତ ଗ୍ରାମପଞ୍ଚାୟତର ଏହି ୨ଟି ସିହିରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଘର ରହିଥିବା ବେଳେ ପ୍ରାୟ ୩୫୦ ରୁ ଉର୍ଦ୍ଧ୍ୱ ପରିବାର ଲୋକେ ବସବାସ କରନ୍ତି। କିନ୍ତୁ ପିଇବାକୁ ପାନୀୟ ଜଳ ନାହିଁ। ଉକ୍ତ ଏହି ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଛି। ଯେଉଁଥିରେ କି ଗୋଳିଆ ପାଣି ବାହାରୁଛି। ସ୍ଥାନୀୟ ଏହି ୨ ଗାଆଁର ଗ୍ରାମବାସୀମାନେ ନିକଟରେ ଥିବା ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଥିବା ନଳକୂପ ଉପରେ ଭରସା କରି ଆସୁଥିଲେ। ଏହି ନଳକୂପ ଶୋଷ ମେଣ୍ଟାଇବା ପାଇଁ ସାହାରା ପାଲଟି ଥିଲା। ତେବେ ଏହି ନଳକୂପରୁ ମଧ ଜଳ ଆଉ ବାହାରୁ ନ ଥିବା ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି।ଅଳ୍ପ ମାତ୍ରକେ ଗୋଳିଆ ପାଣି ବାହାରୁଛି, ଯାହାକି ପିଇବାର ଅନୁପଯୁକ୍ତ ବୋଲି ଗ୍ରାମବାସୀମାନେ କହିଛନ୍ତି। ତେବେ ଏହି ଦୁଇ ସାହିର ସାହାରା ଓ ଭରସା ପାଲଟିଛି ଚୁଆ ଓ ନାଳ ପାଣି। ପୂର୍ବ ସରକାର 'ଜଳ ହିଁ ଜୀବନର ନାରା' ଦେଉଥିଲେ କିନ୍ତୁ ଆଜି ଦେଖିବାକୁ ମିଳିଛି ବାସ୍ତବ ଚିତ୍ର ଅଲଗା। ପ୍ରଶାସନ ଅଧିକାରୀଙ୍କ ପାଖରେ ଅନେକ ଥର ଗୁହାରି କରିଥିବା କହିଛନ୍ତି ଗ୍ରାମବାସୀ। କିନ୍ତୁ କିଏ ତାଙ୍କ ଗୁହାରି ଶୁଣୁ ନ ଥିବା କହିଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ପାଖରେ ମଧ ଦ୍ୱାରସ୍ଥ ହୋଇଥିବା ବେଳେ ଆଜିଯାଏଁ କେଣସି ସୁଫଳ ମିଳିନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଏବଂ ଗ୍ରାମର ମହିଳା ମାନେ କହିଛନ୍ତି। ତେବେ ଏହି ଗୋଳିଆ ମାଟି ପାଣି ଏବଂ ଚୁଆ ଓ ନାଳ ପାଣି ପିଇ ଛୋଟ ଛୋଟ ପିଲାମାନଙ୍କ ଦେହ ଖରାପ ମଧ ହେଉଥିବା ଦେବକୀ ମୁଦୁଲି କହିଛନ୍ତି। ଛୋଟ ପିଲାମାନଙ୍କୁ ଜ୍ୱର, କାସ, ଥଣ୍ଡା, ପେଟବ୍ୟଥା ମଧ ହେଉଥିବା ଗ୍ରାମର ମହିଳାମାନେ କହିଛନ୍ତି। ଗ୍ରାମରେ ଏକ ନୂତନ ନଳକୂପ କଲେ ଏହି ୨ଟି ସାହିର ବାସିନ୍ଦାମାନେ ଉପକୃତ ହେବେ ବୋଲି ଚନ୍ଦ୍ରମା ମୁଦୁଲି, ଦେବକି ମୁଦୁଲି ଏବଂ ଗ୍ରାମର ମହିଳାମାନେ କହିଛନ୍ତି। କୋରାପୁଟ ସଦର ମହକୁମା ତଥା ବ୍ଲକ ଠାରୁ ପ୍ରାୟ ୩ କିଲୋମିଟର ଏହି ପଞ୍ଚାୟତ ରହିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ ହୋଇପାରୁନାହିଁ। ତେବେ କେବେ ଏହି ମାଳିସାହି ଓ କୁମ୍ଭାରସାହିର ବାସିନ୍ଦାମାନେ ବିଶୁଦ୍ଧ ଜଳ ପାଇପାରିବେ ଏବଂ ବ୍ଲକ ପ୍ରଶାସନ କେବେ ଏମାନଙ୍କ ଜଳ ସମସ୍ୟା ଦୂର କରୁଛି ତାହା ଏବେ ଦେଖିବାକୁ ବାକି ରହିଲା।

# ଭିଜିଲାନ୍ସ ଜାଲରେ ତହସିଲଦାର : ୧ ଲକ୍ଷ ୧୫ ହଜାର ଲାଞ୍ଚ ଟଙ୍କା ଜବତ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ତହସିଲଦାର ବିଚିତ୍ରାନନ୍ଦ ନାୟକ। ଚନ୍ଦ୍ରପୁର ତହସିଲଦାର କୌଣସି ଏକ ମାମଲାରେ ୧ ଲକ୍ଷ ୧୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ତାଙ୍କ ସରକାରୀ ଗାଡ଼ିରେ ରାୟଗଡ଼ାରେ ଅନୁଷ୍ଠିତ ହେବାକୁ ଥିବା ରାଜସ୍ୱ ବୈଠକରେ ଯୋଗ ଦେବା ପାଇଁ ଆସୁଥିଲେ। ପୂର୍ବରୁ କୌଣସି ସୂତ୍ରରେ ଖବର ପାଇ ରାୟଗଡ଼ା ଭିଜିଲାନ୍ସ ଟିମ୍‌ର ଭିଜିଲାନ୍ସ ଇନ୍‌ସପେକ୍ଟର ତରୁଲତା ବେହେରାଙ୍କ ନେତୃତ୍ୱରେ ଡାଙ୍ଗସୋରଡ଼ା ନିକଟରେ ଅପେକ୍ଷା କରିଥିଲେ। ଭିଜିଲାନ୍ସ ଟିମ୍ ତହସିଲଦାରଙ୍କ ଗାଡ଼ି ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ଭିଜିଲାନ୍ସ ଟିମ୍ ଉପରକୁ ଗାଡ଼ି ଚଢ଼ାଇଦେବାକୁ ଉଦ୍ୟମ କରିଥିବା ବେଳେ କୌଣସି ମତେ ବର୍ତ୍ତି ଯାଇଥିବା ଭିଜିଲାନ୍ସ ଇନ୍‌ସପେକ୍ଟର ପ୍ରକାଶ କରିଛନ୍ତି। ଭିଜିଲାନ୍ସ ଟିମ୍ ଚନ୍ଦ୍ରପୁର ତହସିଲଦାରଙ୍କ ଗାଡ଼ିକୁ ଗୋଡ଼ାଇବା ସମୟରେ ତହସିଲଦାର ୧ ଲକ୍ଷ ୧୫ ହଜାର ଟଙ୍କାକୁ ଡାଙ୍ଗୋରଡା ନିକଟରେ ରାସ୍ତାରେ ଫୋପାଡ଼ି ଦେଇ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେଉଥିବା ରାଜସ୍ୱ ବୈଠକରେ ଯୋଗ ଦେଇଥିଲେ। ଭିଜିଲାନ୍ସ ଟିମ୍ ଫୋପାଡ଼ି ଥିବା ଟଙ୍କାକୁ ଜବତ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ବୈଠକ ଚାଲୁଥିବାରୁ ଭିଜିଲାନ୍ସ ବିଭାଗ ତହସିଲଦାରଙ୍କୁ ଧରିବା ପାଇଁ ବାହାରେ ଅପେକ୍ଷା କରିଥିଲା। ଏହି ସଂପର୍କରେ କୌଣସି ମତେ ଖବର ପାଇ ତହସିଲଦାର ବୈଠକ ସରିଲା ପରେ ବାହାରକୁ ଆସିନଥିଲେ। ବାହାରକୁ ନ ଆସିବା ଦେଖି ଭିଜିଲାନ୍ସ ଟିମ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରିଥିଲେ, ଭିଜିଲାନ୍ସ ଭୟରେ ଲୁଚିଥିବା ତହସିଲଦାରଙ୍କୁ ଶୌଚାଳୟ ମଧ୍ୟରୁ ଧରାଯାଇଥିଲା। ଏହାପରେ ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କୁ ଗିରଫ କରି ଭିଜିଲାନ୍ସ ଡିଏସ୍‌ପି କାର୍ଯ୍ୟାଳୟ ଆଣିଥିଲେ। ତଦନ୍ତ ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ଇନ୍‌ସପେକ୍ଟର ତରୁଲତା ବେହେରା ପ୍ରକାଶ କରିଛନ୍ତି। ଏହି ଘଟଣାରେ ଅଧିକା ତଦନ୍ତ ଚାଲୁଥିବା ଭିଜିଲାନ୍ସ ବିଭାଗ ପ୍ରକାଶ କରିଛି।

## ସଇଁତଳା ସହରରେ ୧୮ ଡ଼େଙ୍ଗୁ ଆକ୍ରାନ୍ତ ଚିହ୍ନଟ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲାର ସଇଁତଳା ସହରରେ ବ୍ୟାପିଛି ଡ଼େଙ୍ଗୁ । ସହରରେ ମୋଟ୍ ୧୮ ଜଣ ଡ଼େଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ତନ୍ମଧ୍ୟରୁ ୧୧ ଜଣଙ୍କୁ ବଲାଙ୍ଗିର ସ୍ଥିତ ଭୀମ ଭୋଇ ମେଡ଼ିକାଲରେ ଭର୍ତ୍ତି କରା ଯାଇଥିବା ନେଇ ସୂଚନା ଦେଇଛନ୍ତି ସଇଁତଳା ମେଡିକାଲ ଇନଚାର୍ଜ । ଅନ୍ୟପକ୍ଷରେ ସଇଁତଳା ସହରରେ ଡ଼େଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେବା ପରେ ସାଧାରଣରେ ଡ଼େଙ୍ଗୁକୁ ନେଇ ଭୟ ସୃଷ୍ଟି ହୋଇଛି ।

# ପର୍ଯ୍ୟଟନସ୍ଥଳୀ ସହିଦନଗରକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଧାମନଗର ବ୍ଲକ୍‌ର ଐତିହାସିକ ସହିଦ ନଗରକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ଏବେ ଶୋଚନୀୟ ଅବସ୍ଥାରେ ପହଞ୍ଚିଛି। ରାସ୍ତାର ଦୂରାବସ୍ଥା ଯୋଗୁଁ ଯାତାୟାତରେ ନାହିଁ ନଥିବା ସମସ୍ୟା ଉପୁଜୁଥିବାବେଳେ ଅତିଷ୍ଠ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦେଶର ସ୍ୱାଧୀନତା ଆନ୍ଦୋଳନରେ ରକ୍ତର ସ୍ୱାକ୍ଷର ଛାଡ଼ିଥିବା ଧାମନଗର ବ୍ଲକ୍‌ର ଖପରପଦା ଏବଂ କଟସାହି ପଞ୍ଚାୟତର ମଧ୍ୟବର୍ତ୍ତୀ ସ୍ଥାନରେ ରହିଛି ସହିଦନଗର (ଲୁଣିଆ)। ଏହି ସ୍ଥାନକୁ ସରକାର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେଇଛନ୍ତି। ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥର ମଙ୍ଗଳପୁର ଛକ ଠାରୁ ସହିଦନଗର ହୋଇ ତିହିଡି ପର୍ଯ୍ୟନ୍ତ ସଂଯୋଗ କରୁଥିବା ଆର.ଡି. ବିଭାଗ ରାସ୍ତା ପରିସ୍ଥିତି ଅତ୍ୟନ୍ତ ସଂକଟଜନକ ସ୍ଥିତିରେ ରହିଛି। ଆର.ଡି.-୨ ଅଧୀନରେ ଥିବା ଏହି ସଡକର ମୁଖ୍ୟତ ମଙ୍ଗଳପୁର ଶାସନ ଠାରୁ ନନ୍ଦୋର ପର୍ଯ୍ୟନ୍ତ ସ୍ଥିତି ଆଖିରେ ନଦେଖିଲେ କେହି ବିଶ୍ୱାସ କରିବେ ନାହିଁ। ଅନେକ ଦିନ ଧରି ଏହାର ମରାମତି କିମ୍ବା ରକ୍ଷଣାବେକ୍ଷଣ ନହେବା ଯୋଗୁଁ ଏବେ ପାଖାପାଖି ୪ କିଲୋମିଟର ରାସ୍ତା ଗମନାଗମନ ଅନୁପଯୋଗୀ ହୋଇପଡିଛି। କୌଣସି ସ୍ଥାନରେ ସାମାନ୍ୟତମ ଭଲ ଅବସ୍ଥା ନଥିଲାବେଳେ ପ୍ରାୟ ସବୁଠି ବଡ଼ବଡ଼ ଖାଲ ସୃଷ୍ଟି ଦେଖିବାକୁ ମିଳିଛି। ବର୍ଷା ପାଣି ରାସ୍ତା ତମାମ ଆଣ୍ଠୁଏ ଉଚ୍ଚରେ ଜମି ରହିବା ଦ୍ୱାରା ଯାତାୟାତ ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥିତି ଏମିତି ଯେ ଅନେକ ରାସ୍ତାରେ ପଡ଼ି କିମ୍ବା ଦୁର୍ଘଟଣାରେ ଗୁରୁତର ହେଉଛନ୍ତି। ଏହି ରାସ୍ତା ଉପରେ ଧାମନଗର ସମେତ ପଡୋଶୀ ତିହିଡ଼ି ବ୍ଲକ୍‌ର ପ୍ରାୟ ୧୦ ଗୋଟି ପଞ୍ଚାୟତର ଜନସାଧାରଣ ଦୈନିକ ନିର୍ଭର କରୁଛନ୍ତି। ଶତାଧିକ ସ୍କୁଲ କଲେଜ ପଢୁଆ ଛାତ୍ରଛାତ୍ରୀ ନିର୍ଭର କରୁଛନ୍ତି। ଏପରିସ୍ଥଳେ ରାସ୍ତାର ଦୂରାବସ୍ଥା ସଂପର୍କରେ ବିଭାଗ ଆଦୌ ଦୃଷ୍ଟି ନଦେବା ହେତୁ ପରିସ୍ଥିତି କ୍ରମଶଃ ଗୁରୁତର ହୋଇଛି। ପର୍ଯ୍ୟଟନ କ୍ଷେତ୍ରକୁ ସଂଯୋଗ କରୁଥିବା ଏକ ପ୍ରମୁଖ ରାସ୍ତାର ଉନ୍ନତିକରଣ ପାଇଁ ଧ୍ୟାନ ଦିଆନଯିବା ଘଟଣା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ନିକଟରେ ସହିଦ ନଗର-ମଙ୍ଗଳପୁର ଗ୍ରାମ ଉନ୍ନୟନ ରାସ୍ତାର ଦୂରାବସ୍ଥା ଦୂର ନହେଲେ ଆନ୍ଦୋଳନ ହେବ ବୋଲି ଅଞ୍ଚଳର ଯୁବଗୋଷ୍ଠୀ ଚେତାବନୀ ଦେଇଛନ୍ତି।

## ମନରେଗା ଅନିୟମିତତା ନେଇ ନୋଟିସ ଜାରି

# ୧୧୨୧ ଲକ୍ଷ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅଧୀନସ୍ଥ ଅରଣ୍ଡୁଆ ପଞ୍ଚାୟତର ମନରେଗା ଯୋଜନାରେ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଛି। ୪ ଜଣଙ୍କୁ ୧୧ ଲକ୍ଷ ୨୧ ହଜାର ୫୨୯ ଟଙ୍କା ଜମା କରିବାକୁ ବିଡିଓ ନୋଟିସ୍ କରିଛନ୍ତି। ଏହି ପଞ୍ଚାୟତର ଲମ୍ବୋଦର ନାମକ ଜନୈକ ବ୍ୟକ୍ତି ସୂଚନା ଅଧିକାର ଆଇନ୍ ବଳରେ ୧୭ଟି ପ୍ରକଳ୍ପର କାମ ସଂପର୍କରେ ତଥ୍ୟ ମାଗିଥିଲେ। ଏଥିରୁ ୬ଟି ପ୍ରକଳ୍ପ ସଂପର୍କିତ ତଥ୍ୟ ମିଳିଛି। ଏହି ୬ଟି ପ୍ରକଳ୍ପର ତଦନ୍ତ ହେବା ପରେ ୧୭ ଲକ୍ଷ ଟଙ୍କାର ଅନିୟମିତତାର ଗନ୍ଧ ବାହାରିଥିଲା। ବିଡିଓ ଚିଠିରେ ୧୭ ମାର୍ଚ୍ଚ ୨୦୨୪ରେ ସରପଞ୍ଚ ନିରୁପମା ନାୟକ ୩ ଲକ୍ଷ ୬୩ ହଜାର ୨୯ ଟଙ୍କା, ଜିଆରଏସ ସଂଯୁକ୍ତା ମଳିକ ୩ ଲକ୍ଷ ୬୩ ହଜାର ୨୯ ଟଙ୍କା, ପିଇଓ ଉମର ଅଲ୍ଲୀ ୩ ଲକ୍ଷ ୬୩ ହଜାର ୨୯ ଟଙ୍କା ଓ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ଉପରେ ୩୨ ହଜାର ୪୫୨ ଟଙ୍କା ରାଜକୋଷରେ ଜମା କରିବାକୁ ନୋଟିସ୍ କରିଥିଲେ। ଏହି ୪ ଜଣ ମିଳିତ ଭାବେ ଉକ୍ତ ସରକାରୀ ଟଙ୍କା ଲୁଟ୍ କରିଥିବାର ପ୍ରମାଣ ମିଳିବା ପରେ ମଧ ବିଡିଓଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରି ସେମାନେ ମାସ ମାସ ଏଡାଇ ଚାଲିଛନ୍ତି। ସରକାରୀ ଅର୍ଥ ଲୁଟ୍ ମାମଲାରେ କାହିଁକି ମକଦମା ରୁଜୁ କରାନଯାଇ କୋହଳ ମନୋଭାବ ବିଡିଓ ପୋଷଣ ସହ ମାସ ମାସ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ୧୧ଟି ପ୍ରକଳ୍ପର ତଥ୍ୟ ବିଡିଓ ପ୍ରଦାନ କରିବାରେ ବିଳମ୍ବ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବିଶେଷକରି ବିଡିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅରଣ୍ଡୁଆ ଗ୍ରାମର ୱାର୍ଡମେମ୍ୱର ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ଏହି ପଞ୍ଚାୟତର ୨୦୨୩-୨୪ ମସିହାର ମନରେଗା ଯୋଜନାର ନିରପେକ୍ଷ ତଦନ୍ତ ହେଲେ ଲକ୍ଷ ଲକ୍ଷ ଟଙ୍କା ସରକାରୀ ରାଜକୋଷକୁ ଫେରିବ ବୋଲି ସମିତି ସଭ୍ୟ ରମାକାନ୍ତ ଦାଶ କହିଛନ୍ତି।

## ବେଆଇନ ବାଲି ବୋଝେଇ ହାଇୱା ଜବତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଛି। ଏନେଇ ପ୍ରଶାସନ ପକ୍ଷରୁ ସେପରି କିଛି କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନାହିଁ । ବଡବଡ ଭାରି ଯାନ ଚଳାଚଳ ଫଳରେ ବିଭିନ୍ନ ସ୍ଥାନରେ କଂକ୍ରିଟ ରାସ୍ତା ଦୁର୍ବଳ ହେବାରେ ଲାଗିଛି । ତେବେ ଏହି ବର୍ଷା ଦିନେ ଗାଡିଗୁଡିକୁ ଯାତାୟାତ ନ କରିବାକୁ ପରାମର୍ଶ ଦିଆ ଯାଇଥିଲା । ଫଳରେ ଗାଡି ଚାଳକ ଓ ମାଲିକ ଏହି ଘଟଣାକୁ ଗୁରୁତ୍ୱ ନ ଦେବାରୁ ବିଳମ୍ବିତ ରାତିରେ ଧର୍ମଶାଳା ତହସିଲ ଅନ୍ତର୍ଗତ କାଏମା କେଲୁଅ ନଦୀ ବନ୍ଧ ସେତୁ ଦେଇ ୨ଟି ବେଆଇନ ବାଲି ବୋଝେଇ ହାଇୱା ଯିବା ସମୟରେ ସ୍ଥାନୀୟ ଲୋକେ ଏହାକୁ ଅଟକାଇ ଧର୍ମଶାଳା ଥାନାକୁ ଜଣାଇଥିଲେ । ଫଳରେ ପୋଲିସ ୨ଟି ହାଇୱାକୁ ଜବତ କରିଥିବା ଜଣାପଡିଛି ।

## ବାଲେଶ୍ୱରରେ କୌଣସି ରାସ୍ତା କଚ୍ଚା ରହିବ ନାହିଁ : ପ୍ରତାପ ଷଡ଼ଙ୍ଗୀ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଏକ ସମୀକ୍ଷା ବୈଠକ କରିଥିଲେ। ପ୍ରଥମେ ପର୍ଯ୍ୟାୟରେ ଗ୍ରାମ୍ୟ ଉନ୍ନୟନ (ଆରଡି) ଓ ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟୁତ ସରବରାହ ସଂସ୍ଥା ଟିପିଏନଓଡିଏଲର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ନୀଳଗିରି, ବସ୍ତା, ସଦର, ରେମୁଣା, ଔପଦା ବ୍ଲକରେ ଆର.ଡ଼ି ବିଭାଗର ଚାଲୁଥିବା କାର୍ଯ୍ୟର ସମୀକ୍ଷା କରିବା ସହିତ ଜିଲ୍ଲାର ସମସ୍ତ ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ ଅଂଶଗ୍ରହଣ କରି ନିଜ ନିଜ ଅଞ୍ଚଳର ସମସ୍ୟା ସଂପର୍କରେ ଅବଗତ କରାଇଥିଲେ। ଚାଲୁଥିବା ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ଶେଷ କରିବା ପାଇଁ ଓ ନୂଆ କାମକୁ ତୁରନ୍ତ ଆରମ୍ଭ କରିବା ସହିତ କାର୍ଯ୍ୟରେ ସତତା ଓ ପାରଦର୍ଶୀତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ସମୟରେ ଆର.ଡ଼ି ବିଭାଗର ସମସ୍ତ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହାପରେ ବିଦ୍ୟୁତ ସରବରାହ ସଂସ୍ଥା ଟିପିଏନଓଡିଏଲର ଅଧିକାରୀମାନଙ୍କ ସହିତ ବିଦ୍ୟୁତ ସରବରାହ, ଉପଭୋକ୍ତାଙ୍କ ଅଭିଯୋଗ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବିଷୟରେ ଆଲୋଚନା କରିଥିଲେ। ଅହେତୁକ ବିଦ୍ୟୁତ କାଟ୍ ନକରିବାକୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଥିଲେ। ଉପଭୋକ୍ତାଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ପ୍ରାଧାନ୍ୟ ଦେବାକୁ କହିଥିଲେ।

# କୂଅରେ ବିଷାକ୍ତ ଗ୍ୟାସ୍ ଲିକ୍ : ୫ ମୃତ

**କୋରବା, ନ୍ୟୁଜ୍‌ବ୍ୟୁରୋ**

ଜାଞ୍ଜଗିର-ଚାମ୍ପା ଜିଲ୍ଲାରେ ବିରା ଥାନା ଅନ୍ତର୍ଗତ କିକିରଦା ଗ୍ରାମରେ କୂଅରେ ବିଷାକ୍ତ ଗ୍ୟାସ୍ ଲିକ୍ ଫଳରେ ବାପା ଓ ଦୁଇ ପୁଅଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। କୁହାଯାଉଛି ଯେ, ଜଣେ ବ୍ୟକ୍ତିକୁ ବଞ୍ଚାଇବାକୁ ଯାଇ କୂଅ ଭିତରକୁ ଜଣକ ପରେ ଜଣେ ୫ ଜଣ ଯାଇଥିଲେ। ସେତେବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ସେ କୂଅରେ ପ୍ରଥମେ ଜଣେ ଲୋକର କାଠ ପଡ଼ିଯିବାରୁ ସେ ସେହି କାଠକୁ କୂଅ ଭିତରୁ ବାହାର କରିବାକୁ କୂଅ ଭିତରକୁ ପଶିଥିଲା। ଏତିକି ବେଳେ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ପ୍ରଥମେ କୂଅ ଭିତରକୁ ଯାଇଥିବା ଲୋକଟି ବେହୋସ୍ ହୋଇଯାଇଥିଲା। ଏହାପରେ ତାଙ୍କୁ ବଞ୍ଚାଇବାକୁ ଜଣକ ପରେ ଜଣେ କୂଅ ଭିତରକୁ ଯାଇଥିଲେ। ହେଲେ ଆଉ କେହି ବାହାରକୁ ବାହାରି ପାରି ନ ଥିଲେ। ପଡ଼ୋଶୀମାନଙ୍କ କହିବା ଅନୁସାରେ, ରମେଶ ପଟେଲ ପ୍ରଥମେ ଜଣେ ଲୋକକୁ ବଞ୍ଚାଇବାକୁ କୂଅ ଭିତରେ ପଶିଥିଲେ। ଏହାପରେ ତାଙ୍କର ଦୁଇ ପୁଅ ରାଜେନ୍ଦ୍ର, ଜିତେନ୍ଦ୍ର ମଧ କୂଅ ଭିତରକୁ ଯାଇଥିଲେ। ପରେ ପଡ଼ୋଶୀଙ୍କ ମଧ୍ୟରୁ ଅନ୍ୟ ଜଣେ ବ୍ୟକ୍ତି ଟିକେଶ ଚନ୍ଦ୍ର ମଧ ଏମାନଙ୍କୁ ବଞ୍ଚାଇବାକୁ କୂଅ ଭିତରକୁ ଯାଇଥିଲେ। ହେଲେ କେହି ଫେରି ନ ଥିଲେ। କୂଅ ଭିତରେ ଗ୍ୟାସ୍ ଲିକ୍ ଯୋଗୁଁ ଦୁଇ ପୁଅ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି।

## ମିଲେଟ୍ସ ଗୃହ ଓ ସଚେତନତା ରଥ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପରିସରରେ ମିଲେଟ୍ସ ମିଶନ ଗୃହ ଉଦ୍‌ଘାଟନ ହେବା ସହ ସଚେତନତା ରଥକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପରିକ୍ରମା ପାଇଁ ଶୁଭାରମ୍ଭ କରିଛନ୍ତି । ଜିଲ୍ଲାରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଏହି ରଥଟି ୮ଦିନ ଧରି ଜିଲ୍ଲାର ୨ଟି ବ୍ଲକ କେନ୍ଦ୍ରାପଡ଼ା ଓ ଡେରାବିଶ୍ର ପ୍ରତ୍ୟେକ ପଞ୍ଚାୟତ ଓ ପ୍ରତ୍ୟେକ ଗ୍ରାମରେ ଚାଷୀମାନଙ୍କୁ ସଚେତନ କରାଇବ । ରାଜ୍ୟ ସରକାର ମାଣ୍ଡିଆ ଚାଷ ପାଇଁ ବ୍ୟାପକ ଭାବରେ ପ୍ରୋତ୍ସାହନ କରୁଥିବାରୁ ଏହି ଚାଷ ପାଇଁ ଶାନ୍ତି ମୈତ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାଇଁ ଏହି ରଥର ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ସ୍ୱେଚ୍ଛା ସେବୀ ଅନୁଷ୍ଠାନ ମିଲେଟ୍ ମିଶନ ଗୃହକୁ ଶାନ୍ତି ମୈତ୍ରୀ ଅନୁଷ୍ଠାନକୁ ମାଣ୍ଡିଆର ପ୍ରଚାର ପ୍ରସାର ଓ ଚାଷୀ ମାନଙ୍କୁ ବିହନ, ସାର ପ୍ରଦାନ କରିବା ଓ ସହାୟତା କରିବା ପାଇଁ ଏହି ଗୃହ ଉପଯୋଗୀ ହେବ ବୋଲି ଜଣାପଡ଼ିଛି । ମିଲେଟ୍ ମିଶନ ଗୃହ ଓ ରଥ ଉଦ୍‌ଘାଟନ ସମୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡଃ ମନୋଜ କୁମାର ଚାନ୍ଦ, ଶାନ୍ତି ମୈତ୍ରୀର ସଂପାଦକ ଭଗବାନ ଜେନାଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।



## ମାରଣାସ୍ତ୍ର ଦେଖାଇ ଲୁଟିନେଲେ ଟଙ୍କା ଓ ସୁନା ଗହଣା

**ମୁଖୀଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଞ୍ଚଳରେ ପୁଣି ସକ୍ରିୟ ହୋଇଛନ୍ତି ଡକାୟତ ଗ୍ୟାଙ୍ଗ। ବିଳମ୍ବିତ ରାତିରେ ରଜାମୁଣ୍ଡା ଗାଁର ରତନ ରଣାଙ୍କ ଘରେ ୭ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୧୦ ଭରି ସୁନା ଗହଣା ସହ ୪ ଲକ୍ଷ ନଗଦ ଟଙ୍କା ଲୁଟିନେଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ରତନ ଓ ତାଙ୍କ ପରିବାର ରାତିରେ ଶୋଇଥିବା ବେଳେ ୭ ଜଣ ଦୁର୍ବୃତ୍ତ ମୁହଁରେ କଳା ମୁଖା ପିନ୍ଧି ଘରର ଗ୍ରୀଲ୍ ଭାଙ୍ଗି ଭିତରକୁ ଧସେଇ ପଶିଥିଲେ। ପରିବାର ଲୋକଙ୍କୁ ଧାରୁଆ ଅସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ପରେ ରତନଙ୍କ ବୋହୂଙ୍କ କୋଠରିରେ ଥିବା ଆଲମାରୀରୁ ୧୦ ତୋଳା ସୁନା ଗହଣା ସହ ରତନଙ୍କ ଶେଜ ତଳେ ଥିବା ୪ ଲକ୍ଷ ଟଙ୍କା ନେଇଥିବା ରତନ କହିଛନ୍ତି। ଦୁର୍ବୃତ୍ତମାନେ ଓଡ଼ିଆ ଭାଷାରେ କଥାବାର୍ତ୍ତା ହେଉଥିବା ବେଳେ ରତନ ଏବଂ ତାଙ୍କ ସ୍ତ୍ରୀଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ଘଟଣାସ୍ଥଳରେ ଜୟପାଟଣା ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ଘଟଣାର ଛାନଭିନ୍ ଚଳାଇଛନ୍ତି।

ପ୍ରକାଶ ଥାଉକି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଢୁଲୁଘାଟି ଘାଟି ଖୋଲିବା ପରେ ଏହି ଘାଟି ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଆଡ୍ଡା ସାଜିଛି। କିଛିଦିନ ତଳେ ଏହି ଅଞ୍ଚଳରେ ଏଭଳି ଲୁଟ୍ ହୋଇଥିଲା। ବର୍ତ୍ତମାନ କିଛି ଦିନ ନୀରବତା ପରେ ପୁଣି ସେଇଭଳି ଡକାୟତି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

## ରାଜଧାନୀର ଗଳି ଗଳିରେ ଦେଶୀମଦର ଆସର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର ଗଳି ଗଳିରେ ଦେଶୀମଦର ଆସର ବଢ଼ିବାରେ ଲାଗିଛି। ଦେଖିବାକୁ ମିଳିଛି ଯେ, ଭୁବନେଶ୍ୱରର ସି.ଆର.ପି. ଛକରୁ ଟମାଣ୍ଡୋ ଛକ ପର୍ଯ୍ୟନ୍ତ ପସରା ମେଲାଇଛନ୍ତି ଦେଶୀମଦ ବେପାରୀ। ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ନେଇ ବିଭିନ୍ନ ଯୋଜନା ବାହାର କରିବାରେ ବ୍ୟସ୍ତ। ହେଲେ କିଛି ଅସାଧୁ ବେପାରୀ ଟଙ୍କା ପାଇଁ ବିଷ ବିକ୍ରି କରିବାରେ ବ୍ୟସ୍ତ। ଭୁବନେଶ୍ୱରକୁ ସ୍ମାର୍ଟ ସିଟି କରିବାରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଜନେତା ଓ କିଛି ସର୍ବସାଧାରଣ ବ୍ୟସ୍ତରେ ଥିବା ବେଳେ ଆଉ କିଛି ଅସାଧୁ ବେପାରୀ ନିଜ ପାକିଟ ଗରମ କରିବାରେ ବ୍ୟସ୍ତ। ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ଏହା ଜାଣି ମଧ ଚୁପ୍ କାହିଁକି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗରୀବଙ୍କୁ ବିଷ ବିକି ଦେଶୀମଦ ବେପାରୀ କୋଟିପତି। ଦେଶୀମଦର ଆଡ୍ଡାସ୍ଥଳୀ ପାଲଟିଛି ରାଜଧାନୀର କିଛି ବସ୍ତି ମାନଙ୍କରେ। ଲୋକ ଜାଣିବାକୁ ସେ ରହୁଛନ୍ତି ବସ୍ତିରେ ହେଲେ ଟଙ୍କାର ପାହାଡରେ ରହୁଛନ୍ତି ବୋଲି ସୂଚନା ମିଳିଛି। ବରମୁଣ୍ଡା ଫାୟାର ଷ୍ଟେସନରୁ ସି.ଆର.ପି ରାଜରାସ୍ତାର ବସ୍ତିରେ ଚାଲିଛି ଦେଶୀମଦ ବିକ୍ରି । ପ୍ରଶାସନ ସବୁ ଜାଣି ମଧ ଚୁପ୍। ଫଳରେ ରାଜରାସ୍ତାରେ ଝିଅ ବୋହୂମାନେ ଯାତାୟାତ ସମୟରେ ଅସୁରକ୍ଷିତ ଅନୁଭବ କରୁଛନ୍ତି । ନିକଟରେ ଥିବା ସି.ଆର.ପି ବାଟମହାବୀର ମନ୍ଦିରକୁ ଯିବାକୁ ମଧ ଭକ୍ତ ଡରୁଛନ୍ତି। ଏହି ଠାରେ ଛୋଟ ଛୁଆଠୁ ଆରମ୍ଭ କରି ବୃଦ୍ଧ ଓ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ କରୁଛନ୍ତି ବିଷ ବେପାର । ବସ୍ତିରେ ମହିଳାଙ୍କ ସହ କିଛି ଯୁବକ ମିଶି ଘର ଭିତରେ ଦେଶୀ ମଦ ବିକ୍ରି କରୁଥିବାର ସୂଚନା ମିଳିଛି । ଏହି ବସ୍ତିରେ ଦେଶୀ ମଦ ବିକ୍ରିଙ୍କୁ ନେଇ ଯୁବକମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକେ ରାଜରାସ୍ତା ଉପରେ ପଡି ରହୁଛନ୍ତି। ଏପରିକି ଅନେକ ସମୟରେ ସେମାନଙ୍କ ଅସଭ୍ୟ ଭାଷାରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି । ସ୍ଥାନୀୟ ପୋଲିସ ଓ ଅବକାରୀ କିଛି ନ ଜାଣିଲା ପରି ଅଭିନୟ କରୁଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ଯେ, ତୁରନ୍ତ ଦେଶୀ ମଦ କାରବାର ବନ୍ଦ କରା ନ ଗଲେ ନିକଟରେ ଏକ ଜନଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

## ଲେଫ୍ଟନାଣ୍ଟ ବିମଳ ରଞ୍ଜନ ବେହେରାଙ୍କୁ ଶୌର୍ଯ୍ୟଚକ୍ର ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ସୁଯୋଗ୍ୟ ସନ୍ତାନ ଲେଫ୍ଟନାଣ୍ଟ ବିମଳ ରଞ୍ଜନ ବେହେରାଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା 'ଶୌର୍ଯ୍ୟଚକ୍ର ସମ୍ମାନ' ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଆଳିର ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, ସରପଞ୍ଚ ସୁବ୍ରତ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭବିଷ୍ୟତର ପୃଥିବୀ ପାଇଁ ଚିନ୍ତା ନକଲେ ବିଶ୍ୱର ଆୟୁଷ ଆଉ ଅଳ୍ପଦିନ : ବାବାବଳିଆ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଭବିଷ୍ୟତର ପୃଥିବୀ ପାଇଁ ଚିନ୍ତା ନକଲେ ବିଶ୍ୱର ଆୟୁଷ ଆଉ ଅଳ୍ପଦିନ ବୋଲି ପଦ୍ମଶ୍ରୀ ବାବା ବଳିଆ ଏଠାରେ କହିଛନ୍ତି। ସ୍ଥାନୀୟ ଏକ ହଟେଲରେ ଦୁଇଦିନ ବଲାଙ୍ଗିର ରହଣି କାଳରେ ସେ କହିଲେ ଯେ ବର୍ତ୍ତମାନ ପରିବେଶ ଯେପରି ପ୍ରଦୂଷିତ ବିଷାକ୍ତ ଆମର କୁନିକୁନି ପିଲାମାନେ କିପରି ଶାନ୍ତିରେ ରହିବେ ସେଥିପାଇଁ ଏବେଠାରୁ ବ୍ୟବସ୍ଥା ପାଇଁ କହିଥିଲେ। ମୁଣ୍ଡ ପିଛା ବିଶ୍ୱରେ ୪୨୨ ଗଛ ଥିବାବେଳେ ଭାରତରେ ୨୮ ଅଛି । ଗୋଟିଏ ଲୋକର ନିଶ୍ୱାସପ୍ରଶ୍ୱାସ ପାଇଁ ଆବଶ୍ୟକ ଅମ୍ଳଜାନ ପାଇଁ ଅତି କମ୍‌ରେ ୫୦୦ ଗଛ, ଦରକାରୀ ଗଛର ବୟସ ୨୦ ହୋଇଥିବା ଜରୁରୀ। ବିଶ୍ୱରେ ବଡ଼ ପଣିଆ ଅହଙ୍କାର ଯୋଗୁଁ ଅଶାନ୍ତ ଜନଜୀବନ ବିପର୍ଯ୍ୟସ୍ତ। ସମଗ୍ର ବିଶ୍ୱ ବାରୁଦ ଗଦାରେ। ଯୁଦ୍ଧ ବନ୍ଦ ହୋଇ ଯୁଦ୍ଧାସ୍ତ୍ର ବିମୁକ୍ତ ପାଇଁ ସେ ଆହ୍ୱାନ ଦେଇଛନ୍ତି । ଆମଦେଶର ଚାରୋଟି ସ୍ତମ୍ଭ ସମନ୍ୱୟ ରଖି ଆମର ନେତୃବୃନ୍ଦ ବିଶ୍ୱରେ ଶାନ୍ତିର ପ୍ରତିଷ୍ଠା ପାଇଁ ସେ ଅନୁରୋଧ କରିଛନ୍ତି । ବାବାବଳିଆ ତାଙ୍କର ପରିବେଶ ଗଣତନ୍ତ୍ର ଧର୍ମ ସଚେତନତାର ଦୁଇମାସ ବ୍ୟାପୀ ଯାତ୍ରା ବଲାଙ୍ଗିର ଠାରେ ପହଞ୍ଚିଥିଲା । ଦୁଇଦିନ ଧରି କୋଶଳ କଳାମଣ୍ଡଳରେ ଭାଗବତ କଥା ନାମରେ ସଚେତନତାର ବାର୍ତ୍ତା ସନ୍ଧ୍ୟାରେ ଦେଇଛନ୍ତି । ଏଠାରେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ନେତୃବୃନ୍ଦ ମଧ୍ୟରେ ବଲାଙ୍ଗିର ନଗରପାଳ ଲିକା ସାହୁ, ନାଗରିକ କମିଟି ସଭାପତି ଶ୍ରୀକର ମିଶ୍ର, ଲୋଟସ ଷଡ଼ଙ୍ଗୀ ସବୁଜ ବଲାଙ୍ଗିର କର୍ମକର୍ତ୍ତା ଓ ଜନସାଧାରଣଙ୍କ ସହିତ ଯୋଗ ଦେଇଛନ୍ତି ।

## ଗଞ୍ଜାମ ଜିଲ୍ଲାରେ ୬ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ୬ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହେଲେଣି। ସମସ୍ତ ଆକ୍ରାନ୍ତ ବାହାର ରାଜ୍ୟରୁ ଆସିଛନ୍ତି । ଘରକୁ ଫେରିବା ପରେ ସେମାନଙ୍କୁ ଜ୍ୱର ହୋଇଥିଲା। ସେମାନଙ୍କ ରକ୍ତ ନମୂନା ପରୀକ୍ଷାରୁ ଡ଼େଙ୍ଗୁ ପଜିଟିଭ୍ ଜଣାପଡ଼ିଛି। ପୂର୍ବରୁ ୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ପୁଣି ଦୁଇ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନେ ସମସ୍ତେ ପାତ୍ରପୁର ଅଞ୍ଚଳର ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ଜଣେ ରୋଗୀ ଗୋଆରୁ ଆସିଥିବା ବେଳେ ଆଉ ଜଣେ ଆନ୍ଧ୍ରପ୍ରଦେଶରୁ ଆସିଥିବା ସୂଚନା ମିଳିଛି। ଜୁଲାଇରୁ ଅକ୍ଟୋବର ୪ ମାସ ମଧ୍ୟରେ ଗଞ୍ଜାମରେ ଅଧିକ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥାନ୍ତି। ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସେଭଳି ବଡ଼ ଧରଣର ବର୍ଷା ଆରମ୍ଭ ହୋଇନାହିଁ, ତଥାପି ଜିଲ୍ଲା ବାସୀ ଓ ଜିଲ୍ଲା ପ୍ରଶାସନକୁ ଡ଼େଙ୍ଗୁ ଚିନ୍ତା ଘାରିଲାଣି। ରାଜ୍ୟ ବାହାରୁ ୬ ଜଣ ଜ୍ୱରରେ ପୀଡ଼ିତ ହୋଇ ଗଞ୍ଜାମ ଜିଲ୍ଲାକୁ ଫେରିଛନ୍ତି। ଏଠାରେ ରକ୍ତ ନମୂନା ପରୀକ୍ଷା ପରେ ସମସ୍ତେ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଚିହ୍ନଟ ହୋଇଥିବା ୪ ଜଣ ରୋଗୀ ବିହାର, ପଶ୍ଚିମବଙ୍ଗ, ବେଙ୍ଗାଲୁରୁ ଓ ଉତ୍ତରପ୍ରଦେଶରୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଆଗକୁ ବର୍ଷା ଥିବା ଯୋଗୁଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକଙ୍କୁ ସଚେତନ କରାଯାଉଛି। ପରିବେଶ ସଫାସୁତୁରା ରଖିବା ସହ ଦୀର୍ଘ ଦିନ ଧରି ଗୋଟିଏ ସ୍ଥାନରେ ପାଣି ଜମିବାକୁ ନଦେବାକୁ ସ୍ୱାସ୍ଥ୍ୟ କର୍ମୀମାନେ ଜନସାଧାରଣଙ୍କୁ ସଚେତନ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ୨୦୨୧ରେ ୨୭୧୩ ନମୂନା ପରୀକ୍ଷା କରାଯାଇଥିବା ବେଳେ ୩୩୩ ନମୂନା ପଜିଟିଭ୍ ଆସିଥିଲା। ସେହିଭଳି ୨୦୨୨ ରେ ପରୀକ୍ଷା କରାଯାଇଥିବା ୩ ହଜାର ନମୂନାରୁ ୧୬୧ଟି ପଜିଟିଭ୍ ଆସିଥିଲା। ୨୦୨୩ ରେ ୪୩୬୬ ନମୂନା ପରୀକ୍ଷା କରାଯାଇଥିଲା, ତନ୍ମଧ୍ୟରୁ ୧୭୦ଟି ନମୂନା ପଜିଟିଭ୍ ଆସିଥିଲା।

# ବାଂଶପାଳ ଓ ହରିଚନ୍ଦନପୁରରେ ବ୍ଲକସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ

**କେନ୍ଦୁଝର, ନ୍ୟୁଜ୍**




ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜାନୁଆରୀ, ୨୦୨୩ରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଶୁଭ ଉଦ୍‌ଘାଟନ ହୋଇଥିଲା। ନିତି ଆୟୋଗଙ୍କ ଦ୍ୱାରା ପରିଚାଳିତ ଏହି ଅଭିଯାନ ମାଧ୍ୟମରେ ଦେଶର ୫୦୦ଗୋଟି ଦୁର୍ଗମ ଓ ଅନୁନ୍ନତ ବ୍ଲକ୍‌ମାନଙ୍କୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନାରେ କେନ୍ଦୁଝର ଜିଲ୍ଲାର ଦୁଇଗୋଟି ବ୍ଲକ୍ ବାଂଶପାଳ ଓ ହରିଚନ୍ଦନପୁରକୁ ସାମିଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୀତି ଆୟୋଗ ଦ୍ୱାରା ଏହି ସଂପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଉଭୟ ବାଂଶପାଳ ଏବଂ ହରିଚନ୍ଦନପୁର ବ୍ଲକରେ ଆରମ୍ଭ ହୋଇଛି । ନୀତି ଆୟୋଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଦ୍ରୁତ ବିକାଶକୁ ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ବିଶେଷକରି ଏଥିରେ ୬ଟି ସୂଚଙ୍କାକକୁ ଗୁରୁତ୍ୱ ଦିଆଯାଇଛି। ସେଗୁଡ଼ିକ ହେଲା ସ୍ୱାସ୍ଥ୍ୟ- ପ୍ରସବ ଯତ୍ନ, ଡାଇବେଟିସ ଓ ଉଚ୍ଚ ରକ୍ତଚାପ ପରୀକ୍ଷଣ, ପୋଷକ ତତ୍ତ୍ୱ। କୃଷି- ମୃତ୍ତିକା ପରୀକ୍ଷା, ସାମାଜିକ ବିକାଶ- ଆର୍ଥିକ ପରିଚାଳନା କ୍ଷମତା ଭବନ ପାଇଁ ଘୂର୍ଣ୍ଣନ ପାଣ୍ଠି ଅନ୍ତର୍ଭୁକ୍ତ। ବାଂଶପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଫକୀର ଚରଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଅଭିଯାନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ସମଗ୍ର ବ୍ଲକର ସାମଗ୍ରିକ ବିକାଶ ନିମନ୍ତେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏଭଳି ଦୂରଦୃଷ୍ଟିସଂପନ୍ନ ପରିକଳ୍ପନାର ଭୁୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ନୀତି ଆୟୋଗର ବରିଷ୍ଠ ଅଧିକାରୀ ସୁଶ୍ରୀ ମୋନିକା ଆଶା ଦିଦିମାନଙ୍କ କାର୍ଯ୍ୟକୁ ଖୁବ୍ ପ୍ରଶଂସା କରିବା ସହ ସମ୍ପୂର୍ଣ୍ଣତା ଅଭିଯାନ ଅନ୍ତର୍ଗତ ୬ ଗୋଟି ସୂଚକାଙ୍କ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କରାଣୀ କିସପାଟା, ଜିଲ୍ଲାପରିଷଦ ସଭ୍ୟ ଅରୁଣ କୁମାର ବାରିକ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା ଏବଂ ପଞ୍ଚାୟତସ୍ତରୀୟ ବିଭିନ୍ନ ଜନପ୍ରତିନିଧି ଉପସ୍ଥିତି ରହିଥିଲେ। ସେହିପରି ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଯୋଗ ଦେଇ ଏହି ଯୋଜନାର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ସର୍ବଦା ଲୋକଙ୍କ ଉନ୍ନତ ଜୀବନଧାରଣ ବାବଦରେ ଚିନ୍ତା କରନ୍ତି। ସେଥିପାଇଁ ଏହି ଅଭିଯାନକୁ ଶୁଭାରମ୍ଭ କରିଛନ୍ତି ବୋଲି ଶ୍ରୀ ନାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିଚନ୍ଦନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେଲି ନାଏକ, ଉପାଧ୍ୟକ୍ଷ ବିଜୟ କୁମାର ସାହୁ, ତହସିଲଦାର ହିମାଂଶୁ ଶେଖର ପଣ୍ଡା ଏବଂ ବିଡ଼ିଓ ଦୁଲାରାମ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ଛାତ୍ରଛାତ୍ରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମଧ ଯୋଗଦେଇଥିଲେ।

## ସାପକାମୁଡ଼ାରେ ହଷ୍ଟେଲ ଛାତ୍ରୀ ମୃତ

**ଭଞ୍ଜନଗର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ବ୍ଲକ ଦର୍ପଙ୍ଗିଆ ରେସିଡେନସିଆଲ ସ୍କୁଲରେ ଜଣେ ଛାତ୍ରୀଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି । ରବିବାର ରାତିରେ ହଷ୍ଟେଲରେ ଶୋଇଥିବା ସମୟରେ ଏକ ଚିତି ସାପ ପ୍ରଥମ ଶ୍ରେଣୀ ଛାତ୍ରୀଙ୍କୁ କାମୁଡି ଦେଇଥିଲା । ସେ ଚିତ୍କାର କରିବା ପରେ ସମସ୍ତେ ନିଦରୁ ଉଠି ଯାଇଥିଲେ । ପିଲାମାନେ ସାପଟିକୁ ଦେଖି ମାରିଦେଇଥିଲେ । ହଷ୍ଟେଲର କର୍ମଚାରୀମାନେ ଝିଅ ରିଧି ପ୍ରଧାନଙ୍କୁ ଭଞ୍ଜନଗର ମେଡ଼ିକାଲକୁ ଆଣିବା ସହ ତାଙ୍କ ବାପା ଗୋବରସିଂ ପ୍ରଧାନଙ୍କୁ ସୂଚନା ଦେଇଥିଲେ । ପରିବାର ଲୋକ ପହଂଚିଥିଲେ । ତେବେ ଚିକିତ୍ସା ସମୟରେ ସକାଳ ପ୍ରାୟ ୬ଟାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ମେଡ଼ିକାଲରେ କାନ୍ଦ ବୋବାଳି ସହ ଶୋକର ଛାୟା ଖେଳିଯାଇଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଜୁଲାଇ ୨୦୨୪ ମଙ୍ଗଳବାର





## ନବଯୌବନ ଦର୍ଶନ ସହ ରଥ ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ

# ମହିଳା ଉପଜିଲ୍ଲାପାଳ ରଥରେ ଛେରା ପହଁରା କଲେ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାର ସର୍ବ ପୁରାତନ ଶ୍ରୀଜଗନ୍ନାଥ ମନ୍ଦିର ବାଲିଗୁଡା ଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ଦେବାସ୍ନାନ ପୂର୍ଣ୍ଣିମା ପରେ ଚତୁର୍ଦ୍ଧା ମୂର୍ତ୍ତି ଅଣସର ଘରୁ ବାହାରି ନେତ୍ର ଉତ୍ସବ ନୀତି ପରେ ଭକ୍ତଙ୍କୁ ନବଯୌବନ ଦର୍ଶନ ଦେଇଥିଲେ । ଏହି ନବଯୌବନ ଦର୍ଶନ ପାଇଁ ସକାଳୁ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ବାଲିଗୁଡା ଉପଜିଲ୍ଲାପାଳ ଡଃ ରିନା ପ୍ରଧାନ ପ୍ରମୁଖ ଆସି ଦର୍ଶନ କରିଥିଲେ । ଏହାପରେ ରଥଯାତ୍ରା ନୀତି କାନ୍ତି ଆରମ୍ଭ ହୋଇଥିଲା । ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ମଧୁସୂଦନ ଦାଶ କର୍ତ୍ତା ହୋଇ ତିନି ରଥ ପ୍ରତିଷ୍ଠା କରିଥିଲେ । ଏହାପରେ ତିନି ରଥକୁ ପୂର୍ବ ମୋଡ଼ କରାଯାଇଥିଲା । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରି ରଥକୁ ଅଣାଯାଇଥିଲା । ଏହାପରେ ବାଲିଗୁଡା ଉପଜିଲ୍ଲାପାଳ ଡଃ ରିନା ପ୍ରଧାନଙ୍କୁ ପୂର୍ବ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ ରଥକୁ ଛେରା ପହଁରା ପାଇଁ ନିମନ୍ତ୍ରଣ କରାଯାଇଥିଲା । ଡଃ ରିନା ପ୍ରଧାନ ରଥରେ ପହଞ୍ଚି ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ରଥରେ ପବିତ୍ର



ଛେରା ପହଁରା ନୀତି କାନ୍ତି କାର୍ଯ୍ୟ କରିଥିଲେ । ପ୍ରଥମ ଥର ପାଇଁ ଜଣେ ମହିଳା ଛେରା ପହଁରା ନୀତି କାନ୍ତି କରିଥିବାରୁ ମହିଳାଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା । ମନ୍ଦିର ଟ୍ରଷ୍ଟ ଟ୍ରଷ୍ଟି ଟି. ଶ୍ରୀନିବାସ ରାଓ, ମଧୁସୂଦନ ଦାସ, ଲୋକନାଥ ପାଢୀ ଓ ଲଳିତ ପାତ୍ର ପ୍ରମୁଖ ରହି ରୀତିନୀତି ଅନୁଯାଇ ରଥଯାତ୍ରା ପରିଚାଳନା କରିଥିଲେ । ଏଠାରେ ମହିଳା ମାନେ ସୁଭଦ୍ରା ରଥ ଟାଣିଥିବା ବେଳେ ବଳଭଦ୍ର ଓ ଜଗନ୍ନାଥ ରଥକୁ ସାଧାରଣ ଲୋକ ଟାଣି ଥିଲେ । ପାରମ୍ପରିକ ବାଦ୍ୟ ଯନ୍ତ୍ର, ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ଦଳ ଓ ଘଣ୍ଟ ବାଦ୍ୟରେ ପ୍ରକମ୍ପିତ ହୋଇଉଠିଥିଲା । ସାରା ବାଲିଗୁଡା ସହର ସନ୍ଧ୍ୟା ପୂର୍ବରୁ ତିନି ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଯାଇଥିଲା । ଏହାପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ମନ୍ଦିରକୁ ନିଆଯାଇଥିଲା । ଏହି ରଥଯାତ୍ରାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସାମିଲ ହୋଇଥିବା ବେଳେ ଭିଡ଼ ଓ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ଫୋର୍ସ ମୁତୟନ ହୋଇଥିଲେ । ବାଲିଗୁଡା ଏସଡିପିଓ ରାହୁଲ ଗୋଏଲ ଓ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଶାନ୍ତି ଶୃଙ୍ଖଳା ସହ ରଥଯାତ୍ରା ପରିଚାଳନା କରିଥିଲେ ।

# ଚିତ୍ରୋତ୍ପଳା ସାଇଫନ୍ ମୁଣ୍ଡରେ ବିପଜ୍ଜନକ ଗର୍ତ୍ତ



**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ସାଲେପୁର ବ୍ଲକ ତରିଡୋ ପଞ୍ଚାୟତ ମୁକୁନ୍ଦି ଠାରେ ଚିତ୍ରୋତ୍ପଳା ସାଇଫନ୍ ମୁଣ୍ଡରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଏହା ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ରହିଛି । ଏହି ଗର୍ତ୍ତ ମଧ୍ୟ ଦେଇ ବର୍ଷାଜଳ ପ୍ରବେଶ କରିବାରୁ ଘାଇ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିବା ଲୋକେ ଅଭିଯୋଗ କରିଛନ୍ତି । ବିଭାଗୀୟ ନିର୍ବାହୀଯନ୍ତ୍ରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ବର୍ଷା ଅଭାବରୁ କେନାଲରେ ପାଣିନାହିଁ:ଧାନ ବିହନ ଅଭାବରୁ ଚାଷୀ ଚିନ୍ତାରେ

**ବଲାଙ୍ଗୀ, ନ୍ୟୁଜ୍ ବ୍ୟୁରୋ**

ନିଅଁଟିଆ ବର୍ଷା ସାଙ୍ଗକୁ କେନାଲ ପାଣିର ଅଭାବ ଓ ସରକାରୀ ଧାନ ବିହନ ମିଳିବାରେ ବ୍ୟାପକ ଅସୁବିଧା କାରଣରୁ କୃଷି ପ୍ରଧାନ ବଲାଙ୍ଗୀ ଅଞ୍ଚଳର ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି । ଜୁନ୍ ମାସ ଶେଷ ସୁଦ୍ଧା ସରକାରୀ ଭାବେ ପୁରୀ ଜିଲ୍ଲାରେ ୭୦ ପ୍ରତିଶତ ନିଅଁଟିଆ ବର୍ଷା ରେକର୍ଡ କରାଯାଇଛି । ଅପରପକ୍ଷେ ସମୟ ହୋଇନଥିବାରୁ ଏହି ପର୍ଯ୍ୟନ୍ତ କେନାଲରେ ଜଳ ଯୋଗାଣ ଆରମ୍ଭ ହେଇନାହିଁ । ଫଳରେ ଚଳିତ ବର୍ଷ ଖରିଫ ଧାନ ଚାଷକୁ ନେଇ ଚାଷୀମାନେ ସନ୍ଦିହାନ ହୋଇପଡିଛନ୍ତି । ପ୍ରତିବର୍ଷ କେନାଲ ପାଣି ନଆସିଲେ ମଧ୍ୟ ବର୍ଷା ପାଣି ଉପରେ ନିର୍ଭର କରି ଚାଷୀମାନେ ତଳିଘରା ପ୍ରସ୍ତୁତ କରି ଖରିଫ ଧାନ ଚାଷ ପାଇଁ ତଳି ପକାଇଥାନ୍ତି । ମାତ୍ର ଚଳିତ ବର୍ଷର ପାଣିପାଗ ସ୍ଥିତି ପରିସ୍ଥିତି ସମ୍ପୂର୍ଣ୍ଣ ବିଗାଡି ଦେଇଛି । ସରକାରୀ ଧାନ ବିହନ ମିଳିନଥିବା ହେତୁ ଚାଷୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ବେସରକାରୀ ଧାନ ବିହନକୁ ଚଢାଦରରେ କିଣିବାକୁ ବାଧ୍ୟ ହେଉଛନ୍ତି । ଅପରପକ୍ଷେ ଜଳବାୟୁରେ ଅଧିକ ଆର୍ଦ୍ରତା ହେତୁ ଠିକ୍‌ଭାବେ ଧାନ ବିହନ ଗଜା ହେଉନଥିବା କୃଷି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଚଳିତ ବର୍ଷ ସରକାରୀ ଭାବେ ଧାନର ବର୍ଦ୍ଧିତ ଏମ.ଏସ.ପି ଘୋଷଣା ପରେ ଅଧିକ ପରିମାଣର ଧାନ ଚାଷ ପାଇଁ ଚାଷୀ ମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପରିଲକ୍ଷିତ ହେଉଛି । ମାତ୍ର ଏପର୍ଯ୍ୟନ୍ତ ଧାନ ବିହନ ଯୋଗାଣ ସ୍ୱାଭାବିକ ହୋଇନଥିବା କାରଣରୁ ଚାଷୀମାନେ ବିହନ ପାଇଁ ବିଭିନ୍ନ ସ୍ଥାନ ବୁଲୁଛନ୍ତି । ନିମାପଡା କୃଷି ବିଭାଗ ପକ୍ଷରୁ ଧର୍ମକୁ ଆଖିଠାର ଭଳି ନାମକୁ ମାତ୍ର କିଛି ଅଞ୍ଚଳର ବେସରକାରୀ ଓ ସରକାରୀ ବିହନ ଡିଲର ମାନଙ୍କ ଉପରେ ତଦାରଖ ବ୍ୟବସ୍ଥା ଆରମ୍ଭ ହୋଇଛି । ମାତ୍ର ସରକାରୀ ଧାନ ବିହନ ଯୋଗାଣରେ ପ୍ରମୁଖ ଭୂମିକା ନିଭାଉଥିବା କୃଷି ବିଭାଗ ଏପର୍ଯ୍ୟନ୍ତ କାହିଁକି ପର୍ଯ୍ୟାପ୍ତ ପରିମାଣର ଧାନ ବିହନ ଯୋଗାଉ ନାହିଁ କିମ୍ବା ଯେଉଁ ସ୍ଥାନରେ ସରକାରୀ ବିହନ ଉଠାଉନଥିବା ଡିଲର ମାନଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି । କେନାଲ ଜଳ ଯୋଗାଣ ଉପରେ ବଲାଙ୍ଗୀ ଜଳସମ୍ପଦ ଉପଖଣ୍ଡ ଅଧିକାରୀ ସଂଗ୍ରାମ ମହାନ୍ତିଙ୍କୁ ପଚାରିବାରେ କେନାଲ ଜଳ ଯୋଗାଣର ଏକ ନିର୍ଦ୍ଦିଷ୍ଟ ସମୟସାରଣୀ ଅଛି ଓ ତଦନୁଯାୟୀ କେନାଲ ଜଳ ଯୋଗାଣ ପାଇଁ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ସେ ପ୍ରକାଶ କରିଛନ୍ତି ।

# ସୁନା ଚୋରା ଚାଲାଣ:ବସ୍‌ରୁ ୪ କିଲୋ ଜବତ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବସ୍‌ରେ କୋଲକାତାରୁ ହାଇଦ୍ରାବାଦ ସୁନା ଚୋରା ଚାଲାଣ ହେଉଥିବା ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ)ଟିମ୍ ଚଢ଼ଉ କରି ୪ କିଲୋ ସୁନା ଜବତ କରିଛି । ଚୋରା ଚାଲାଣ କରୁଥିବା ୨ ସୁନା ଚୋରା ବେପାରୀଙ୍କୁ ଡିଆର୍‌ଆଇ ଗିରଫ କରିଛି । ଜବତ ସୁନାର ଆନୁମାନିକ ମୂଲ୍ୟ ୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଏକ ଯାତ୍ରୀବାହୀ ବସ୍ କୋଲକାତାରୁ ହାଇଦ୍ରାବାଦ ଯାଉଥିବା ବେଳେ ଉକ୍ତ ବସ୍‌ରେ ସୁନା ଚୋରା ଚାଲାଣ ହେଉଥିବା ସୂଚନା ମିଳିଥିଲା । ତେଣୁ ଡିଆରଆଇର ଏକ ଟିମ୍ ସନ୍ଧ୍ୟାରେ ଉକ୍ତ ବସ୍‌ର ପିଛା କରିଥିଲା । ଟିମ୍ କଟକ ବନ୍ଦାଲୋ (ମଙ୍ଗୁଳି) ଟୋଲ୍‌ପ୍ଲାଜା ନିକଟରେ ଉକ୍ତ ବସ୍‌କୁ ଅଟକାଇଥିଲା । ବସ୍‌ରେ ଯାଞ୍ଚ କରି ୪ କିଲୋ ଓଜନର ସୁନା ଜବତ କରିବା ସହ ୨ ଚୋରା ବେପାରୀଙ୍କୁ ଏହି ଟିମ୍ ଧରିଥିଲେ । ସୁନାକୁ ଏକ କପଡ଼ାରେ ଗୁଡ଼ାଇ ଚାଲାଣ କଟାଯାଇଥିଲା । ଜବତ ସୁନାର ମୂଲ୍ୟ ପ୍ରାୟ ୪ କୋଟି ଟଙ୍କା ହେବ । ସେମାନେ ଏତେ ପରିମାଣର ସୁନା କୋଲକାତାର କେଉଁଠାରୁ ଆଣିଲେ ଓ ହାଇଦ୍ରାବାଦରେ କାହାକୁ ଯୋଗାଇବାକୁ ନେଇଥିଲେ ସେ ନେଇ ପଚରାଉଚରା କରାଯାଉଛି । ୨ ଚୋରା ବେପାରୀଙ୍କୁ କଷ୍ଟମ୍‌ସ ଆକ୍ଟ ୧୯୬୨ ଅନୁସାରେ ଗିରଫ କରାଯାଇଥିବା ଡିଆର୍‌ଆଇ ପକ୍ଷରୁ କୁହାଯାଇଛି । ସୂଚନାଥାଉକି, ଗତ ମାର୍ଚ୍ଚ ୨୮ରେ ଡିଆରିଆଇ ପକ୍ଷରୁ ବନ୍ଦାଲୋ (ମଙ୍ଗୁଳି) ଟୋଲ୍ ପ୍ଲାଜା ନିକଟରେ ଏକ କାର୍ ସହ ୯ କିଲୋ ୧୮୦ ଗ୍ରାମର ସୁନା ଜବତ କରାଯାଇଥିଲା । ୨ ଚୋରା ବେପାରୀଙ୍କୁ ଗିରଫ କରାଯାଇଥିଲା । ସେମାନେ ୬୫ ଖଣ୍ଡ ସୁନା ବିସ୍କୁଟ୍ କୋଲକାତାରୁ ତେଲଙ୍ଗାନା ଚାଲାଣ କରୁଥିଲେ । ସେହିପରି ଗତ ମେ ୬ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ୩ କିଲୋ ୭୭ ଗ୍ରାମର ସୁନା ଜବତ କରାଯାଇଥିବା ବେଳେ ୪ ଚୋରା ବେପାରୀଙ୍କୁ କଷ୍ଟମ୍‌ସ୍ ବିଭାଗ ଗିରଫ କରିଥିଲା । ବିଶେଷ କରି ବ୍ୟାଙ୍କକ୍ ଓ ମାଲେସିଆର କୁଆଲାଲମ୍ପୁରରେ ସୁନା ମୂଲ୍ୟ ଭରତ ଅପେକ୍ଷା ବହୁତ କମ୍ । ସୁନା ଚୋରା ବେପାରୀମାନେ ବିମାନ ଯୋଗେ ଏସବୁ ଦେଶରୁ ସୁନାକୁ ବିଭିନ୍ନ ତରିକାରେ ଚୋରାରେ ଆଣି ଭାରତର ବିଭିନ୍ନ ରାଜ୍ୟକୁ ଚାଲାଣ କରିଥାନ୍ତି । ଚୋରା ବେପାରୀମାନେ ବିଦେଶରୁ ବିମାନ ଯୋଗେ ସୁନା ଚୋରାରେ ଆଣି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଦେଇ ଓଡ଼ିଶା ତଥା ଦେଶର ବିଭିନ୍ନ ରାଜ୍ୟକୁ ଚାଲାଣ କରୁଥିଲେ । ତେବେ ଡିଆରଆଇ ଓ କଷ୍ଟମ୍‌ସ୍ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଇ ସୁନା ଜବତ କରିବାରୁ ଏବେ ଚୋରା ବେପାରୀମାନେ କୋଲକାତା ବିମାନ ବନ୍ଦରକୁ ସୁରକ୍ଷିତ ମଣୁଛନ୍ତି । ସେଠାରୁ ଅନ୍ୟ ରାଜ୍ୟକୁ ଟ୍ରେନ୍, କାର୍ ଓ ବସ୍ ଯୋଗେ ସୁନା ଚାଲାଣ କରୁଛନ୍ତି ।

# ପ୍ରେମ ହେଲା କାଳ:ଯୁବକର ମୃତ୍ୟୁ ପାଇଁ ମା’ ଝିଅ ଥାନାରେ ଅଟକ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ବାରୁଆଁ ବାଲିଚନ୍ଦ୍ରପୁର ରାସ୍ତାର ଭଗବାନପୁର ନିକଟରେ ଶନିବାର ଦିନ ଘଟିଥିବା ଯୁବକର ମୃତ୍ୟୁକୁ ନେଇ ରାସ୍ତା ଅବରୋଧ ଓ ପୋଡ଼ାଜଳା ଘଟଣାପରେ ପୋଲିସ କେସନଂ ୫୪୭/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଯାଜପୁର ରୋଡ଼ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି । ସୂଚନା ଅନୁଯାୟୀ ପ୍ରେମ ଘଟଣାରୁ ହତ୍ୟାକାଣ୍ଡ ହୋଇଥିବା ମୃତ ଯୁବକର ପରିବାର ପକ୍ଷରୁ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା । ପୋଲିସ ଅଭିଯୋଗକୁ ଆଧାରକରି ଅଭିଯୁକ୍ତ ଝିଅ ଓ ମା’କୁ ଥାନାକୁ ଆଣି ପଚରା ଉଚରା କରୁଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ସରକାରୀ ଅଧିକାରୀ ଟାର୍ଗେଟ୍‌ରେ:ହନିଟ୍ରାପ୍ ମାୟାରେ ୭୦ ଲକ୍ଷ ଗାଏବ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକରେ ରହୁଥିବା ସରକାରୀ ଅଧିକାରୀଙ୍କୁ ଟାର୍ଗେଟ୍ କରୁଛନ୍ତି ହନିଟ୍ରାପ୍ ଗ୍ୟାଙ୍ଗ୍ । ନିଜକୁ ଲଣ୍ଡନ, ନେଦରଲ୍ୟାଣ୍ଡ, ଇଂଲଣ୍ଡର ଡାକ୍ତର, ନୌସେନା ଅଧିକାରୀ ପରିଚୟ ଦେଇ ବିବାହର ପ୍ରତିଶ୍ରୁତି ଦେଉଛନ୍ତି । ଏହାପରେ ବିଦେଶୀ ମୁଦ୍ରା ସହିତ ଓଡ଼ିଶା ଆସୁଥିବା କହି ଦିଲ୍ଲୀ ବିମାନବନ୍ଦରରେ ଫସୁଥିବା ନାଟକ କରୁଛନ୍ତି । ଏହାପରେ କଟକର ସରକାରୀ ଚାକିରିଆଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି । ବର୍ତ୍ତମାନସୁଦ୍ଧା କଟକର ୪ଟି ଘଟଣାରେ ୭୦ ଲକ୍ଷ ୨୫ ହଜାର ହଡ଼ପ କରି ନେଇଛନ୍ତି । ଏହି ଗ୍ୟାଙ୍ଗ ଏହି କାରବାରରେ ମୂଳ ଅପରାଧୀଙ୍କ ନିକଟରେ ପହଞ୍ଚିବା ବଡ଼ ଆହ୍ୱାନ ହେଉଛି । ସୂଚନା ଅନୁଯାୟୀ ବିଦେଶରୁ ଡାକ୍ତର, ନୌସେନା ଅଧିକାରୀଙ୍କ ପରିଚୟ ଦେଇ ଫୋନ୍ କରୁଥିବା ସାଇବର ଅପରାଧୀ ଗ୍ୟାଙ୍ଗ୍ ଜିଲ୍ଲା କୁତବ ନଗର, ତିଲକ୍ ନଗର ଥାନା ମହାବୀର ନଗର, ବସନ୍ତ ବିହାର, ଉତ୍ତମ ନଗର ଥାନା ମୋହନ ଗାର୍ଡେନ୍, ସାହାଦର୍‌ର ପୂର୍ବ ବାବର୍‌ପୁରରୁ ନାଇଜେରିଆନ୍ ଗ୍ୟାଙ୍ଗ ଦ୍ୱାରା ନିୟନ୍ତ୍ରଣ ହେଉଛି । ଏମାନେ ଭାରତକୁ ଟ୍ୟୁରିଷ୍ଟ ଭିସାରେ ଆସି ଦିଲ୍ଲୀରେ ରହୁଛନ୍ତି । ସେହି ଅଞ୍ଚଳରେ ମାଛ, ପନିପରିବା ଓ ତେଜରାତି ଦୋକାନ ଖୋଲି ପାର୍ଟଟାଇମ୍ ବ୍ୟବସାୟ କରୁଛନ୍ତି । ଏମାନେ ହନିଟ୍ରାପ୍ କରିବା ପାଇଁ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍‌କୁ ମୁଖ୍ୟତଃ ବ୍ୟବହାର କରୁଛନ୍ତି । ଭର୍ଚ୍ୟୁଆଲ୍ ନମ୍ବରରେ ଫୋନ୍ କଲ୍ କରୁଛନ୍ତି । ଏହି ନମ୍ବର ସାଇବର୍ ଅପରାଧୀ ଠାବ କରିବା କଷ୍ଟକର । ଯେଉଁ ଆକାଉଣ୍ଟରେ ଏହି ଟଙ୍କା କାରବାର ହେଉଛି ଏଗୁଡ଼ିକ ବିହାର, ମିଜୋରାମ, ମଣିପୁର, ସିକିମ୍, ଅରୁଣାଚଳ ପ୍ରଦେଶ, ତ୍ରିପୁରାରୁ ଭଡ଼ାରେ ଆସୁଥିବା ଜଣାପଡୁଛି । ଏହି ଆକାଉଣ୍ଟ ସମ୍ପର୍କରେ ଖୋଳତାଡ଼ କଲେ ବି ପ୍ରକୃତ ଅପରାଧୀଙ୍କ ନିକଟରେ ସାଇବର୍ ପୋଲିସ ପହଞ୍ଚିପାରୁନାହିଁ । ୨୦୨୨ ସେପ୍ଟେମ୍ବର ୧୫ରେ ବିଡାନାସୀର ଜଣେ ଯୁବତୀ ହନିଟ୍ରାପ୍‌ର ଶିକାର ହୋଇଥିବା କଟକ କମିସନରେଟ୍ ପୋଲିସର ସାଇବର୍ ଥାନାରେ ପ୍ରଥମ ଏତଲା ହୋଇଥିଲା । ଲଣ୍ଡନରେ ନୌସେନାରେ କାମ କରୁଥିବା ସ୍କଟ୍‌ଲାଣ୍ଡର ଅହମ୍ମଦ ଡାନିଆଲ ବୋଲି ପରିଚୟ ଦେଇ ଜଣେ ଯୁବକ ବିଡାନାସୀ ଅଞ୍ଚଳର ଏହି ଯୁବତୀଙ୍କ ନିକଟରୁ ୭ ଲକ୍ଷ ୯୫ ହଜାର ଟଙ୍କା ଲୁଟି ନେଇଥିଲା । ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ତା’ ସୁନା ସମେତ ବିଦେଶୀ ବ୍ୟାଗ୍, ଚପଲ୍, ଡଲାର୍, ଗିଫ୍ଟ କଷ୍ଟମ ବିଭାଗ ଅଧିକାରୀ ଜବତ କରିଥିବା କହି ଯୁବତାଙ୍କୁ ଫୋନ୍ କରିଥିଲା ଏହାକୁ ମୁକୁଳାଇବାକୁ କହି ଟଙ୍କା ଲୁଟିନେଇଥିଲା । ସେହିଭଳି ଦ୍ୱିତୀୟ ଘଟଣାରେ କଟକର ଜଣେ ମହିଳା ଫସିଥିଲେ । ନେଦରଲ୍ୟାଣ୍ଡର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ପରିଚୟ ଦେଇ ପଟ୍ରିକ୍ ଚିଜୋରୋମ୍ ଓରାଜାଜ୍ କଥା ହୋଇଥିଲେ । ସେ ଓଡ଼ିଶା ଆସୁଥିବା କହି ନୂଆଦିଲ୍ଲୀ ଏୟାରପୋର୍ଟରେ ତାଙ୍କ ବିଦେଶୀ ମୁଦ୍ରା କଷ୍ଟମ ଅଧିକାରୀ ଜବତ କରିଥିବା କହିଥିଲା । ଏହି ଟଙ୍କା ଛାଡ଼ କରିବାକୁ ହେଲେ ଟଙ୍କା ପଠାଇବାକୁ କହି କଟକର ମହିଳାଙ୍କ ନିକଟରୁ ୨୮ ଲକ୍ଷ ୬୮ ହଜାର ଟଙ୍କା ଲୁଟି ନେଇଥିଲା । କ୍ରାଇମ୍‌ବ୍ରାଞ୍ଚ ପଟ୍ରିକ୍‌କୁ ୨୦୨୨ ଡିସେମ୍ବର ୧୫ରେ ନୂଆଦିଲ୍ଲୀ ବେଙ୍ଗଲୀ କଲୋନୀରେ ଥିବା ମହାବୀର ଏନ୍‌କ୍ଲେଭରୁ ଗିରଫ କରିଥିଲା । ତୃତୀୟ ଘଟଣାରେ କଟକ ସହରରେ ରହୁଥିବା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ ପଦରୁ ଅବସର ନେଇଥିବା ଜଣେ ବରିଷ୍ଠ ନାଗରିକ ହନିଟ୍ରାପ୍‌ର ଶିକାର ହୋଇଥିଲେ । ଇଂଲଣ୍ଡ ମଞ୍ଚେଷ୍ଟର୍‌ରେ ରହୁଥିବା ଲିଓନା ଜିମି ନିଜକୁ ସୁନା ବ୍ୟବସାୟୀ ପରିଚୟ ଦେଇଥିଲା । ଭାରତ ଆସିଲେ ତାଙ୍କୁ ସୁନା ଉପହାର ଦେବାକୁ କହିଥିଲେ । ଦିଲ୍ଲୀରେ ଏୟାର ପୋର୍ଟରେ ୪୦ ହଜାର ପାଉଣ୍ଡ କଷ୍ଟମ୍ ଅଧିକାରୀ ଜବତ କରିଥିବା କହି ଏହାକୁ ଛାଡ଼ କରିବାକୁ ହେଲେ ଟଙ୍କା ପଠାଇବାକୁ ଲିଓନା କହିଥିଲେ । ଏଭଳି କହି ବରିଷ୍ଠ ନାଗରିକଙ୍କ ନିକଟରୁ ୨୦ ଲକ୍ଷ ୬୨ ହଜାର ଟଙ୍କା ଲୁଟିଥିବା ୨୦୨୩ ଜୁନ୍ ୧୬ ରେ କଟକ ସାଇବର୍ ଥାନାରେ ଏତଲା ହୋଇଥିଲା । ଚତୁର୍ଥ ଘଟଣାରେ ବି କଟକର ଜିଲ୍ଲା ପ୍ରଶାସନରେ କାର୍ଯ୍ୟ କରୁଥିବା ବାଗଙ୍ଗର ଜଣେ ମହିଳା କର୍ମଚାରୀ ଫସିଛନ୍ତି । ୩ବର୍ଷ ହେବ ଫେସ୍‌ବୁକ୍‌ରେ ୟୁ.କେର ଡାକ୍ତର ପରିଚୟ ଦେଉଥିବା ରକି ତାଙ୍କ ନିକଟରୁ ୧୩ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଦିଲ୍ଲୀ ବିମାନବନ୍ଦରରେ ବ୍ରିଟିସ୍ ପାଉଣ୍ଡ ଫସିଥିବା ବେଳେ ଏହାକୁ ନେବାକୁ ହେଲେ ଟଙ୍କା ପଠାଇବା ନେଇ ରକି କହିଥିଲେ । କଟକର ମହିଳା କର୍ମଚାରୀଙ୍କ ନିକଟରୁ ଏଭଳି ଉପାୟରେ ଟଙ୍କା ଲୁଟିଥିଲେ । ଏହି ଟଙ୍କା ଉତ୍ତରପ୍ରଦେଶ ଓ ବିହାର ଯାଇଥିବା ତଦନ୍ତ ସମୟରେ ଜଣାପଡ଼ିଛି । ସାଇବର୍ ଥାନା ପୋଲିସ ଏହି ମାମଲାଗୁଡ଼ିକର ଅଧିକ ଖୋଳତାଡ଼ କରୁଥିବା ବେଳେ ମୂଳ ଅପରାଧୀଙ୍କ ନିକଟରେ ପହଞ୍ଚିବାକୁ ଯୋଜନା କରୁଥିବା ସୂଚନା ମିଳିଛି ।

# ରାଜୌରୀରେ ସୈନ୍ୟ ଶିବିର ଉପରେ ଆତଙ୍କବାଦୀ ଆକ୍ରମଣ:ଜଣେ ଯବାନ ଆହତ

**ରାଜୌରୀ, ନ୍ୟୁଜ୍ ବ୍ୟୁରୋ**

ରାଜୌରୀ ଜିଲ୍ଲାର ମଂଜାକୋଟରେ ଏକ ସୈନ୍ୟ ଶିବିର ଉପରେ ରବିବାର ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ । ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ଯବାନ ଆହତ ହୋଇଛନ୍ତି । ଆହତ ଯବାନଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରବିବାର ରାଜୌରୀ ଜିଲ୍ଲାର ମଂଜାକୋଟ ସ୍ଥିତ ଏହି ସୈନ୍ୟ ଶିବିର ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ । ସେଠାରେ ଉପସ୍ଥିତ ଥିବା ଯବାନମାନେ ଏହାର ପାଲଟା ଜବାବ ରଖିଥିଲେ । ଫଳରେ ଆତଙ୍କବାଦୀ ସେଠାରୁ ଛତ୍ରଭଙ୍ଗ ଦେବାକୁ ବାଧ୍ୟ ହୋଇଥିଲେ । ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ଯବାନ ଆହତ ହୋଇଛନ୍ତି । ଆହତ ଯବାନଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେନା ଓ ପୋଲିସ ଆକ୍ରମଣକାରୀଙ୍କୁ ଖୋଜି ବାହାର କରିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି । ଆତଙ୍କବାଦୀମାନେ ଘନ ଜଙ୍ଗଲର ସୁଯୋଗ ନେଇ ସେଠାରୁ ଖସି ପଳାଇଯିବାରେ ସକ୍ଷମ ହୋଇଥିଲେ । ଖବର ଲେଖାଯିବା ସୁଦ୍ଧା ସୁରକ୍ଷାବଳ ପକ୍ଷରୁ ତଲାସୀ ଅଭିଯାନ ଜାରି ରହିଛି ।

# ପୁଣେରେ ଜିକା ଭାଇରସ୍‌ର ୫ ନୂଆ ରୋଗୀ, ପ୍ରଶାସନ ସତର୍କ

**ମୁମ୍ବାଇ, ନ୍ୟୁଜ୍ ବ୍ୟୁରୋ**

ମହାରାଷ୍ଟ୍ରର ପୁଣେ ଜିଲ୍ଲାରେ ଜିକା ଭାଇରସ୍‌ର ୫ ନୂଆ ରୋଗୀ ଚିହ୍ନଟ ହେବାପରେ ପ୍ରଶାସନ ସତର୍କ ହୋଇଛି । ଏହି ୫ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା । ଶନିବାର ସନ୍ଧ୍ୟାରେ ସମସ୍ତଙ୍କ ରକ୍ତ ନମୁନାରେ ଜିକା ଭାଇରସ୍‌ର ଚିହ୍ନଟ କରାଯାଇଛି । ଏମାନଙ୍କ ମଧ୍ୟରେ ୩ ଜଣ ଗର୍ଭବତୀ ମହିଳା ଅଛନ୍ତି । ପୁଣେରେ ଏବେ ମୋଟ ୧୧ଟି ମାମଲା ସାମ୍ନାକୁ ଆସିଛି । ଏହାପରେ ପୁଣେ ନଗର ନିଗମ ନାଗରିକଙ୍କୁ ସାବଧାନ ରହିବାକୁ ଅପିଲ୍ କରିଛି । ପୁଣେରେ ଚିହ୍ନଟ ସମସ୍ତ ସଂକ୍ରମିତ ରୋଗୀଙ୍କ ଚିକିତ୍ସା ଜାରି ରହିଛି ।

# ଦେବଘରରେ ୩ ମହଲା ବିଲ୍ଡିଂ ଭୁଶୁଡ଼ିଲା:ଉଦ୍ଧାର କାର୍ଯ୍ୟ ଜାରି

**ଦେବଘର, ନ୍ୟୁଜ୍ ବ୍ୟୁରୋ**

ଝାରଖଣ୍ଡର ଦେବଘରରେ ରବିବାର ସକାଳେ ବଡ଼ ଦୁର୍ଘଟଣା ହୋଇଛି । ନଗର ଥାନା ଅଞ୍ଚଳରେ ସୀତା ହୋଟେଲ ନିକଟରେ ଏକ ତିନି ମହଲା ବିଲ୍ଡିଂ ଭୁଶୁଡି ପଡିଛି । ଦୁର୍ଘଟଣାରେ ୧୦ରୁ ୧୨ଜଣ ଲୋକ ଏହା ତଳେ ଦବିଯାଇଥିବା ଆଶଙ୍କା କରାଯାଉଛି । ଭୁଶୁଡି ପଡିଥିବା ବିଲ୍ଡିଂ ତଳେ ୪ ଜଣ ଲୋକ ଦବିଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବିଲ୍ଡିଂ ଭୁଶୁଡିବା ପରେ ଏନଡିଆରଏଫ ଓ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଘଟଣାସ୍ଥଳକୁ ପଠାଯାଇଥିଲା । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।



# ଉତ୍ତରାଖଣ୍ଡରେ ବର୍ଷାର ତାଣ୍ଡବ

**ଡେରାଡୁନ୍, ନ୍ୟୁଜ୍ ବ୍ୟୁରୋ**

ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ବାଧାପ୍ରାପ୍ତ ହୋଇଛି । ପାଣିପାଗ ବିଭାଗର ରେଡ଼ ଆଲର୍ଟ ପରେ ସରକାର ବି ଆଲର୍ଟ ହୋଇଛନ୍ତି । ପାହାଡ଼ରେ ପ୍ରବଳ ବର୍ଷା କାରଣରୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନର ବିପଦ ଦେଖାଦେଇଛି । ଏବେ ଚାରିଧାମ ଯାତ୍ରା ବି ଥମିଯାଇଛି । ଲୋକଙ୍କୁ ବୁଝିବିଚାରି ବାହାରକୁ ବାହାରିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି । ବର୍ଷା ସମୟରେ ଯାତ୍ରା ନକରିବାକୁ ଚାରିଧାମ ଯାତ୍ରାରେ ଆସିଥିବା ଶ୍ରଦ୍ଧାଳୁଙ୍କୁ ପରାମର୍ଶ ଦିଆଯାଇଛି । ବର୍ଷା ହେଲେ ଯେଉଁଠାରେ ଅଛନ୍ତି, ସେଠାରେ ରହିବାକୁ କୁହାଯାଇଛି । ଅନ୍ୟପଟେ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନରେ ରହିବାକୁ ସେ ସମସ୍ତ ଲୋକଙ୍କୁ ଅପିଲ୍ କରିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୯।୭।୨୦୨୪, ଆଷାଢ ଦି୨୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୫।୧୪।୧୧** **ଚନ୍ଦ୍ରୋଦୟ- ଦିଘ୮।୦୩।୨୦**

**ତୃତୀୟା ମଳ**- ପ୍ରାଘ ୬।୦୯ ପର୍ଯ୍ୟନ୍ତ । **ଅଶ୍ଲେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ପ୍ରାଘ ୭।୫୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ପ୍ରାଘ ୭।୫୩ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ପ୍ରାଘ ୭।୫୩ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ପ୍ରାଘ ୬।୦୯ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୭ ଗତେ ଘ ୬।୫୬ ମଧ୍ୟେ । ଦିଘ ୯।୪୦ ଗତେ ଘ ୧୨।୧୮ ମଧ୍ୟେ। **ପର୍ବୋତ୍ସବ-** ବିପତ୍ତାରିଣୀ ବ୍ରତ ।


**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ବଜାୟ ରହିବ । ମହିଳାମାନେ ସୁଖୀ ହେବେ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।


**ବୃଷ:** ଦୂର ସ୍ଥାନକୁ ଯାତ୍ରା କରି ସଫଳତା ହାସଲ କରିବେ । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଶ୍ରେୟସ୍କର । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।


**ମିଥୁନ:** କାର୍ଯ୍ୟକ୍ଷେତ୍ରରୁ ସଫଳତା ପାଇବେ । ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା ।


**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ । ଖର୍ଚ୍ଚର ମାତ୍ରା ବଢ଼ିପାରେ । ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ ।


**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା । ଦେହ ଓ ମନ ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି । ଆୟ ଯୋଗ ମଧ୍ୟ ରହିଛି ।


**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡ଼ିପାରେ । କୁ-ଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଦେଖାଦେବାର ସୂଚନା ।


**ତୁଳା:** ବ୍ୟବସାୟରୁ ଲାଭବାନ୍ ହେବେ । ପାରିବାରିକ ଜୀବନ ହସଲା ଫୁରିଲା ହେବ । ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।


**ବିଛା:** ଶତ୍ରୁ ପରାସ୍ତ ହେବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଭ୍ରମଣ ଯୋଗ ରହିଛି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।


**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ଆୟର ପରିମାଣ ବଢ଼ିବାର ସୂଚନା ।


**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ବ୍ୟୟର ପରିମାଣ ଅଧିକ ହେବ । ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ ।


**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ । କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ରୋଜଗାର ଭଲ ହେବ ।


**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ଶରୀର ସୁସ୍ଥ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ମଧ୍ୟମ ଧରଣର ହେବ । ଘରେ ଶାନ୍ତିର ବାତାବରଣ ରହିବ । ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୦।୭।୨୦୨୪, ଆଷାଢ ଦି୨୬ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୦୫।୧୪।୩୨** **ଚନ୍ଦ୍ରୋଦୟ- ଦିଘ୮।୫୪।୧୬**

**ଚତୁର୍ଥୀ**- ପ୍ରାଘ ୭।୫୨ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର-** ଦିଘ ୧୦।୧୬ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୭।୫୨ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୬ ଗତେ ଘ ୮।୩୫ ମଧ୍ୟେ । ଦିଘ ୨।୦୩ ଗତେ ଘ ୫।୩୩ ମଧ୍ୟେ। **ପର୍ବୋତ୍ସବ-** ମଘା ପଞ୍ଚମୀ ସ୍ନାନ।

30 YEARS
ସମ୍ବାଦ କଳିକା

# ଭାରତୀୟ ଷ୍ଟକ୍ ବଜାରରେ ୧୨,୧୭୦ କୋଟି ନିବେଶ

ଭାରତରେ ଲୋକସଭା ନିର୍ବାଚନ ଚାଲିଥିବା ବେଳେ ଫଳାଫଳକୁ ନେଇ ଅନିଶ୍ଚିତତା ଦେଖାଦେବାରୁ ମାର୍ଚ୍ଚ ପରଠାରୁ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବିକ୍ରି କରିବା ଆରମ୍ଭ କରିଥିଲେ। ମେ' ମାସ ପର୍ଯ୍ୟନ୍ତ ସେହି ଧାରା ଜାରି ରହିଥିଲା। ଜୁନ୍ ୪ରେ ନିର୍ବାଚନ ଫଳ ପ୍ରକାଶ ପାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ଶାସନ ଭାର ମିଳିଛି। ଏଥି ସହିତ ଭାରତରୁ ମୁହଁ ଫେରାଇଥିବା ବିଦେଶୀ ନିବେଶକମାନଙ୍କ ପ୍ରତ୍ୟାବର୍ତ୍ତନ ମଧ୍ୟ ହୋଇଛି। ବୈଦେଶିକ ପୋର୍ଟଫୋଲିଓ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାରରେ ୧୨,୧୭୦ କୋଟି ଟଙ୍କା ନିବେଶ କରିଛନ୍ତି। ଚଳିତ ମାସର ପ୍ରଥମ ସପ୍ତାହରେ ସେମାନେ ୧୪,୭୯୪ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। କିନ୍ତୁ ଦ୍ୱିତୀୟ ସପ୍ତାହ ବେଳକୁ ସେଥିରେ ସୁଧାରର ସଙ୍କେତ ସ୍ପଷ୍ଟ ବାରି ହୋଇପଡ଼ିଥିଲା। କାରଣ ସେହି ସପ୍ତାହରେ ସେମାନେ ୩୦୬୪ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଚଳିତ ବର୍ଷ ଜାନୁଆରିରେ ବିଦେଶୀ ନିବେଶକମାନେ ୨୫,୭୭୪ କୋଟି ଟଙ୍କା, ଏପ୍ରିଲ୍‌ରେ ୮,୬୭୧ କୋଟି ଟଙ୍କା ଏବଂ ମେ'ରେ ସର୍ବାଧିକ ୨୫,୫୮୬ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। କିନ୍ତୁ ଫେବ୍ରୁୟାରୀ ମାସରେ ସେମାନେ ୧୫୩୯ କୋଟି ଟଙ୍କାର ସେୟାର ଏବଂ ମାର୍ଚ୍ଚରେ ୩୫,୦୯୮ କୋଟି ଟଙ୍କାର ସେୟାର କିଣିଥିଲେ।

ଜିଓଜିତ୍ ଫାଇନାନ୍ସିଆଲ୍ ସର୍ଭିସେସ୍‌ର ମୁଖ୍ୟ ନିବେଶ ଅଧିକାରୀ ଭି କେ ବିଜୟକୁମାର କହିଛନ୍ତି ଯେ ଯେଉଁଠାରେ ମୂଲ୍ୟ ଅଧିକ ସେହି ଷ୍ଟକ୍‌ଗୁଡ଼ିକୁ ବିଦେଶୀ ନିବେଶକମାନେ ବିକ୍ରି କରୁଥିବା ବେଳେ କମ୍ ମୂଲ୍ୟର ଷ୍ଟକ୍‌କୁ କିଣୁଛନ୍ତି। ଏହି ରଣନୀତି ନେଇ ସେମାନେ ଏବେ ଆଗକୁ ବଢୁଛନ୍ତି। ବିଦେଶୀ ନିବେଶକମାନେ ଭାରତର ଆର୍ଥିକ ସେବା, ଟେଲିକମ୍, ରିଅଲ୍ ଇଷ୍ଟେଟ୍, ଏଫ୍‌ଏମ୍‌ସିଜି, ଆଇଟି, ଧାତବ, ତୈଳ ଓ ଗ୍ୟାସ୍ କମ୍ପାନିଗୁଡ଼ିକର ସେୟାର କିଣୁଛନ୍ତି। ମୋଦି ସରକାରଙ୍କ ତୃତୀୟ ପାଳିରେ ସଂସ୍କାର ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ବିଦେଶୀ ନିବେଶକମାନଙ୍କ ଭିତରେ ଧାରଣା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଚୀନ୍ ଅର୍ଥନୀତି ନିମ୍ନମୁଖୀ ହେଉଥିବାରୁ ନିବେଶକମାନେ ଅଧିକ ରିଟର୍ଣ୍ଣ ଦେଉଥିବା ଭାରତୀୟ ବଜାର ମୁହାଁ ହୋଇଛନ୍ତି। ଆଗାମୀ ଦିନରେ ମଧ୍ୟ ବିଦେଶୀ ନିବେଶକମାନଙ୍କ ନିବେଶ ଜାରି ରହିବ ବୋଲି ଆଶା କରାଯାଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**



ଶ୍ରୀ ଅଭିରାମ ସରସ୍ୱତୀ

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବୁ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ୱ ସମର୍ପିସ୍ୱ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତେ ରଖି
ଦେଉଛି ଆହେ ନନ୍ଦବସ୍ଥି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# ଭୂକମ୍ପ ପ୍ରବଣ ଅଞ୍ଚଳର ଇତିହାସ ଓ ଭବିଷ୍ୟତ(୩)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବଥର ଆମେ ଭାରତବର୍ଷରେ ଭୂମିକମ୍ପ କ୍ଷେତ୍ରର (seismic zone categorization) ବର୍ଗୀକରଣ, ଭୂକମ୍ପ ପ୍ରବଣ ଅଞ୍ଚଳ ଓ କେଉଁ କେଉଁ କ୍ଷେତ୍ର କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଛି ସେ ସମ୍ବନ୍ଧରେ ବୈଜ୍ଞାନିକ ମାନଙ୍କର ମତାମତ ବିଷୟରେ ଚର୍ଚ୍ଚା କରିଥିଲୁ।

ସଂକ୍ଷେପରେ କହିଲେ ସମଗ୍ର ଦେଶକୁ ଚାରୋଟି ମହାମଣ୍ଡଳ କିମ୍ବା ଜୋନ୍ (zone)ରେ ବିଭକ୍ତ କରାଯାଇଛି । ଐତିହାସିକ ଭୂକମ୍ପ ଏବଂ ଦୃଢ ସ୍ଥଳଗତି ଉପରେ ଆଧାର କରି ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (BIS) ଦ୍ୱାରା ପ୍ରସ୍ତୁତ ଭାରତର ଭୂକମ୍ପ ଜୋନିଂ (zoning) ମାନଚିତ୍ର ଅନୁଯାୟୀ ଚାରୋଟି ମହାମଣ୍ଡଳ ହେଲା; V, IV, III ଏବଂ II । ଏହି ଜୋନ୍ ମଧ୍ୟରୁ ଜୋନ୍ V ସର୍ବାଧିକ ଭୂକମ୍ପ ବିପଦକୁ ପ୍ରଦର୍ଶିତ କରେ ଏବଂ ଜୋନ୍-II ସର୍ବନିମ୍ନ ଅଛି । ଭାରତର ୪୧% ଅଞ୍ଚଳ ଜୋନ୍ II ଦ୍ୱିତୀୟରେ ଭୂକମ୍ପ ପ୍ରବଣ ଅଞ୍ଚଳରେ ରହିଛି। ଜୋନ୍ ତୃତୀୟ, କିମ୍ବା ମଧ୍ୟମ ଭୂକମ୍ପ, ଭାରତର ୩୦%ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ । ସେହିପରି ଦେଶର ସମୁଦାୟ କ୍ଷେତ୍ରର ୧୮ %ଅଞ୍ଚଳ ଏହି ଜୋନ୍‌ର ଅନ୍ତର୍ଭୁକ୍ତ। ଭାରତବର୍ଷରେ କେବଳ ୧୧% ଅଞ୍ଚଳ ଅତ୍ୟଧିକ ବିପଦପୂର୍ଣ୍ଣ କ୍ଷତି କ୍ଷେତ୍ର ଅଛି।

ଆଜି ଆଉ କିଛି ପୁରୁଣା ମତବାଦ ବିଷୟରେ ଚର୍ଚ୍ଚା କରିବା। ଏହାକୁ ଗ୍ରୋଲିଏର ପ୍ରକାଶନ, କନେକଟିକଟ ଦ୍ୱାରା ମୁଦ୍ରିତ 'The New Book of Popular Science' ର ଦ୍ୱିତୀୟ ଭାଗରୁ ନିଆଯାଇଛି। ପୂର୍ବ ଆଲେଖ୍ୟରେ କେତେ ଗୁଡିଏ ଶବ୍ଦର ଅର୍ଥ ଆମେ ବ୍ୟାଖ୍ୟା କରିଥିଲୁ ତେଣୁ ସେଗୁଡିକୁ ପୁନଃ ସ୍ପଷ୍ଟ କରିବା ଦରକାର ମନେ ହୁଏ ନାହିଁ।

ମାନବ ଇତିହାସରେ, ଭୂକମ୍ପର ଅପ୍ରତ୍ୟାଶିତତ ଏବଂ ବିନାଶକାରୀ ପ୍ରଭାବ କିଛି କଳ୍ପନାତ୍ମକ ବ୍ୟାଖ୍ୟା ସୃଷ୍ଟି କରିଥିଲା। ଜାପାନରେ କମ୍ପନଗୁଡିକ ଏକ ବିଶାଳ କ୍ୟାଟଫିସ (ବିଲେଇ ପରି ନିଶ ଥିବା ମାଛ)ର ଭୂତଳ ଷ୍ଟ୍ରାଇଙ୍ଗ-ରିଙ୍ଗ ଦ୍ୱାରା ଘଟିଥିବାର ଅନୁମାନ କରାଯାଉଥିଲା, ସାଧାରଣତଃ ଏକ ଜାଗ୍ରତ ଦେବତାଙ୍କ ଦ୍ୱାରା ଏକ ବଡ ହାତୁଡି ଦ୍ୱାରା ପ୍ରତିବନ୍ଧିତ ହୋଇଥିଲା ବୋଲି କୁହାଯାଉଥିଲା। ଏହି ପ୍ରକାର ବିଶ୍ୱାସ ବା ସମାନ୍ତରାଳ ଧାରଣା ଥିଲା ଚୀନ୍ ଏବଂ ଭାରତରେ। ଏହା ବ୍ୟତୀତ ଏକ ବଡ କଇଁଛ ଏବଂ ଏକ ବିଶାଳ ଚୁଚୁନ୍ଦ୍ରା ଏ ଅପରାଧ ସହ ସମ୍ପୃକ୍ତ ବୋଲି ମଧ୍ୟ କୁହାଯାଉଥିଲା। ପ୍ରାୟ ୩୦୦ ଖ୍ରୀଷ୍ଟପୂର୍ବରେ, ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ୍ ଏକ ତତ୍ତ୍ୱ ଦେଇଥିଲେ ଯେ ଉପରୁ ପବନ ପୃଥିବୀର ଗଭୀରତମରେ ପ୍ରବେଶ କରିଥିଲା। ନିଆଁରେ ଉତ୍ତେଜିତ ହୋଇ ବାହାରକୁ ଆସି ପାରୁନଥିବାରୁ ଏହି ପବନଗୁଡ଼ିକ ଭୂକମ୍ପ ସୃଷ୍ଟି କରିଥିଲା ଏବଂ ବେଳେବେଳେ ଆଗ୍ନେୟଗିରି ପରି ବିସ୍ଫୋରଣ ହେଉଥିଲା ।





ଚିତ୍ର : କେତେକ ଭୂକମ୍ପ ପ୍ରବଣ ଅଞ୍ଚଳ
ସୌଜନ୍ୟ: ଗ୍ରୋଲିଏର ପ୍ରକାଶନ, କନେକଟିକଟ ଦ୍ୱାରା ମୁଦ୍ରିତ 'The New Book of Popular Science' ର ଦ୍ୱିତୀୟ ଭାଗ

ଆଧୁନିକ ଭୌଗୋଳିକ ଅନୁସନ୍ଧାନ ଦ୍ୱାରା ପୃଥିବୀର ଗଠନ ଏବଂ ଭୂକମ୍ପର କାରଣ ବିଷୟରେ ଅଧିକ ସ୍ପଷ୍ଟ ତଥ୍ୟ ଆସିଛି। ବୈଜ୍ଞାନିକମାନେ ବର୍ତ୍ତମାନ ଜାଣିଛନ୍ତି ଯେ ପୃଥିବୀର ଗଭୀରତମ ଭୌଗୋଳିକ ଶକ୍ତି ଏହାର ଉପର ସ୍ତର ମଧ୍ୟରେ ଗତି କରିଥାଏ । ଭୂଗର୍ଭରେ ଥିବା କଠିନ ଆବରଣ (କ୍ରଷ୍ଟାଲ୍ ପ୍ଲେଟ୍) ଏବଂ ଭୂକମ୍ପ ପୃଥିବୀର କଠିନ ପୃଷ୍ଠ ବା ଲିଥୋସ୍ଫିୟର ଅପେକ୍ଷାକୃତ ପତଳା, ସମୁଦ୍ର ତଳେ ପ୍ରାୟ ୪୦ ମାଇଲ୍ (୬୫ କିଲୋମିଟର) ଗଭୀରତା ପର୍ଯ୍ୟନ୍ତ ବିସ୍ତୃତ ହୋଇଛି । ଯଦି ପୃଥିବୀକୁ କୁକୁଡ଼ାଙ୍କ ଅଣ୍ଡା ସହିତ ତୁଳନା କରାଯାଏ, ତେବେ କଠିନ ପୃଷ୍ଠଟି ଅଣ୍ଡା ଖଣ୍ଡ ଅପେକ୍ଷା ପତଳା ହେବ। ଲିଥୋସ୍ଫିୟର ଏକ କଠିନ ଆବରଣ (ଶେଲ୍) ନୁହେଁ । ଏହା ଅନେକଗୁଡ଼ିଏ ବଡ଼ ଖଣ୍ଡରେ ବିଭକ୍ତ, ଯାହାକୁ ପ୍ଲେଟ୍ କୁହାଯାଏ, ଯାହା ପ୍ରସ୍ଥରେ ଶହରୁ ହଜାରେ ମାଇଲ୍ ମଧ୍ୟରେ ଭିନ୍ନ ହୋଇଥାଏ । ପ୍ଲେଟଗୁଡିକ ଧୀର, କ୍ରମାଗତ ଗତି (ସାଧାରଣତଃ ବର୍ଷକୁ କିଛି ଇଞ୍ଚ ହାରରେ)ପରସ୍ପରକୁ ସମ୍ମାନ ସହିତ ପ୍ଲେଟଗୁଡିକ ମଧ୍ୟରେ ଥିବା ମାଧ୍ୟାକର୍ଷଣ ଶକ୍ତି ଏବଂ ପୃଥିବୀର ଭିତରର ତାପଜ ଚାଳିତ କନଭେକସନ୍ ସ୍ରୋତଗୁଡିକ ପ୍ଲେଟ୍ ଗତିର ମୂଳଦୁଆ ବୋଲି ଚିନ୍ତାକରାଯାଏ ।

କେତେକ କ୍ଷେତ୍ରରେ, ପ୍ଲେଟଗୁଡିକ ଅଲଗା ହୋଇ ଆକାରରେ ବୃଦ୍ଧି ପାଉଛି ଯାହା ତରଳ ପଦାର୍ଥର ଥଣ୍ଡା ଏବଂ କଠିନତା ଯୋଗୁଁ ପ୍ଲେଟଗୁଡିକ ମଧ୍ୟରେ ଉପରକୁ ଉଠିବାକୁ ବାଧ ହୋଇଛି । ଏହାର ଏକ ମୁଖ୍ୟ ଉଦାହରଣ ହେଉଛି ମଧ୍ୟ-ଆଟଲାଣ୍ଟିକ୍ ରିଜ୍ କୂଳରେ ଘଟୁଥିବା ସାମୁଦ୍ରିକ ବିସ୍ତାର । ଅନ୍ୟଟି କାଲିଫର୍ଣ୍ଣିଆର କୁଖ୍ୟାତ ଆଣ୍ଡ୍ରିଆସ୍ ତ୍ରୁଟି ଜୋନ୍‌ରେ ଏହା ଘଟିଥାଏ । ଏକ ତୃତୀୟ ପ୍ରକାରର ପରିସ୍ଥିତିରେ, ଯାହାକୁ ସବଡକସନ୍ ଜୋନ୍ କୁହାଯାଏ, ପ୍ଲେଟଗୁଡିକ ସିଧାସଳଖ ପରସ୍ପର ଭିତରକୁ ଠେଲି ହୋଇଯାଆନ୍ତି, ଯଦ୍ୱାରା ଗୋଟିଏ ପ୍ଲେଟ୍ ଅନ୍ୟର ତଳକୁ ଖସିଯାଏ (ଯେପରି ଆଲାସ୍କା; ଜାପାନ ଏବଂ ଦକ୍ଷିଣ ଏବଂ ମଧ୍ୟ ଆମେରିକାର ପଶ୍ଚିମ ଉପକୂଳରେ) ଦେଖା ଯାଏ। । ସବଡକସନ୍ ହେଉଛି ସମୁଦ୍ର ଚଟାଣ ବିସ୍ତାରର ଠିକ ଓଲଟା । ସାମୁଦ୍ରିକ ସବଡକସନ୍ ସମୟରେ, ପୁରୁଣା ଲିଥୋସ୍ଫିୟର ପ୍ଲେଟଗୁଡିକ ଭିତର ଭିତରକୁ ଚାଲିଯାଏ। କଣ୍ଟିନେଣ୍ଟାଲ୍ ଲିଥୋସ୍ଫିୟର, ହାଲୁକା ହୋଇ ସାଧାରଣତଃ ସବଡକ୍ଟ ହୁଏ ନାହିଁ । ସଂଲଗ୍ନ ପ୍ଲେଟଗୁଡିକ ମଧ୍ୟରେ ଗତିର ପାର୍ଥକ୍ୟ - ଗତିର ଦିଗ ଯାହା ବି ହେଉ ପଥର ଭାଙ୍ଗିଯାଏ, ଭୂକମ୍ପ ସୃଷ୍ଟି କରେ।

ଭୂକମ୍ପରେ ଥିବା ଭଙ୍ଗା, ଯେଉଁଥିରେ ଭୂକମ୍ପ ସମୟରେ ପଥରଗୁଡିକ ବିସ୍ଥାପିତ ହୁଏ, ଏହାକୁ ତ୍ରୁଟି (ଫଲ୍ଟ) କୁହାଯାଏ । ପ୍ରାୟ ୯୫ ପ୍ରତିଶତ ଭୂକମ୍ପ ପାରସ୍ପରିକ ପ୍ଲେଟର ଧାରରେ ଘଟିଥାଏ । ଏହିପରି ପ୍ଲେଟ୍ ଗୁଡିକର ଗତିବିଧି ଦ୍ୱାରା କମ୍ପନ ହୋଇଥାଏ। ଏହାକୁ ଟେକ୍ଟୋନିକ୍ ଭୂକମ୍ପ କୁହାଯାଏ । ଦୁନିଆର ସବୁଠାରୁ ଭୂକମ୍ପ ସକ୍ରିୟ ଅଞ୍ଚଳ, ଯେଉଁଠାରେ ପ୍ରାୟ ୯୦ ପ୍ରତିଶତ ଭୂକମ୍ପ ଘଟିଥାଏ, ତାହା ପ୍ରଶାନ୍ତ ମହାସାଗରରେ ଚାରିପାଖରେ ଏକ ବେଲ୍ଟରେ ଅବସ୍ଥିତ ।

ସମୁଦ୍ର, ସବଡକସନ୍ ଜୋନ୍ ସହିତ ଗଭୀର ସମୁଦ୍ର ଖାଲ ଦ୍ୱାରା ବର୍ଣ୍ଣିତ । ପରବର୍ତ୍ତୀ-ସକ୍ରିୟ କ୍ଷେତ୍ର (ପ୍ରାୟ ୫ ପ୍ରତିଶତ) ହେଉଛି ଆଲପାଇଡ୍ ବେଲ୍ଟ, ଯେଉଁଠାରେ ଏକ ପ୍ଲେଟ୍-ଧକ୍କା ଜୋନ୍, ଭୂମଧ୍ୟ ସାଗରୀୟ ଅଞ୍ଚଳରୁ ତୁର୍କୀ, ଇରାନ ଏବଂ ଉତ୍ତର ଭାରତ ଦେଇ ବିସ୍ତାର ହୋଇଛି । ଅନ୍ୟ ୨ ପ୍ରତିଶତ ଭୂକମ୍ପ ମଧ୍ୟ-ମହାସାଗରରେ ଅବସ୍ଥିତ। ଅବଶିଷ୍ଟ ସକ୍ରିୟ କ୍ଷେତ୍ର ପ୍ଲେଟଗୁଡିକର ଭିତର ଭାଗରେ, ବିଶେଷତଃ ଚାଇନାରେ ଘଟିଥାଏ । ଏପରିକି ସେ ଅଞ୍ଚଳରେ ମଧ୍ୟ ଭୂକମ୍ପ ପ୍ରକୃତିରେ ଟେକ୍ଟୋନିକ୍ ଅଟେ, ଯାହା ଭାରତକୁ ନେଇ ଯାଉଥିବା ପ୍ଲେଟର ଧକ୍କା ସହ ଜଡିତଶକ୍ତି ଦ୍ୱାରା ସୃଷ୍ଟି ହୋଇଥିଲା। କିଛି ଛୋଟରୁ ମଧ୍ୟମ ସ୍ଥାନୀୟ ଭୂକମ୍ପ ମୂଳତଃ ଆଗ୍ନେୟଗିରି ଅଟେ । ଏହା ଭୂତଳ ତରଳ ପଦାର୍ଥ (ମ୍ୟାଗମା) ର ଗତିବିଧି ଦ୍ୱାରା ଉତ୍ପନ୍ନ ହୁଏ ଏବଂ ଭୂପୃଷ୍ଠ ପଥରଗୁଡିକ ଭାଙ୍ଗିଯାଏ । ଅବଶ୍ୟ, ଅଧିକାଂଶ ଆଗ୍ନେୟଗିରି ଉଦ୍ଗୀରଣ ପରି ଭୂକମ୍ପ-ଟେକ୍ଟୋନିକ୍ ଶକ୍ତି ସହିତ ଜଡିତ ଏବଂ ଭୂକମ୍ପ ଅଞ୍ଚଳରେ ଦେଖାଯାଏ ।

ମାନବ ନିର୍ମିତ ଭୂକମ୍ପ-ଭୂକମ୍ପ ବିଜ୍ଞାନୀମାନେ ବିଶ୍ୱାସ କରନ୍ତି ଯେ ଉଭୟ ମାନବ ନିର୍ମିତ ଜଳଭଣ୍ଡାର ଏବଂ ଗଭୀର କୂଅଗୁଡିକ ଭୂପୃଷ୍ଠର ଜଳସ୍ତରର ବୃଦ୍ଧି ଘଟାଇଥାଏ ଏବଂ ପଥରଗୁଡିକ ସେମାନଙ୍କର ଶକ୍ତି ହ୍ରାସ କରିଥାଏ । ଆହୁରି ମଧ୍ୟ, ଜଳର ମାତ୍ରା ବୃଦ୍ଧି ତ୍ରୁଟି ଘଟାଇବା ପାଇଁ ପୂର୍ବରୁ ବିଦ୍ୟମାନ ଥିବା ଭଙ୍ଗା ଜୋନ୍ ଗୁଡ଼ିକୁ ମସୃଣ କରିପାରେ । ୧୯୩୬ ମସିହାରେ ହୁଭର ଡ୍ୟାମ୍ ନିର୍ମାଣ ଦ୍ୱାରା ଏହି କୃତ୍ରିମ ହ୍ରଦ ସୃଷ୍ଟି ହେବା ପରଠାରୁ ନେଭାଡା ଏବଂ ଆରିଜୋନାରେ ଥିବା ହ୍ରଦ ମେଡ୍ ନିକଟରେ କମ୍ପନ ଚିହ୍ନଟ ହୋଇଛି। ଭାରତ, ଇଜିପ୍ଟ, ଗ୍ରୀସ୍, ଗଣତନ୍ତ୍ର, ପୂର୍ବତନ ସୋଭିଏତ୍ ୟୁନିଅନ୍ ଏବଂ କାଲିଫର୍ଣ୍ଣିଆ ପ୍ରମୁଖ ବନ୍ଧ ନିର୍ମାଣମଧ୍ୟ ନୂତନ ଭୂକମ୍ପ କାର୍ଯ୍ୟକଳାପର କାରଣ ହୋଇଛି।

ଏ ସମ୍ବନ୍ଧରେ ଅଧିକ ତଥ୍ୟ ଆର ଥରକୁ।

# ଗୀତକୁଡିଆ, ଗୀତକୁଡ଼ିଆଣି



ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ
ଶିକ୍ଷୟତ୍ରୀ
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଚାଟିଗୁଡା, ଡାବୁଗାଁ,
ନବରଙ୍ଗପୁର

ବଣ ଜଙ୍ଗଲ ଭରା ପାହାଡ଼ ପର୍ବତ ନଦୀ ନାଳ ଘେରା ଛୋଟ ବଡ଼ କେତେ ଗାଁ ଗଣ୍ଡାକୁ ନେଇ ଭରପୁର ଲାଗୁଥିବା ଜିଲ୍ଲା ହେଉଛି ନବରଙ୍ଗପୁର। କେଉଁଠି ଖାଲ କେଉଁଠି ଢ଼ିପ କେଉଁଠି ସମତଳ ତ କେଉଁଠି ଘାଟି ଅପୂର୍ବ ସୌନ୍ଦର୍ଯ୍ୟର ଗନ୍ତାଘର ଏଇ ନବରଙ୍ଗପୁର ମାଟି । ତା ଛାତିରେ କେଉଁ ଆବାହନ କାଳରୁ ଗଢି ଉଠିଛି ଆଦିବାସୀ ଜନଜାତିର ବସତି । ସୁନ୍ଦର ସରଳ ତାଙ୍କର ସଂସ୍କୃତି। ପ୍ରକୃତିର ନିୟମରେ ବନ୍ଧା ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଅତ୍ୟନ୍ତ ସରଳ । ଶୃଙ୍ଖଳିତ ତାଙ୍କର ଜୀବନ ଯାପନ ପ୍ରଣାଳୀ। ଆବାହମାନ ଯୁଗରୁ ପ୍ରକୃତିକୁ ଗୁରୁ ଏବଂ ସଙ୍ଗୀତକୁ ପ୍ରାଣ ବୋଲି ଚଳି ଆସୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ଆଜିବି ଦୁଃଖରେ ସୁଖରେ, ବିବାହ ବ୍ରତରେ ପୁନେଇ ପର୍ବରେ, ଚାଷ ବାସରେ, ଯାନୀ ଯାତ୍ରାରେ,ରୋଗ ଶୋକରେ ନିଜର ଅନ୍ତର ବେଦନାକୁ ରସ ପୂର୍ଣ୍ଣ ଛନ୍ଦରେ, ସ୍ନିଗ୍ଧ ଲଳିତ ସ୍ୱରରେ ଚତୁର୍ଦିଗ ମୁଖରିତ କରିପାରନ୍ତି । ମୁଖରେ ମୁଖରେ ଅନର୍ଗଳ ଗୀତ ବ୍ୟକ୍ତ କରିବାର ଅସୀମ ଦକ୍ଷତାର ଅଧିକାରୀ, ଅଧିକାରିଣୀ ହେଇଥାନ୍ତି। ତେବେ ଏମାନେ ବୋଲୁଥିବା ଗୀତର କୌଣସି ଲିଖିତ ରୂପ ନଥାଏ କି ଏହାର ସ୍ରଷ୍ଟା କୌଣସି ଗୋଟିଏ ବ୍ୟକ୍ତି ନୁହଁନ୍ତି। ତେଣୁ ଏହାକୁ ଆଶୁ କବି ମଧ୍ୟ କୁହନ୍ତି । କାରଣ ପାଞ୍ଚ ମୁଖରୁ ନିଃସୃତ ଏହି ଲୋକ ଗୀତ ଗୁଡିକ ପଚାଶେ କାନକୁ ଯାଏ ଏବଂ ପଚାଶେ କାନରୁ ପାଞ୍ଚଶହ କାନକୁ ଯାଏ । ଏହା କାନରୁ କାନକୁ ଗତି କରେ। ଯେତେବେଳେ ଏହି ଗୀତକୁ କୌଣସି ସ୍ଥାନରେ ଉଭୟ ପୁରୁଷ ଓ ମହିଳା ପରିବେଷଣ କରନ୍ତି ସେତେବେଳେ ତାକୁ ଗୀତକୁଡ଼ିଆ ଓ ଗୀତକୁଡ଼ିଆଣି କୁହାଯାଏ।

ଏହି ଗୀତକୁ ପରିବେଷଣ କରିବା ସମୟରେ ଉଭୟ ପୁରୁଷ ଓ ସ୍ତ୍ରୀ ସର୍ବପ୍ରଥମେ ନିଜର ଦିଅଁ ଦେବତାଙ୍କୁ ସ୍ମରଣ କରନ୍ତି । ତା ବି ଗୀତରେ ଗୀତରେ ଯେମିତିକି-

ପୁ- ଜୁଆର ଜୁଆର ଦେବୀ ଦେବତା
ଜୁଆର ମାତା ମାଉଲି
ତୁମ ନାମ ଧରି ଗୀତ ଫାନ୍ଧି ଦେବି
ଗାଇଦେବି ଯେନତା କୋଇଲି।
ସ୍ତ୍ରୀ- ତମେ ଜୁଆରିଲ ଦେବୀ ଦେବତା
ଆମେ ଜୁଆରିବୁ କାକେ।
ଆମର ଗାଏଁ ଆଚେ ଖଣ୍ଡୀ ଭୀମା
ଆମେ ଜୁଆରିବୁ ତାକେ।

ଅର୍ଥ:-ଜୁଆର-ନମସ୍କାର, ମାଉଲି(ଗାଁ ଠାକୁରାଣୀ), ଫାନ୍ଧି:- ଯୋଡିବା, କାକେ-କାହାକୁ, ଆଚେ-ଅଛନ୍ତି ଖଣ୍ଡିଭୀମା-ଦେବତା, ତାକେ-ତାଙ୍କୁ। ଭାବାର୍ଥ-ପୁ--ହେ ମୋର ଦେବୀ ଦେବତା ମାଉଲି ମା ତୁମକୁ ପ୍ରଣାମ କରୁଛି ଆଉ ତୋ ନାମ ଧରି ପଦ ଯୋଡ଼ି ଗୀତ ଗାଇବି । ଆଶୀର୍ବାଦ ଦେ ଲାଗିବ ଯେମିତି ଗାଉଛି କୋଇଲି। ସ୍ତ୍ରୀ;-ତମେ ପ୍ରଣାମ କଲ ମୁଁ କାହାକୁ ପ୍ରଣାମ କରିବି। ଆମର ଗାଁରେ ବି ଖଣ୍ଡୀଭୀମା ଦେବତା ଅଛନ୍ତି ମୁଁ ତାଙ୍କୁ ପ୍ରଣାମ କରିବି।

ଗାଁ ଦେବୀ ମାତା, କଙ୍କାଳି ଦେବତା
ବାବୁ ଚଅଁରିଆ ବୀର
ଜୁଆର ଜୁଆର ସୋନାଦେଇ ଗୋ
ଆଜି ମୋତେ ରକ୍ୟା କର।
ଭୋଗ ଦିଅ ମାଇ, ତାଲି ଓଡ଼ିବି
ନବରସେ ପୂଜା ଦେବି।

ଅର୍ଥ-ରକ୍ୟା-ରକ୍ଷା କର, ତାଲି ଓଡ଼ିବି-ଥାଳି ପକେଇବା, ଚଅଁରିଆ-ଦେବତା, ସୋନାଦେଇ-ଗାଁ ଦେବୀ, କଙ୍କାଳି-ଦେବୀ

ଭାବାର୍ଥ:- ଗାଁର ଦେବୀ ଦେବତା ମା କଙ୍କାଳି, ମାତା ସୋନାଦେଇ, ଚଅଁରିଆ ବୀର ଦେବତା ଆଜି ମୋତେ ରକ୍ଷା କର। ସେଥିପାଇଁ ନବରସ ପୂଜା ଦେବି। ଭୋଗ ଦେଇ ମୋର ଥାଳି ଭରିଦିଅ।

ଯୁବକ-
ଶିରି ପରବତେ ଝାଲିଆ ମଜୁର
ଟେକ ଟେକାଇଲା
ତମର ଆମର ପୀରତି ସିନା
ଦଇବ ଭେଟାଇଲା।

ଅର୍ଥ- ଶିରିପରବତେ-ସୁଶୋଭିତ ପର୍ବତ ଶିଖର, ଝଲିଆ ମଜୁର-ପୁଛଥିବା ମୟୁର(ଅଣ୍ଡିରା ମୟୁର) , ଟେକ ଟେକାଇଲା-ପୁଛ ଟେକି ନାଚିବା, ପୀରତି-ପ୍ରେମ, ଦଇବ-ଭଗବାନ, ଭେଟାଇଲା-ସାକ୍ଷାତ କରେଇଲା। ଭାବାର୍ଥ- ସୁନ୍ଦର ସୁଶୋଭିତ ପର୍ବତ ଶିଖରରେ ପ୍ରେମ ପୂର୍ଣ୍ଣ ଭାବ ନେଇ ମୟୁର ନାଚିଲା ବେଳେ ତମର ମୋର ପ୍ରେମ ହେବା କଥାରେ ଭଗବାନଙ୍କ ନିର୍ଦ୍ଦେଶ ରହିଛି ବୋଲି ଯୁବକ ଯୁବତୀକୁ କହୁଛି।

ଝିଅ- ଆଇଲାକାଇ ଫଗୁନ ମାସ
ଆମ୍ ବଉଲର ସୁନ୍ଦର ବାସ୍
କଷି କଷି ଧରେ ଆମ୍
ଆମର୍ ଘର ପଚେ କୁଡ଼ିଆ ସାକୁଡେ
ବାଡ଼ି କଣା ଦେଇ ଆସ୍ ।
ପୁଅ- ମାନେକ ମାଣ୍ଡିଆ,ଦୁଇ ପୁଟୀ
ଧାନ୍
ଗଙ୍ଗା ଗୟା ବୃନ୍ଦାବନ୍
ତମର ଆୟା ବୁଆ ଦେଖିଦେଲେ
ନୋନି
କାଟିଦେବାଇ ନାକ୍ କାନ୍ ।

ଅର୍ଥ-ଫଗୁନ-ଫଗୁଣ, କୁଡ଼ିଆ-ଛପର ଘର, ସାକୁଡେ-ଗଳି , ବାଡିକଣା-ଘରପଛପଟ ସରୁ ରାସ୍ତା, ଆୟା-ମାଆ, ବୁଆ-ବାପା ମାନେକ-ମାଣ, ପୁଟୀ- ଏକ ପ୍ରକାର ମାପ, ନୋନି-ଝିଅ । ଭାବାର୍ଥ- ଗୋଟିଏ ମାଣ ମାଣ୍ଡିଆ ଦୁଇ ପୁଟି ଧାନ ସମାନ ମୂଲ୍ୟବାନ ଗଙ୍ଗା ଗୟା ବୃନ୍ଦାବନ । ତୁ ଭି ସେମିତି ମୂଲ୍ୟବାନ। ହେଲେ ତୋ ପାଖକୁ ଯିବି ଯଦି ତୋ ବାପା ମାଆ ଦେଖିଦେବେ ଆଉ ମୋର ନାକ କାନ କାଟିଦେବେ ବୋଲି ଯୁବକ ଯୁବତୀକୁ କହୁଛି।

ଏମିତି ଗୀତକୁଡ଼ିଆ, ଗୀତକୁଡ଼ିଆଣି ଅନେକ ଗୀତ, ଅନେକ ଭାବପୂର୍ଣ୍ଣ ରସରେ ପରିପୂର୍ଣ୍ଣ ଗୀତ ଗାଇଥାନ୍ତି । ସେଥିରେ ଭକ୍ତି ରସ, ବାତ୍ସଲ୍ୟ ରସ, ଶୃଙ୍ଗାର ରସ ଭରିଥାଏ ଯଦିଓ ଅତ୍ୟଧିକ ରୋମାଣ୍ଟିକ ଭାବ ଗୀତରେ ଦେଖିବାକୁ ମିଳେ।

ଗୀତକୁଡ଼ିଆ–
ଓଦା ମୁଣ୍ଡି ମୁଣ୍ଡି ରସନ ମୁଣ୍ଡି
ନବରଙ୍ଗପୁର ବଯାଉଣ୍ଡି
ଆଇଲେ ଆଉ ତୁ ପଇସା ମୁଣ୍ଡି
ତକେ ଡକାଇବି ରୂପିଆ କୁଣ୍ଡି ।
ଗୀତକୁଡ଼ିଆଣି–
ରସନପତର ରସ୍ ରସଲିଆ
ଗାନ୍ଧାର ପାତର ଠିଆ।
ଆଲେଉରେ ଧାଙ୍ଗଡା ମକେ ନେଇଯା,
ତମର ଗାଏଁ ଉଦୁଲିଆ ।

ଅର୍ଥ-ଧାଙ୍ଗଡା-ଯୁବକ, ରୂପିଆ-ଟଙ୍କା, କୁଣ୍ଡି -ପଇସା ରଖିବା ପାତ୍ର । ଉଦୁଲିଆ-କାହାକୁ ନ ଜଣାଇ ଝିଅ ପୁଅ ସାଙ୍ଗରେ ରହିବାକୁ ଚାଲି ଯାଆନ୍ତି। ଭାବାର୍ଥ - ଗୀତକୁଡ଼ିଆ.. ତମ ଅଞ୍ଚଳରେ ତ ବିଧବା ବିବାହ ହେଉଛି ତେଣୁ ତୁ ମୋ ପାଖକୁ ଆସେ, ତୁ ଆସିଲେ ତୋତେ ଧନଦୌଲତ ଗଦେଇ ଦେବି ବୋଲି ଗୀତକୁଡ଼ିଆ ଯୁବକ ରୂପରେ କହୁଛି। ଗୀତକୁଡ଼ିଆଣି-ଠିକ ଅଛି ମୁଁ ରାଜି, ମୋତେ ତୋ ଗାଁକୁ ଉଦୁଲିଆ (ଘରେ ନ ଜଣେଇ ଲୁଚି କି ପୁଅ ଝିଅ ଅନ୍ୟତ୍ର ଏକତ୍ର ବାସ କରନ୍ତି)ନେଇଯା ।

ଯୁବକ-ବେଡାକେ ପଶିଲି ଧାନ
ନିଯାଇଲି(ବାଲୁଙ୍ଗା ବାଛିବା)
ପାଟି ପାଚେ ଥେବି ଗଲି ।
ଚୁନଟି ହଟାଇ ଧୁଙ୍ଗିଆ ଖାଇ
ଛନେ ପରା ନିହାରିଲି।
ଧାନ ବେଡାକେ ଉତୁରି ଗଲାକି
ପୁନିଅଁ ରାତିର ଜହ୍ନ
କି ବୋଲି ଡାକିବି ଅଜନା ଅଚନା
ସାଙ୍ଗିଦିଆ ତୁମର ନାମ।
ଯୁବତୀ---ଚିକଲ ବେଡାନେ
ଖୁଦିର(ଠେକୁଆ) ମନ୍ଦା
ବେଡା ପାନି ହେଲା ଗାର।
ଧାନ କେ କାମ୍ପୁନି ଚିହ୍ନାଇ ନାହୁଏ
ପାନି ମାରେ ଝର ଝର।
ବାଦୁଲି ରହିଛି ଢାଙ୍କି,
ଅଜନା ଅଚିହ୍ନା ଗୀତକୁଡ଼ିଆ
ଚେତନା ସପନ ଦେଖି, ଚେତନା
ସପନ ଦେଖି।
ଗେଲା ରାତି ଜହ୍ନ ପାନି ଭିତରେ
ସବୁରି ନଜର ଅଛି
ନାଁଅ ଗାଁଅ ଜାନି କାଇ କରିବି
ଆୟା ବୁଆ ଘରେ ଅଛି।

ଭାବାର୍ଥ -
ଯୁବକ--ଧାନକ୍ଷେତରୁ ବାଲୁଙ୍ଗା ବାଛିବା ସମୟରେ ,ଧୁଙ୍ଗିଆ (କେନ୍ଦୁ ପତ୍ରରେ ପ୍ରସ୍ତୁତ ଏକ ପ୍ରକାର ପାନ ମସଲା )ପାଟିରେ ପକେଇ ଯୁବକ ଯୁବତୀକୁ ଦେଖିଛି ଆଉ ଭାବୁଛି ସାକ୍ଷାତ ଜହ୍ନଟିଏ କି ବେଢା ଭିତରେ ଉତୁରି ପଡିଛି ।ଯେହେତୁ ଝିଅଟି ଅଚିହ୍ନା ଅଜଣା କଣ ବୋଲି ଡାକିବ ତେଣୁ ନାଁ ଟିକେ କହିଦିଅ ବୋଲି ନେହୁରା ହେଉଛି।

ଯୁବତୀ-- ପାଣି ଭର୍ତ୍ତି ଚିକଟାମାଟିର ବେଢାରେ କାମ କରୁଥିବା ଲୋକ ସବୁ ଠେକୁଆ ମନ୍ଦା ପରି ସୁନ୍ଦର ଦେଖା ଯାଉଛନ୍ତି। ଧାନ ଆଉ କମ୍ପାନୀ(ବାଲୁଙ୍ଗା)ସମାନ ଦେଖାଯାଉଛି ବର୍ଷା ବି ଝରଝର ବୋହୁଛି ତେଣୁ ଧାନ କି କମ୍ପାନୀ ଜାଣି ହେଉନି ।ପ୍ରକାରନ୍ତରେ ପୁଅ ବି ଭଲ କି ଖରାପ କେମିତି ଜାଣିବ , ଅଜଣା ଅଚିହ୍ନା ଯୁବକ ସିନା ଚେଇଁକି ସପନ ଦେଖୁଛି ଗତ ରାତିର ଜହ୍ନ ପାଣି ଭିତରର ସମସ୍ତଙ୍କ ନଜରରେ ପଡିଛି। ମୋର ନାଁ ଗାଁ ଜାଣି କଣ କରିବୁ ମୁଁ ତ ମୋ ମା ବାପା ଘରେ ଅଛି।

ପୁ--ଝିପରି ଝିପରି ପାନି ମାରେ
ପାଲା ରୋପବା ଚାଲରେ ନୋନି ,
ପାଲା ରୋପବା ଚାଲ।
ଦେଖ ତ ନୋନି କଦମ ଫୁଲ
କେଡେ ନିମାନ୍ ଦିଶେ
ମାଲତୀ ନୋନିର ଖୁସା ତାନେ
ଜହ୍ନ ମାମୁଁ ପରା ଦିଶେ।
ଝି--ହଳିଆ ନୋନାର ବାଗରି ବାରେ
ଝୁମ୍ପା ମଲ୍ଲି ଫୁଲ
ସଉକ ତାନେ ଖଞ୍ଜିଲା ଆଚେ
ମନ୍ ହୁଏ ସଲ୍ ସଲ୍

ଏମିତି ଅନେକ ଗୀତ ଗାଇ ସେମାନେ ମନକୁ ସରସ ସୁନ୍ଦର କରି ତୋଳି ପାରନ୍ତି ।ଏହି ଗୀତ ଛଳରେ କଷ୍ଟରୁ କଷ୍ଟ କାମର ଯନ୍ତ୍ରଣା ତାଡନାକୁ ଲାଘବ କରିପାରନ୍ତି।

ଝିଅ ପରସରେ ରସିକା ଭାବରେ
ଭାବିକା
ଏ ରସକୁ ରସ ନାହିଁ।
ଚଇତ ପରବ ଡାଲମୂଲା ଗୀତ
ଜ୍ୱୀନ ଯାଉ ଯାଉ ଗାଇ।
ପୁଅ ପକୁରେ ଫୁଲର ବାସ୍ନା ନୋନା
ମନଟା ମହକି ଗଲା।
କଅଁଳି ମାଉସ କାଇ ଗୁଲଗୁଲା
ରୁସରୁସା ଲାଗୁଲା।

ଲୋକଗୀତରେ ବେଳେ ବେଳେ ସଚେତନ ଧର୍ମୀ ଗୀତ ମଧ୍ୟ ଦେଖିବାକୁ ମିଳେ ଯେମିତିକି-

ପାନ ବିଡି ପୁଡିଆ ନୁଆଇ
ଛୋଟିଆ ନିଶା ।
ଜାଣକେ ନାଇ ହୁଏ
ଟାଣେ ପଇସା।

ଭାବାର୍ଥ ପ
ପିଲାଙ୍କ ପାଖରେ ମଧ୍ୟ ବେଳେବେଳେ ପାନ ବିଡି ତମ୍ବାଖୁ ସେବନ କରିବାର ଦୃଷ୍ଟାନ୍ତ ଦେଖି ସେମାନଙ୍କୁ ଏଥିରୁ ନିବୃତ କରିବା ପାଇଁ ଏହି ପଦ କୁହାଯାଇଛି ।ପାନ ବିଡି, ତାମ୍ବାଖୁ ଆଦି ପ୍ରକୃତରେ ଛୋଟ ନିଶା ନୁହେଁ ।ଧୀରେ ଧୀରେ ଏହା ଧନ ଜୀବନ ନେଇଯାଏ।

ଆସା ପିଲାଟୋକି ଇସ୍କୁଲ ଯିବୁ
ଅଲପ ଅଲପ ପାଟ୍ ପଢ଼ିବୁ
ପାଟ୍ ହେଲେ ବଡେ ମାନ୍ ।
ଦୁଇ ଅକିଆର ପଡି ନାଇରେଲେ
ସଂସାରରେ ହୀନିମାନ୍ ।

ଅର୍ଥ- ପାଟ୍ - ପାଠ, ଅକିଆର-ଅକ୍ଷର ନାଇରେଲେ - ନଥିଲେ ପଡି-ପଢିବା ,ଆସା-ଆସ, ମାନ୍ -ସମ୍ମାନ।

ଭାବାର୍ଥ-
ଛୋଟ ପୁଅଝିଅ ସବୁ ସ୍କୁଲକୁ ଯାଇ ଦୁଇ ଅକ୍ଷର ଜାଣ ,ପାଠ ପଢ଼ ମାନ ସମ୍ମାନ ପାଇବ ,ଯଦି ଅକ୍ଷର ଜାଣିବ ନାହିଁ ପାଠ ପଢିବ ନାହିଁ ତେବେ ଏଇ ସଂସାରରେ ବଡ଼ ହୀନିମାନ ହେବ।

ଝାର ଛାତି ବରା ଆମଟ୍ ଶାଗ ଗୋଲା
ତତଲା ଭାତ ଡବଲା ଦିଆ
ବାସୀ ଖାଦି ଖାଇଲେ ବନ୍ଧାଡ଼ ଧରସି
ନାହିଁ ହେଉବେ ଗୋଲଗୋଲା।

ଅର୍ଥ-ଛାତି- ଛତୁ,ଆମଟ -ଆଞ୍ଚଳିକ ଖାଦ୍ୟ ତତଲା-ଗରମ, ଡବଲା-ପତ୍ରରେ ପ୍ରସ୍ତୁତ ବଡ଼ ଦନା,ବନ୍ଧାଡ଼-ମଳ, ଧରସି-ଧରିବ, ଗୋଲଗୋଲା-ଅସହାୟ।

ଭାବାର୍ଥ-ଜଙ୍ଗଲ ଜାତ ବଡା ଛତୁରେ ପ୍ରସ୍ତୁତ ଆମଟ ଶାଗ ଗରମ ଗରମ ଭାତ ସହିତ ଖାଇଲେ ଭଲ । ବାସୀ ଖାଦ୍ୟ ଖାଇ ଝାଡ଼ା ରୋଗ ଧରି ହଇରାଣ ହେବାନାହିଁ।

ଏମିତି ଗୀତକୁଡ଼ିଆ, ଗୀତକୁଡ଼ିଆଣି ମାନେ ପୋଥିପୁରାଣ ,ମିଥ, ରାମାୟଣ , ମହାଭାରତ, ଉପାଖ୍ୟାନକୁ ଚମତ୍କାର ଭାବେ ମୁଖରେ ମୁଖରେ ପରିବେଷଣ କରି ପାରନ୍ତି। ଯେଉଁ ପୁରାଣ ପୋଥିକୁ ପରିବେଷଣ କରନ୍ତି ସେଇ ଚରିତ୍ରଟିକୁ ନିଜ ଭିତରେ ଧାରଣ କରିଥାନ୍ତି ଯେପରି ରାମାୟଣ କଥାକୁ ପରିବେଷଣ କଲା ବେଳେ ଜଣେ ସୀତା ଆଉ ଜଣେ ରାମ ସାଜି ଗୀତ ଗାୟନ କରନ୍ତି। ତେବେ ଆଶ୍ଚର୍ଯ୍ୟର କଥା ଯେ ସେମାନେ ପରିବେଷଣ କରୁଥିବା ଏହି ଗୀତର କୌଣସି ଲିଖିତ ରୂପ ନଥାଏ କି ଗୀତରେ ବ୍ୟବହୃତ ଶବ୍ଦ ସବୁର ଅର୍ଥ କୌଣସି ଶବ୍ଦକୋଷରେ ମିଳି ନଥାଏ । କିନ୍ତୁ ଗୀତା ଭାଗବତ ବି ମୁଖରେ ମୁଖରେ ଗୀତରେ ଗୀତରେ ଗାଇଯାନ୍ତି। ଆଶ୍ଚର୍ଯ୍ୟର କଥା ଏମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରୀଅକ୍ଷର ବିବର୍ଜିତ । କିନ୍ତୁ କାଳ କାଳକୁ ମନେ ରଖିଲା ଭଳି ଗୀତ ନୃତ୍ୟ ସଙ୍ଗୀତ ଶାସ୍ତ୍ରରେ ପାରଙ୍ଗମତା ଦର୍ଶାଇ ଆଗାମୀ ପିଢ଼ିକୁ ବାଟ ଦେଖେଇଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଡାବୁଗାଁ ବିଜାପୁର ଡଙ୍ଗରିଗୁଡାରେ ଜନ୍ମିତ ଗୀତକୁଡ଼ିଆଣି ସ୍ୱର୍ଗତ ବେଲ ଦେଇ ହରିଜନ । ଗୀତକୁଡ଼ିଆଣିର ସଫଳ ପରିବେଷଣ ପାଇଁ ବେଲଦେଇ ମାଆଙ୍କୁ ଜିଲ୍ଲାସ୍ତରୀୟ ରାଜ୍ୟସ୍ତରୀୟ ବିଶିଷ୍ଟ ଉତ୍ସବ ମାନଙ୍କରେ ମାନପତ୍ରମାନ ମିଳିଛି ଏବଂ ଅନେକ ସମ୍ମାନ ସମ୍ବର୍ଦ୍ଧନା ଦିଆଯାଇଛି । ସେଗୁଡ଼ିକ ମଧ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସଂସ୍କୃତି ସମ୍ମାନ, ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ସମ୍ମାନ ସହ ଭାରତ ସରକାରଙ୍କଠୁ କୋଲକତା ହିଡେନ୍ ଗାର୍ଡେନରେ ଭାରତର ପୂର୍ବତମ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀଙ୍କ ସମ୍ମୁଖରେ ଗୀତକୁଡ଼ିଆଣି ପରିବେଶଣ କରିବାର ସୁଯୋଗ ପାଇଥିଲେ ଏବଂ ତାଙ୍କ ପାଖରୁ ଭୁରି ଭୁରି ପ୍ରଶଂସା ଓ ସମ୍ମାନ ପାଇଥିଲେ।

ବେଲଦେଇ ହରିଜନଙ୍କ:-
ଗୀତକୁଡିଆଣି- ଏସୁର ବରର୍ଷା ବଡ଼
ବରର୍ଷା
ଛେଳି ମରିଗଲା ଶୀତେ
ହରାଇ ଦେବି କି ଜିତାଇ ଦେବିରେ
ଗୀତକୁଡିଆ ଚଇତ୍ ପରବ ଗୀତେ
ଗୀତକୁଡ଼ିଆ--ଗାଆ ଗାଆ ମୋର
ଗାୟିକା ମଲ୍ଲୀ
ଗାଆ ତୋତେ ସୁନି ଦେକୁ
ଗଡ଼ିଆ ଭଟିଆ ପଦ ଫିଟିଗଲେ
କାଗଜ ପତରେ ଲେଖୁ।

ଅର୍ଥ- ସୁନି-ଶୁଣିବା ,

ଭାବାର୍ଥ-
ଏଥରକ ବର୍ଷା ବଡ଼ ବର୍ଷା । ଛେଳି ମରିଗଲା ଶୀତରେ । ହାରିବୁ କି ଜିତିବୁ ଗୀତକୁଡ଼ିଆ ଚୈତ୍ର ପର୍ବର ଗୀତରେ ବୋଲି ଗୀତକୁଡ଼ିଆଣି କହିଲା ବେଳେ ଗୀତକୁଡ଼ିଆ କହୁଛି କି ଗାଆ ଗାଆ ମୋର ଗାୟିକାମଲୀ କେତେ ଶୁଣି ଦେଖିବି। ପଦ ସବୁକୁ କାଗଜରେ ଲେଖିନେବି।

ଏପରି ଦକ୍ଷତା ଏମାନଙ୍କର ଥାଏ ଯେ ଗୀତରେ ଗୀତରେ ଜଣେ ଆରକୁ ହରେଇ ଜିତିବାର ପ୍ରୟାସ କରନ୍ତି । ଏଇ ଜିତିବା ହାରିବାରେ ମଧ୍ୟ ତାଙ୍କର ଆନନ୍ଦ ଥାଏ। ଧୀରେ ଧୀରେ କିନ୍ତୁ ନିଜ ଜାତି ନିଜ ଭାଷାକୁ ନେଇ କିଛି ସଙ୍କୋଚ ହେତୁ ଏଇ ସୁନ୍ଦର ଲୋକ ସଂସ୍କୃତି, ଲୋକ ଗୀତ ଲୋପ ପାଇବାକୁ ଯାଉଥିବାରୁ କିଛି ବୁଦ୍ଧିଜୀବୀ ଏହି ଭାଷାର ରକ୍ଷଣ ବେକ୍ଷଣ ପାଇଁ ଲୋକଗୀତକୁ ସଂଗୃହିତ କରି ପୁସ୍ତକ ପ୍ରସ୍ତୁତ କରୁଛନ୍ତି। ଏ ପରମ୍ପରା ସମ୍ପର୍କରେ ଅଧିକ ତଥ୍ୟ ପାଇଁ ଗବେଷଣା କରୁଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଏଥିରେ ଯୁବ ପିଢିଙ୍କୁ ସ୍ଥାନ ଦେଉଛନ୍ତି। ଆଜିକାଲି ଆଦିବାସୀ ଭାଷା ସଂସ୍କୃତିକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାର ମଧ୍ୟ ରାଜ୍ୟ ସ୍ତରରେ ଚେଷ୍ଟା ଜାରି ରଖିଛନ୍ତି।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୯ ଜୁଲାଇ ୨୦୨୪ ମଙ୍ଗଳବାର





# ମାରଣାସ୍ତ୍ର ଦେଖାଇ ଲୁଟିନେଲେ ଟଙ୍କା ଓ ସୁନା ଗହଣା

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଞ୍ଚଳରେ ପୁଣି ସକ୍ରିୟ ହୋଇଛନ୍ତି ଡକାୟତ ଗ୍ୟାଙ୍ଗ। ବିଳମ୍ବିତ ରାତିରେ ରଜାମୁଣ୍ଡା ଗାଁର ରତନ ରଣାଙ୍କ ଘରେ ୭ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୧୦ ଭରି ସୁନା ଗହଣା ସହ ୪ ଲକ୍ଷ ନଗଦ ଟଙ୍କା ଲୁଟି ନେଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ରତନ ଓ ତାଙ୍କ ପରିବାର ରାତିରେ ଶୋଇଥିବା ବେଳେ ୭ ଜଣ ଦୁର୍ବୃତ୍ତ ମୁହଁରେ କଳା ମୁଖା ପିନ୍ଧି ଘରର ଗ୍ରୀଲ୍ ଭାଙ୍ଗି ଭିତରକୁ ଧସେଇ ପଶିଥିଲେ। ପରିବାର ଲୋକଙ୍କୁ ଧାରୁଆ ଅସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ପରେ ରତନଙ୍କ ବୋହୂଙ୍କ କୋଠରୀରେ ଥିବା ଆଲମାରୀରୁ ୧୦ ତୋଳା ସୁନା ଗହଣା ସହ ରତନଙ୍କ ଶେଜ ତଳେ ଥିବା ୪ ଲକ୍ଷ ଟଙ୍କା ନେଇଥିବା ରତନ କହିଛନ୍ତି। ଦୁର୍ବୃତ୍ତମାନେ ଓଡ଼ିଆ ଭାଷାରେ କଥାବାର୍ତ୍ତା ହେଉଥିବା ବେଳେ ରତନ ଏବଂ ତାଙ୍କ ସ୍ତ୍ରୀଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ଘଟଣା ସ୍ଥଳରେ ଜୟପାଟଣା ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ଘଟଣାର ଛାନ୍‌ଭିନ୍ ଚଳାଇଛନ୍ତି। ପ୍ରକାଶ ଥାଉକି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଢୁଲୁଘାଟି ଘାଟି ଖୋଲିବା ପରେ ଏହି ଘାଟି ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଆଡ୍ଡା ସାଜିଛି। କିଛିଦିନ ତଳେ ଏହି ଅଞ୍ଚଳରେ ଏଭଳି ଲୁଟ୍ ହୋଇଥିଲା। ବର୍ତ୍ତମାନ କିଛି ଦିନ ନିରବତା ପରେ ପୁଣି ସେଇଭଳି ଡକାୟତି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

# ଆରଏମସିର ଖାମଖିଆଲ କାରବାର ଲାଗି ରାଉରକେଲାରେ ବ୍ୟାପୁଛି ଡେଙ୍ଗୁ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ରାଉରକେଲା ସହରରେ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିଚାଲିଥିବା ବେଳେ ରାଉରକେଲା ଆରଜିଏଚ ଓ ଅନ୍ୟାନ୍ୟ ଡାକ୍ତରଖାନାକୁ ମିଶାଇ ଚିକିତ୍ସା ହୋଇଥିବା ରୋଗୀ ସଂଖ୍ୟା ୫୦ରୁ ଅଧିକ ହେବ ବୋଲି ଖବର ମିଳିଛି । ଏହି ରୋଗୀଙ୍କ ସଂଖ୍ୟା ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନାରେ ଦେଖାଯାଇଥିଲା । ଜାନୁଆରୀରୁ ଜୁନ୍ ମାସ ଭିତରେ ଏଠାରେ ୧୨ ଜଣ ରୋଗୀ ବିଭିନ୍ନ ସମୟରେ ଚିକିତ୍ସା ହୋଇଥିବା ଜଣାପଡିଛି । ଜାନୁଆରୀରେ ୩, ମଇରେ ଜଣେ, ଜୁନ୍‌ରେ ୬ ଜଣ ଓ ଜୁଲାଇରେ ବର୍ତ୍ତମାନ ସୁଦ୍ଧା ଜଣେ ରୋଗୀ ଚିକିତ୍ସିତ ହୋଇଛନ୍ତି । ଏହି ହିସାବକୁ ଯଦି ବିଭିନ୍ନ ବେସରକାରୀ ଡାକ୍ତରଖାନାକୁ ନିଆଯାଏ ତେବେ ଏହାର ସଂଖ୍ୟା ୫୦ରୁ ଅଧିକ ହେବ ବୋଲି ଖବର ମିଳିଛି । ଏଭଳି ରୋଗ ହେବା ପଛରେ ସହରରେ ଘାସ, ଜଙ୍ଗଲୀ ପରିବେଶକୁ ସଠିକ୍ ସମୟରେ କଟା ନଜିବା, ଖାଲ ଖମାରେ ପାଣି ଜମି ରହି ସେଠାରେ ମଶା ଜନ୍ମ ନେବା ମୁଖ୍ୟ କାରଣ ବୋଲି କୁହାଯାଉଛି । ରାଉରକେଲା ମହାନଗରରେ ମଶାମରା ମେସିନ ରହିଛି, ତେଲ ଲାଗି ମାସିକ ଲକ୍ଷ ଲକ୍ଷ ଟଙ୍କା ବିଲ୍ ହେଉଛି ମାତ୍ର ଏହାକୁ ଚଲାଯାଉନାହିଁ । ଯଦି କେତେ ବେଳେ ମିଡିଆରେ ବାହାରି ଗଲା ସନ୍ଧ୍ୟାରେ ଥରେ ଏହି ମେସିନ୍‌କୁ ବୁଲାଇ ଦେଇ ମାସ ମାସ ଆଉ ଚଲାଯାଉନାହିଁ । ଏଭଳି ସ୍ଥିତି ଉଭୟ ଇସ୍ପାତ ସହରାଞ୍ଚଳ ଓ ମହାନଗର ଅଞ୍ଚଳରେ ଦେଖାଯାଇଛି । ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଏନେଇ ନିରବ ଥିବା ବେଳେ ରାଉରକେଲା ମହାନଗର ନିଗମ ମଧ୍ୟ ନୀରବ । ଆରଏମସିର ବାଲୁଘାଟ ଠାରୁ ଆରମ୍ଭ କରି ମାଲଗୋଦାମ, ଗାନ୍ଧୀ ରୋଡ, ଛେଣ୍ଡ଼ର ବସ୍ତି ଏରିଆ, ସାରନଗରୀ ଅଞ୍ଚଳର ବିଭିନ୍ନ ବସ୍ତି, ପାନପୋଷ ଅଞ୍ଚଳରେ ଅଳିଆ ଅବର୍ଜନା କୁଢ କୁଢ ହୋଇ ପଡି ରହିବା ସହ ନାଳ ଗୁଡିକରେ ପାଣି ନିଷ୍କାସନ ହୋଇପାରୁନାହିଁ । ଅନେକ ଜାଗାରେ କାମ କରାଯାଇ ଖାଲ ଖମାକୁ ଛାଡି ଦିଆଯାଉଥିବାରୁ ସେଠାରେ ପାଣି ଜମି ମଶା ସଂଖ୍ୟା ଦୁଇଗୁଣିତ କରିଦେଉଛି । ଆରଏମସିରେ ଜଣେ ସ୍ୱାସ୍ଥ୍ୟ ଅଧିକାରୀ ରାଉରକେଲାରେ ଦୀର୍ଘ ବର୍ଷ ଧରି ରହୁଛନ୍ତି ହେଲେ ଏନେଇ ତାଙ୍କର ଦୃଷ୍ଟି ନାହିଁ, ସେପଟେ ଆରଏସପିରେ ମଧ୍ୟ ଅସଂଖ୍ୟ ଅଧିକାରୀ, ସେମାନେ ମଧ୍ୟ ଚୁପ୍ । ଏହିଭଳି କାରବାର ଲାଗି ସହରରେ ହଇଜା ରୋଗ ମହାମାରୀର ରୂପ ନେବା ଆରମ୍ଭ କରିଥିଲା। ପରେ ଝାଡା ବାନ୍ତିରେ ମଧ୍ୟ ଅନେକ ଜୀବନ ଗଲା । ବର୍ତ୍ତମାନ ଡେଙ୍ଗୁ ତାର କାୟା ବିସ୍ତାର କରିବା ଭଳି ସ୍ଥିତି ଆରମ୍ଭ କରିଛି, ଯଦି ଏହାକୁ ସଠିକ୍ ସମୟରେ ଦୃଷ୍ଟି ଦିଆନଯାଏ ତେବେ ଏହା ମଧ୍ୟ ଭୟଙ୍କର ରୂପ ନେବ ବୋଲି ମତପ୍ରକାଶ ପାଇଛି ।

# ଛୋଟ ପିଲାଙ୍କୁ ରଥ ଛୁଆଁ ବୌଦ୍ଧରେ ନିଆରା ପରମ୍ପରା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ସହରର ବିରାଜିତ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ନେତ୍ରଉତ୍ସବ ଓ ଘୋଷଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ସକାଳ ୯ଟା ସୁଦ୍ଧା ନେତ୍ରଉତ୍ସବ ଓ ସାଢେ ୯ଟାରେ ନବ ଯୌବନ ଦର୍ଶନ ନୀତି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତିନି ଠାକୁରଙ୍କ ପୂଜା, ନୀତିକାନ୍ତି ସରିବା ପରେ ମନ୍ଦିର ପରିସରରୁ ଶ୍ରୀଜୀଉମାନଙ୍କୁ ଅଣାଯାଇଥିଲା । ବ୍ରାହ୍ମଣ ସେବାୟତମାନେ ୧୧ଟା ୪୨ ମିନିଟ ସମୟରେ ଧାଡି ପହଣ୍ଡି ପାଇଁ ଶ୍ରୀଜୀଉମାନଙ୍କୁ ପ୍ରସ୍ତୁତ ରଖିଥିଲେ । ସହରର ପୋଡାପୋଡା, ନୂଆସାହି ଓ ପ୍ରଶାସନ ତରଫରୁ ତିନି ଠାକୁରଙ୍କ ପାଇଁ ଟାହିଆ ଆସିବା ପରେ ଠାକୁରମାନଙ୍କୁ ଲାଗି କରାଯାଇ ପହଣ୍ଡି କରି ରଥଖଳାକୁ ଅଣାଯାଇଥିଲା । ରଥ ଚତୁଃପାର୍ଶ୍ୱରେ ବ୍ରାହ୍ମଣ ସମାଜ ତରଫରୁ ଶ୍ରୀଜୀଉମାନଙ୍କୁ ପହଣ୍ଡି କରାଯାଇ ୪ ବେଢା ପରିକ୍ରମା କରାଯାଇଥିଲା । କେଉଟସାହି, କାଳେଶ୍ୱର ଓ ନୂଆସାହିର ନାମସଂକୀର୍ତ୍ତନ୍ୟ ଦଳ ନାମସଂକୀର୍ତ୍ତନ କରିଥିବାବେଳେ ଘଣ୍ଟଧ୍ୱନି, ହୁଳହୁଳି, ହରିବୋଲରେ ଚାରିଆଡ ପ୍ରକମ୍ପିତ ହୋଇ ଉଠିଥିଲା । ଶ୍ରୀଜୀଉମାନଙ୍କ ପହଣ୍ଡିର ଦୃଶ୍ୟ ଅତ୍ୟନ୍ତ ମନୋରମ ଥିଲା । ପହଣ୍ଡି ସମୟରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା ଓ ଦର୍ଶନ କରି ପ୍ରଭୁକୃପା ଲାଭ କରିଥିଲେ । ପରେ ଶ୍ରୀଜୀଉମାନଙ୍କୁ ରଥାରୂଢ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ବୌଦ୍ଧର ରାଜା ଦେବେନ୍ଦ୍ର ପ୍ରସାଦ ଦେବ ଅପରାହ୍ନ ସାଢେ ୪ଟାରେ ଛେରାପହଁରା କରିବା ପରେ ପରମ୍ପରା ଅନୁଯାୟୀ ଛୋଟଛୁଆମାନଙ୍କୁ ରଥଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ଅପରାହ୍ନ ସାଢେ ୫ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା ଉପସ୍ଥିତ ରହି ତଦାରଖ କରିଥିଲେ । ମହାପ୍ରଭୁଙ୍କ ଏହି ଘୋଷଯାତ୍ରାକୁ ଦେଖିବା ପାଇଁ ଜିଲ୍ଲାରୁ ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସୁଅ ଛୁଟିଥିଲା । ହରିଗୁଡି ରଥକୁ ମହିଳାମାନେ ଟାଣୁଥିବା ଦେଖିବାକୁ ମିଳିଥିଲା । ଘୋଷକ ଭାବେ ଚନ୍ଦ୍ରକାନ୍ତ ନାୟକ, ଇଂ. ସଞ୍ଜୟ କୁମାର ପଣ୍ଡା, ପ୍ରତାପ ରଥ, ସୁଶାନ୍ତ ମହାପାତ୍ର, ରମେଶ ମେହେର ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ସମସ୍ତ ଦାୟିତ୍ୱ ତୁଲାଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ଅଗ୍ନିଶମ ବାହିନୀ ଦ୍ୱାରା ରାସ୍ତାରେ ପାଣି ସିଞ୍ଚନ କରାଯାଉଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ଭକ୍ତମାନଙ୍କ ପାଇଁ ପାନୀୟ ଜଳ ଓ ପଣା ବଣ୍ଟନ କରାଯାଇଥିଲା ।

# ତାଲିକା ପ୍ରସ୍ତୁତ ଅଥଚ ସହାୟତା ମିଳୁନି:୧୫,୩୦୯ ଜୁଆଙ୍ଗ ମୌଳିକ ସୁବିଧାରୁ ବଞ୍ଚିତ

**ତେଲକୋଇ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଜୁଆଙ୍ଗ ଜନଜାତି ସର୍ବପୁରାତନ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଏମାନଙ୍କ ସଂଖ୍ୟା ସର୍ବାଧିକ । ଏବେ କେନ୍ଦୁଝର ଜିଲ୍ଲାରେ ୩୦ ହଜାରରୁ ଅଧିକ ଜୁଆଙ୍ଗ ଜନଜାତି ବସବାସ କରୁଛନ୍ତି । ଜିଲ୍ଲାର ଦୁର୍ଗମ ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ଓ ଘଟଗାଁ ବ୍ଲକରେ ବିଶେଷ ଭାବେ ଏହି ସମ୍ପ୍ରଦାୟର ଲୋକମାନେ ବସବାସ କରିଆସୁଛନ୍ତି । ତେବେ କାହିଁ କେଉଁ ଆଦିମ କାଳରୁ ବଣପାହାଡ଼ ଘେରା ଜଙ୍ଗଲ ଅଞ୍ଚଳରେ ବସବାସ କରିଆସୁଥିବା ଏହି ଜୁଆଙ୍ଗ ଅଧିବାସୀଙ୍କ ପାଇଁ କେନ୍ଦ୍ର ସରକାର ୧୯୭୮ ମସିହାରେ ବାଂଶପାଳ ବ୍ଲକ ଗୋନାସିକା ଠାରେ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଗଠନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏଥିରେ ବାଂଶପାଳ ବ୍ଲକର ୬ଟି ପଞ୍ଚାୟତର ମାତ୍ର ୩୫ଟି ଜୁଆଙ୍ଗ ଗାଁକୁ ସାମିଲ କରାଯାଇଥିଲା । ୨୦୧୪ରେ କେନ୍ଦ୍ର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଚିବ ହୃଷିକେଶ ପଣ୍ଡାଙ୍କ ଗୋନାସିକା ଗସ୍ତ ପରେ ଅନେକ ଗାଁ ବାଦ୍ ପଡିଥିବା ସେ ଜାଣିବାକୁ ପାଇଥିଲେ । ପରବର୍ତ୍ତୀ ସମୟରେ ୨୦୧୬ରେ ଆଉ ୧୯ଟି ଗାଁକୁ ସାମିଲ୍ କରାଗଲା । ଗାଁ ସଂଖ୍ୟା ୫୪ରେ ପହଞ୍ଚିଥିଲେ ସୁଦ୍ଧା ପ୍ରକୃତରେ ୪୦ଟି ଗାଁରେ ଜୁଆଙ୍ଗ ରହିଥିବା ବେଳେ ୧୪ଟି ଅଣ ଜୁଆଙ୍ଗ ରହିଛି । ଜିଲ୍ଲାର ବାଂଶପାଳ ସମେତ ତେଲକୋଇ, ହରିଚନ୍ଦନପୁର ଓ ଘଟଗାଁ ବ୍ଲକରେ ଶତାଧିକ ଜୁଆଙ୍ଗ ଗାଁ ସାମିଲ ନହୋଇ ଏଥିରୁ ବଞ୍ଚିତ ରହିଛନ୍ତି । ବହୁବର୍ଷ ଧରି ବିଭିନ୍ନ ସଂଗଠନ ପକ୍ଷରୁ ଦାବି ପରେ ୨୦୨୦ରେ ନୂତନ ଭାବେ ୧୦୨ଟି ଗାଁକୁ ସାମିଲ୍ କରାଯାଇଥିଲା । ସୂଚନା ଅନୁସାରେ ଜିଲ୍ଲାରେ ମୋଟ୍ ୧୪୨ଟି ଜୁଆଙ୍ଗ ଗାଁରେ ୫୧୧୫ଟି ଜୁଆଙ୍ଗ ପରିବାର ରହିଛନ୍ତି । ସେମାନଙ୍କ ଜନସଂଖ୍ୟା ୨୭,୯୬୦ ରହିଥିବା ବେଳେ ୧୪,୦୬୪ ପୁରୁଷ ଓ ୧୩,୮୯୬ ମହିଳା ରହିଛନ୍ତି । ତେଲକୋଇ ବ୍ଲକର ୧୫ଟି ପଞ୍ଚାୟତରେ ୩୬ଟି ଗାଁ ହରିଚନ୍ଦନପୁର ୧୬ଟି ପଞ୍ଚାୟତର ୫୨ଟି ଘଟଗାଁ ୫ଟି ପଞ୍ଚାୟତ ୧୪ଟି ଗାଁ ଓ ବାଂଶପାଳ ବ୍ଲକର ୬ଟି ପଞ୍ଚାୟତର ୪୦ଟି ଗାଁରେ ଏହି ସମ୍ପ୍ରଦାୟରେ ଲୋକମାନେ ବସବାସ କରୁଛନ୍ତି । କେନ୍ଦ୍ର ସରକାରଙ୍କ ସହାୟତାରେ ଜୁଆଙ୍ଗଙ୍କ ବହୁବିଧ ପ୍ରଗତି ପାଇଁ ସଂଘ କାମ କରୁଛି । ନୂତନ ଭାବେ ୪ ବର୍ଷ ତଳେ ୧୦୨ଟି ଗାଁର ୨୫୩୧ ପରିବାରର ୧୫,୩୦୯ ଜଣ ଜୁଆଙ୍ଗ ହିତକାରୀ ସାମଲ ହୋଇଥିଲେ । ହେଲେ ଅଦ୍ୟାବଧି କୌଣସି ସୁବିଧା ସୁଯୋଗ ପାଇପାରିନାହାନ୍ତି । ଏପରିକି ଜୁଆଙ୍ଗ ପରିବାରକୁ କୋଭିଡ୍ ସହାୟତା ବାବଦ ୫୦୦୦ ଟଙ୍କା ବହୁ ହିତାଧିକାରୀ ଏବେବି ପାଇନାହାନ୍ତି । ୨୦୧୧ ମସିହାରେ ଜିଲ୍ଲାର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ୧୨୫ କୋଟି ଟଙ୍କା ବିନିଯୋଗରେ ଜୁଆଙ୍ଗଙ୍କ ବହୁବିଧ ବିକାଶ ପାଇଁ କାମ କରାଯାଇଥିବା କାଗଜପତ୍ରରେ ଦର୍ଶାଯାଇଛି ବୋଲି ଅଭିଯୋଗ ହେଉଛି । ଏବେବି ଜୁଆଙ୍ଗ ଲୋକଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ୍ ଅନୁଯାୟୀ ଜମି ଆଗ୍ରହଣ କରିବାର ଅଧିକାର ଦିଆଯାଇନି । ଅନେକ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ । ନିକଟ ଅତୀତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୋନାସିକା ଆସିଥିଲେ ଓ ଜୁଆଙ୍ଗ ଜନଜାତିର ସାମଗ୍ରୀ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ତେବେ ଜେଡିଏ ପକ୍ଷରୁ ଯାହାକିଛି କାର୍ଯ୍ୟ ନେଇଛି ସେଥିରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଜୁଆଙ୍ଗ ଲୋକପ୍ରତିନିଧି ଓ ଜୁଆଙ୍ଗ ଲୋକଙ୍କୁ ସାମିଲ କରାଯାଉନି କି ଆମକୁ କିଛି ଜଣାଇନାହାନ୍ତି ବୋଲି ଗୋନାସିକା ସରପଞ୍ଚ ଜେମା ଜୁଆଙ୍ଗ ଓ ସମିତି ସଭ୍ୟ କୃଷ୍ଣ ଜୁଆଙ୍ଗ ପ୍ରମୁଖ ପ୍ରକାଶ କରିଛନ୍ତି । ଏନେଇ ଜେଡିଏ ପ୍ରକଳ୍ପ ଅଧିକାରୀ ଆଦିତ୍ୟ ଆଚାର୍ଯ୍ୟଙ୍କୁ ପଚାରିବାରୁ ନୂତନ ଭାବେ ଯେଉଁ ଗାଁଗୁଡିକ ସାମିଲ କରାଯାଇଛି ସେସବୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି ।

# ସପୁରି ଚାଷୀ ଅଭାବୀ ବିକ୍ରିର ଶିକାର

**ଲାଞ୍ଜିଗଡ଼, ନ୍ୟୁଜ୍ ବ୍ୟୁରୋ**



ନିୟମଗିରି ପାହାଡ଼ ଅଞ୍ଚଳରେ ଉତ୍ପାଦିତ ସପୁରିର ବହୁତ ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳକୁ ଏହି ସପୁରି ରପ୍ତାନି ହେଉଛି । ଉଦ୍‌ବେଗର ବିଷୟ ଯେ, ସପୁରି ଚାଷ କରୁଥିବା ଆଦିବାସୀ ଉଚିତ୍ ମୂଲ୍ୟ ନପାଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ବେପାରୀମାନେ ଅତି କମ୍ ମୂଲ୍ୟରେ କିଣିବା ସହିତ ଚଢ଼ାଦରରେ ବିକ୍ରି ଲାଭବାନ ହେଉଛନ୍ତି । ନିୟମଗିରି ପାହାଡ଼ର ଜଙ୍ଗଲ ମଧ୍ୟରେ ଉଭୟ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ପ୍ରାୟ ୨୦୦ରୁ ଅଧିକ ଛୋଟ ଛୋଟ ଆଦିବାସୀ ଗାଁ ରହିଛି । ଏହି ପର୍ବତ ଅନ୍ତର୍ଗତ କୁର୍ଲା, ଖମ୍ବେସି, ଖଲଗି, ଗଡ଼ତଳି, କନ୍ତାଗୁମା, ଉପରଗୁମା, ଗଡ଼ଝଲି, ଆମଦୁଣୀ, ଗଇପଟା, କୁଟେଲି, ହଟେସି, ମୁଣ୍ଡବାଲି, ତୁଣ୍ଡିଜାଲି, ଲଡ଼ାଙ୍ଗ ଆଦି ଗାଁଗୁଡ଼ିକରେ ପ୍ରଚୁର ପରିମାଣରେ ସପୁରି ଚାଷ ହୋଇଥାଏ । ଝରଣିଆ, ଡଙ୍ଗରିଆ କନ୍ଧ ଆଦିବାସୀମାନେ ପାହାଡ଼ ଉପରେ ୩-୪ ମାସ ଧରି ବଡ଼ କଷ୍ଟରେ ଏହି ସପୁରି ଚାଷ କରିଥାନ୍ତି । ଯାହାକୁକି ବିକ୍ରି କରିବାପାଇଁ ରାୟଗଡ଼ା ଜିଲ୍ଲାର ଚାଟିକଣା, ବିଷମ କଟକ, ମୁନିଗୁଡ଼ା, ଅମ୍ବାଦଳା, କଲ୍ୟାଣସିଂପୁର ଓ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼, ଲାଞ୍ଜିଗଡ଼ ରୋଡ୍, ବିଶ୍ୱନାଥପୁର ଓ ଭବାନୀପାଟଣା ଆଣିଥା'ନ୍ତି । ପାହାଡ଼ରେ ଭଲ ରାସ୍ତା ନଥିବାରୁ ସେମାନଙ୍କୁ ମୁଣ୍ଡରେ ସପୁରି ବୋହି ଆଣିବାକୁ ପଡ଼ିଥାଏ । ହେଲେ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ବ୍ୟବସାୟୀମାନେ ଏହି ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ଗୋଟି ମୂଲ୍ୟରେ ୫ରୁ ୭ ଟଙ୍କା ଦେଇ ସବୁ ସପୁରି କିଣି ନେଉଛନ୍ତି । ବଜାରରେ ଏହା ଗୋଟାକୁ ୪୦ ରୁ ୫୦ ଟଙ୍କା ଏବଂ ବଡ଼ ବଡ଼ ମଲ୍‌ମାନଙ୍କର ପନିପରିବା ସେଣ୍ଟରରେ ୮୦ ରୁ ୯୦ ଟଙ୍କା ପର୍ଯ୍ୟନ୍ତ ମଧ୍ୟ ବିକ୍ରି ହେଉଛି । ଏନେଇ ପ୍ରାୟ ୨୪ ବର୍ଷ ଧରି ସରକାରଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଆଦିବାସୀମାନେ ମତ ପ୍ରକାଶ କରିଛନ୍ତି । ଏ ଦିଗରେ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସପୁରିରେ ମଦ, ଜେଲି, କେକ୍, ଆଚାର ତିଆରି କରାଯାଉଛି ।

# ବିଏମ୍‌ସିର ବନ ମହୋତ୍ସବ ସପ୍ତାହ:ଭୁବନେଶ୍ୱରରେ ୧ ଲକ୍ଷ ବୃକ୍ଷରୋପଣ କରାଯିବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ରବିବାର ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ମା'ଙ୍କ ଲାଗି ଗଛଟିଏ କାର୍ଯ୍ୟକ୍ରମକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା ବହୁ କର୍ପୋରେଟରଙ୍କ ଓ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ । ଭୁବନେଶ୍ୱରରେ ହେବ ସବୁଜିକରଣ । ସମ୍ପ୍ରତି ପୃଥିବୀର ତାପମାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ତାପମାନ ହେତୁ ପାଣିପାଗରେ ମଧ୍ୟ ଅନିୟମିତତା ଦେଖାଦେଇଛି । ସେହି ଅନୁପାତରେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ନିର୍ଦ୍ଦିଷ୍ଟ ସମୟରେ ବର୍ଷା ହେଉନାହିଁ। ଜୁଲାଇ ୧ ତାରିଖରୁ ଅଗଷ୍ଟ ୩୧ ତାରିଖ ମଧ୍ୟରେ ୧ ଲକ୍ଷ ବୃକ୍ଷରୋପଣ କରାଯିବ । ବିଏମସି ଅଞ୍ଚଳରେ ବୃକ୍ଷରୋପଣ କରିବା ଲାଗି ମେୟର ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି । ନାଗରିକମାନଙ୍କ ସହଯୋଗ ଓ ସହଭାଗିତାରେ ବିଏମସି ଅଞ୍ଚଳରେ ଏକ ଲକ୍ଷ ବୃକ୍ଷରୋପଣ କାର୍ଯ୍ୟ ସହଜରେ ହୋଇପାରିବ ବୋଲି ସେ କହିଛନ୍ତି । ରାସ୍ତା ପାର୍ଶ୍ୱର ପଡିଆ ସ୍ଥାନ, ଶ୍ମଶାନ ଭୂମି, ଗୋଚର ଓ ଅନାବାଦି ଜମି ଏପରିକି ଯେଉଁଠାରେ ପଡ଼ିଆ ଜମି ରହିଛି ସେଠାରେ ବୃକ୍ଷରୋପଣ କରିବାକୁ ସେ ଅନୁରୋଧ କରିଛନ୍ତି। କେବଳ ମା'ଙ୍କ ଲାଗି ଗଛଟିଏ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ଅତିକମ୍‌ରେ ୫ଟି ବୃକ୍ଷ ଲଗାଇବା ସହ ତାର ରକ୍ଷଣାବେକ୍ଷଣ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର କେତେକ ସ୍ଥାନରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ଲାଗି ମଧ୍ୟ ବିଏମସି ଯୋଜନା କରିଛି । ଏହାକୁ ସାକାର କରିବା ଲାଗି ନାଗରିକମାନେ ଆଗେଇ ଆସିବାକୁ ମେୟର ଶ୍ରୀମତୀ ଦାସ ଆହ୍ୱାନ ଦେଇଛନ୍ତି । ୭୫ତମ ବନ ମହୋତ୍ସବ ସପ୍ତାହ ଅବସରରେ ବିଏମସି ମୁଖ୍ୟାଳୟ ଆଇସିଓଏମସି ଟାୱାର ପରିସରରେ ବଉଳ, ଓଉ, ନିମ୍ବ, କାଞ୍ଚନ ଆଦି ବୃକ୍ଷରୋପଣ କରାଯାଇଥିଲା । ପ୍ରାରମ୍ଭରେ ମୁଖ୍ୟ କାର୍ଯ୍ୟାଳୟ ସମେତ ଅନ୍ୟ ଦୁଇଟି ପାର୍କରେ ୧୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ ହୋଇଛି । ଏହି କାର୍ଯ୍ୟକ୍ରମରେ ମେୟରଙ୍କ ସହ ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ମିହିର କୁମାର ରାଉତ, ମହାମାୟା ସ୍ୱାଇଁ ବହୁ କର୍ପୋରେଟର, ଡେପୁଟି କମିଶନର ଡକ୍ଟର ମନୋରଞ୍ଜନ ସାହୁ, କାଜଲ ପ୍ରଧାନ, ଜୋନାଲ ଡେପୁଟି କମିଶନର ରାଜଲକ୍ଷ୍ମୀ ନାୟକ, ଉଦ୍ୟାନବିତ୍ ସୁଧାଂଶୁ ଭୂଷଣ ସାହୁ ଓ ଟିମ୍ ବିଏମସି ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବା ସହ ନିଜର ନାମ ଉଲ୍ଲେଖ ଥିବା ନେମ୍‌ପ୍ଲେଟ୍ ଲାଗାଇଛନ୍ତି ଭୁବନେଶ୍ୱରର ବିଭିନ୍ନ ୱାର୍ଡରେ ଏହି ବୃକ୍ଷରୋପଣ କାର୍ଯ୍ୟ ଦୀର୍ଘ ଦୁଇମାସ ଧରି ଚାଲିବ ବୋଲି ବିଏମସି ପକ୍ଷରୁ କୁହାଯାଇଛି ।

# ଖଣିଜ ପାଣ୍ଠିରେ ହୋଇଛି ଯେତେ ସବୁ ଗୁପ୍ତ ପ୍ରକଳ୍ପ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ସରକାରୀ ଅନୁଦାନରେ ହୋଇଛି ଅନେକ ଗୁପ୍ତ ପ୍ରକଳ୍ପ । ବିଭିନ୍ନ ବିଭାଗର ଅନୁଦାନ ସହିତ ଡିଏମଏଫ, ସିଏସ୍‌ଆର, ଓମ୍‌ବାଡ୍‌ସି ବାବଦକୁ ଆଦାୟ ଅର୍ଥରେ ଏଭଳି ପ୍ରକଳ୍ପ କରାଯାଇ ଅର୍ଥ ହରିଲୁଟ୍ ହେଉଥିବା ଅଭିଯୋଗ ହେଉଛି । ଡିଏମ୍‌ଏଫ୍‌କୁ ଉଦାହରଣ ଭାବେ ନେଲେ ଗତ ୧୦ ବର୍ଷ ମଧ୍ୟରେ କେବଳ ଏହି ବାବଦକୁ ୨୨୨୧ କୋଟି ୩୦ ଲକ୍ଷ ଟଙ୍କା ଆଦାୟ ହୋଇଛି । ସେଥିରୁ ୧୫୩୬ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ମାତ୍ର, ଆବଶ୍ୟକ ଥିବା ରାସ୍ତାଘାଟ ବଦଳରେ ବିଳାସପୂର୍ଣ୍ଣ ବଙ୍ଗଳା, ଡାବା, ଆମୋଦପ୍ରମୋଦ ଉଦ୍ୟାନ ବାବଦରେ ଅର୍ଥ ଖର୍ଚ୍ଚ କରାଯାଇଥିବା କୁହାଯାଉଛି । ବହୁ ପ୍ରକଳ୍ପରେ ଫଳକ ନଥିବାରୁ କେତେଳ ଖର୍ଚ୍ଚ ହୋଇଛି କିମ୍ବା ହୋଇନି, ତାହା ସ୍ପଷ୍ଟ ଜଣାପଡ଼ିନି । ଖଣି ଓ ଶିଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳର ବିକାଶ ଓ ମୌଳିକ ସୁବିଧାସୁଯୋଗ ଯୋଗାଇ ଦେବାକୁ କେନ୍ଦ୍ର ସରକାର ଖଣିଜ ନ୍ୟାସ ପାଣ୍ଠି (ଡିଏମ୍‌ଏଫ୍) ବ୍ୟବସ୍ଥା ୨୦୧୫ ମସିହାରେ କାର୍ଯ୍ୟକାରୀ କରିଥିଲେ । ଯାଜପୁରର ଜଳିଆପାଣି କ୍ରୋମ ଉପତ୍ୟକା ଓ ଲଘୁ ଖଣିଜ ସମ୍ପଦ ଖାଦାନରୁ ଯଥାକ୍ରମେ ୨୨୦୬ କୋଟି ୯୦ ଲକ୍ଷ ଓ ୧୪ କୋଟି ୪୦ କୋଟି ଟଙ୍କା ଗତ ମେ ମାସ ସୁଦ୍ଧା ଆଦାୟ ହୋଇଛି । ୨୮୫୨ କୋଟି ୨୮ ଲକ୍ଷ ଟଙ୍କାରେ ୬୪୧୩ଟି ପ୍ରକଳ୍ପ ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି । ତଥ୍ୟ ଅନୁସାରେ, ରାସ୍ତାଘାଟ ଓ ବିଭିନ୍ନ ନିର୍ମାଣ ବାବଦରେ ୧୪୦୧ କୋଟି ୪୫ ଲକ୍ଷ ଟଙ୍କାରେ ୨୩୨୩ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଯାହାକି ଗୁପ୍ତ ଭାବେ କାର୍ଯ୍ୟକାରୀ କରାଯାଉଛି । ସର୍ବନିମ୍ନ ୪ କୋଟି ୧୦ ଲକ୍ଷ ଟଙ୍କାରେ ଶକ୍ତି ଓ ଜଳଛାୟା ବିକାଶ ନାମରେ ୫୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଅନୁରୂପ ଭାବେ ଗୃହ ପାଇଁ ୬୧ଟି ପ୍ରକଳ୍ପ ନାମରେ ୪ କୋଟି ୫୯ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି । ଶିଶୁ ଓ ମହିଳାଙ୍କ କଲ୍ୟାଣ ପାଇଁ ୭୪ ପ୍ରକଳ୍ପ ଲାଗି ୮ କୋଟି ୮୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସେହିପରି ଜଳସେଚନ ପାଇଁ ୧୦ଟି ପ୍ରକଳ୍ପ ବାବଦରେ ୧୨୦ କୋଟି ୫୪ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି । ଜଙ୍ଗଲ ଜମିରେ ବନୀକରଣ ପାଇଁ ୨୭ଟି ପ୍ରକଳ୍ପ ପାଇଁ ୨୬ କୋଟି ୮୬ ଲକ୍ଷ ଟଙ୍କା, ୧୬୪୫ଟି ପାନୀୟ ଜଳ ପ୍ରକଳ୍ପ ପାଇଁ ୨୦୯ କୋଟି ୯୨ ଲକ୍ଷ ଟଙ୍କା, ୧୬୩୦ଟି ଶିକ୍ଷା ପ୍ରକଳ୍ପ ପାଇଁ ୩୮୪ କୋଟି ୭୮ ଲକ୍ଷ ଟଙ୍କା, ପରିବେଶ ସୁରକ୍ଷା ପାଇଁ ୬୦ଟି ପ୍ରକଳ୍ପ ଲାଗି ୧୫୧ କୋଟି ୨୪ ଲକ୍ଷ ଟଙ୍କା, ସ୍ୱାସ୍ଥ୍ୟ ବିଭାଗର ୯୬ ପ୍ରକଳ୍ପ ବାବଦରେ ୨୬୪ କୋଟି ୨୯ ଲକ୍ଷ ଟଙ୍କା ଅନୁମୋଦନ ଲାଭ କରିଛି । ଦକ୍ଷତା ବିକାଶ ପାଇଁ ୧୫ଟି ପ୍ରକଳ୍ପ ବାବଦରେ ୮୮ କୋଟି ୬ ଲକ୍ଷ ଟଙ୍କା ଅନୁମୋଦନ ଲାଭ କରିଥିବା ବେଳେ ପରିମଳ ପାଇଁ ୨୦୬ ପ୍ରକଳ୍ପ ବାବଦରେ ୨୯ କୋଟି ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସମୁଦାୟ ୧୫୩୬ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୩୦୦୬ଟି ପ୍ରକଳ୍ପ ଶେଷ କରାଯାଉଥିବା ବେଳେ ୨୯୩୫ ପ୍ରକଳ୍ପ କାମ ଜାରି ରହିଛି ବୋଲି ସରକାରୀ ଭାବେ କୁହାଯାଉଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅଧିକାଂଶ ପ୍ରକଳ୍ପର ସୂଚନା ଫଳକ ନଲଗାଇ ଗୋପନରେ କରାଯାଉଛି । ଫଳରେ, ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚ ନହୋଇ ବାଟମାରଣା ହୋଇଥିବା ସନ୍ଦେହ କରାଯାଉଛି । ଏହାର ଖୋଳତାଡ଼ କରାଗଲେ ଏ ସମ୍ପର୍କରେ ବହୁ ଦୁର୍ନୀତିର ପର୍ଦ୍ଦାଫାସ୍ ହୋଇପାରେ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ୪୭୨ ପ୍ରକଳ୍ପ ଆରମ୍ଭ ହୋଇନାହିଁ । ଅନୁମୋଦିତ ପ୍ରକଳ୍ପ ମଧ୍ୟରେ କୃଷି ବିଭାଗକୁ ଜିଲ୍ଲା ପ୍ରଶାସନ ଏଡ଼ାଇ ଯାଉଥିବା ଜଣାପଡ଼ିଛି ।

# ହରିବୋଲ କ୍ଷେତ୍ରରେ ଗଡ଼ିଲା ତିନି ରଥ:ଛେରା ପହଁରା କଲେ ଜିଲ୍ଲାପାଳ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ହରିବୋଲ କ୍ଷେତ୍ର ଭଦ୍ରକ ବ୍ଲକ୍ କେଶପୁର ଠାରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ବିରାଜିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପବିତ୍ର ଘୋଷଯାତ ମହାସମାରୋହରେ ପାଳିତ ହୋଇଯାଇଛି । ପୂର୍ବ ପ୍ରସ୍ତୁତି ଅନୁଯାୟୀ ସକାଳ ୬ଟାରୁ ଦ୍ୱାରପାଳ ପୂଜା ପରେ ପରେ ନିର୍ଦ୍ଧାରିତ ସମୟସୂଚୀ କ୍ରମେ ସୂର୍ଯ୍ୟପୂଜା, ରଥ ସଂସ୍କାର ଧ୍ୱଜାରୋପଣ, ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ, ମହାପ୍ରଭୁଙ୍କର ସ୍ନାନ ଓ ପୂଜନ କାର୍ଯ୍ୟକ୍ରମ ପରେ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତିନିରଥ ଉପରେ ପବିତ୍ର ଛେରା ପହଁରା କାର୍ଯ୍ୟ ସମାପନ କରିଥିଲେ । ଛେରାପହଁରା କାର୍ଯ୍ୟକ୍ରମ ପରେ ଚାରମାଳ ଫିଟାଯାଇ ରଥଟଣା ଆରମ୍ଭ ହୋଇଥିଲା । ଘଣ୍ଟଘଣ୍ଟା, ସଂକୀର୍ତ୍ତନ, ହରିବୋଲ ହୁଳହୁଳିରେ ଘର ଘୋର ନାଦରେ ରଥ ଗଡ଼ିଥିଲା । ମାତା ସୁଭଦ୍ରା ଦେବୀଙ୍କ ଦେବଦଳନ ରଥକୁ ସ୍ୱତନ୍ତ୍ର ଭାବରେ ମହିଳା ମାନଙ୍କ ଦ୍ୱାରା ଟଣାଯାଇଥିଲା । ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଆନୁକୂଲ୍ୟରେ ସମ୍ପାଦକ ଶରତ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଧାରା ବିବରଣି ପ୍ରଦାନ କରାଯାଇଥିଲା । ସଭାପତି ପଣ୍ଡିତ ଭାଗିରଥି ନନ୍ଦଶର୍ମା, ପୁରୀରୁ ତପସ୍ୱିନୀ ପାଢ଼ୀ, ଖୋର୍ଦ୍ଧା ପଣ୍ଡିତ ଲଳିନ ମୋହନ ମିଶ୍ର, ଢେଙ୍କାନାଳରୁ ସରୋଜିନୀ ପାତ୍ର, ଭଦ୍ରକର ବିଶ୍ୱମୈତ୍ରୀ ନାୟକ ଓ ହରିହର ଦାସ ପ୍ରମୁଖ ଆକର୍ଷଣୀୟ ଧାରାବିବରଣୀ ପ୍ରଦାନ କରିଥିଲେ । ସୟା, ମାଧପୁର, ବାଲିଛତ୍ରୀ, ବାସୁଦେବପୁର ଅଞ୍ଚଳରୁ ୨ଟି ମହିଳା ଓ ୫ଟି ପୁରୁଷ ସଂକୀର୍ତ୍ତନ ଦଳ ରଥଟଣାରେ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସୂଚନା କେନ୍ଦ୍ର ଖୋଲାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସହ ପୋଲିସ୍, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏହି ଯାତ୍ରାରେ ଯୋଗଦେଇଥିଲେ । ଶାନ୍ତି ଶୃଙ୍ଖଳାର ସହ ତିନିରଥ ଟଣାଯାଇ ସନ୍ଧ୍ୟା ସୁଦ୍ଧା ତିହିଡ଼ି ବ୍ଲକ୍ ଗୁଆମାଳର ମୋଡ଼ସାହି ସ୍ଥିତ ମାଉସୀ ବାଡ଼ିରେ ପହଞ୍ଚିଥିଲା । ବେନ୍ତାଳ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ସରୋଜ କୁମାର ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତାଭାବେ ଶ୍ରୀଧର ପୁହାଣ, ନଗେନ୍ଦ୍ର ପ୍ରସାଦ ଦାଶ, ବଳରାମ ପଣ୍ଡା, ସଂଜୀବ ସାହୁ, ରଘୁନାଥ ପଣ୍ଡା, ପୂଜକ ଜଗନ୍ନାଥ ପଣ୍ଡା ପ୍ରମୁଖ ଏହି ରଥଯାତ୍ରାର ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଅବକାରୀ ସ୍କ୍ୱାଡ୍‌ଙ୍କୁ ଦୁର୍ବ୍ୟବହାର:ବନ୍ଧାହେଲେ ବାର୍ ମାଲିକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ବିଳମ୍ବିତ ରାତିରେ ଅବକାରୀ ବିଭାଗ ସ୍କ୍ୱାଡ୍ ଆଗରେ ଦାଦାଗିରି ଦେଖାଇବା ଲକ୍ଷ୍ମୀସାଗର ଥାନା କଟକରୋଡ୍ ସ୍ଥିତ 'ରେନ୍ ଦ କ୍ଲବ୍' ବାର୍ ମାଲିକଙ୍କୁ ମହଙ୍ଗା ପଡ଼ିଛି । ଯାଞ୍ଚ କରିବାକୁ ଯାଇଥିବା ସ୍କ୍ୱାଡ୍‌କୁ ନାଲି ଆଖି ଦେଖାଇ ଗାଳିମନ୍ଦ କରିବା, ଧମକଚମକ ଦେବା ଓ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କୁ ବାର୍ ଭିତରକୁ ଯିବାକୁ ନଦେଇ ତାଙ୍କ ଗୋଡ଼କୁ ଟାଣି ଧରିବା ଭଳି ଅଭିଯୋଗରେ ମାଲିକ ସତ୍ୟରଞ୍ଜନ ମହାନ୍ତିଙ୍କୁ ଗିରଫ କରାଯାଇଛି । ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ରାଜଧାନୀର ବାର୍‌ଗୁଡ଼ିକ ବିଭିନ୍ନ ସମୟରେ ନିୟମ ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ ହୋଇଆସୁଛି । ଧାର୍ଯ୍ୟ ସମୟ ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବାର୍ ଖୋଲିବା, ବାର୍ ଭିତରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଇବା, ଟଙ୍କା ଉଡ଼ାଇବା ଭଳି ଅଭିଯୋଗ ହୋଇଆସୁଛି । ତେଣୁ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ରାତିରେ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ବିଭିନ୍ନ ବାର୍‌ରେ ଚଢ଼ଉ କରିଥିଲେ । ଏହି ସ୍କ୍ୱାଡ୍‌ରେ ଖୋର୍ଦ୍ଧା, ଭୁବନେଶ୍ୱର, କଟକର ଅବକାରୀ ଟିମ୍ ସହ ଇଆଇ ଆଣ୍ଡ ଇବି (ଏକ୍‌ସାଇଜ୍ ଇନ୍‌ଭେଷ୍ଟିଗେସନ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ବ୍ୟୁରୋ)ର ଫ୍ଲାଇଂ ସ୍କ୍ୱାଡ୍ ସାମିଲ ହୋଇଥିଲା । ୧୬ଟି ଟିମ୍ ଅତର୍କିତ ବାର୍‌ଗୁଡ଼ିକ ଉପରେ ଚଢ଼ଉ କରିଥିଲେ । ରାତି ପାଖାପାଖି ସାଢ଼େ ଗୋଟେ ବେଳେ କଟକରୋଡ୍ ସ୍ଥିତ ରେନ୍ ଦି କ୍ଲବ ନିକଟରେ ଗୋଟିଏ ଭ୍ୟାନ୍ ପହଞ୍ଚିଥିଲା । ଟିମ୍‌ର ସଦସ୍ୟମାନେ ବାର୍ ଭିତରକୁ ଯିବାକୁ ବାହାରିଥିଲେ । କିନ୍ତୁ ବାର୍ ମାଲିକ ସତ୍ୟରଞ୍ଜନ ଅବକାରୀ କର୍ମଚାରୀଙ୍କୁ ନାଲିଆଖି ଦେଖାଇ ଧମକ ଦେଇଥିଲେ । ଅବକାରୀ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ । ଭ୍ୟାନ୍ ସମ୍ମୁଖରେ ବସି ଟିମ୍‌କୁ ବାର୍ ଭିତରକୁ ଯିବାକୁ ଦେଇନଥିଲେ । ସ୍ଥିତି ବିଗିଡ଼ିବା ଖବର ପାଇ ଅଧୀକ୍ଷକ ସେଠାରେ ପହଞ୍ଚିଥିଲେ ଏବଂ ସ୍କ୍ୱାଡ୍‌କୁ ଭିତରକୁ ଯିବାକୁ ସତ୍ୟଙ୍କୁ ବୁଝାଇଥିଲେ । ତଥାପି ସତ୍ୟ କିଛି ଶୁଣିନଥିଲେ କି ଭ୍ୟାନ୍ ? ସମ୍ମୁଖରୁ ହଟି ନଥିଲେ । ବହୁ ବୁଝାସୁଝା କରିବା ପରେ ବି ସତ୍ୟ ନିଜ ଦାଦାଗିରିରୁ ନ ଓହରିବାରୁ ଅଧୀକ୍ଷକ ଶ୍ରୀମତୀ ତ୍ରିପାଠୀ ସ୍କ୍ୱାଡ୍‌କୁ ଜୋର୍‌କରି ବାର୍‌ରେ ପଶିବାକୁ ନିର୍ଦ୍ଦେଶ ଦେବା ସହ ନିଜେ ଆଗେ ଆଗେ ଚାଲିଥିଲେ । ଏତିକିବେଳେ ସତ୍ୟ ତାଙ୍କ ଗୋଡ଼କୁ ଟାଣି ଧରିଥିଲେ । ଉତ୍କ୍ଷିପ୍ତ ହୋଇ ଅଧୀକ୍ଷକ ଶ୍ରୀମତୀ ତ୍ରିପାଠୀ ତାଙ୍କୁ ଠେଲିଦେଇଥିଲେ । ସତ୍ୟ ବି ଛାଡ଼ିବା ପରିସ୍ଥିତିରେ ନଥିଲେ । ସେ ପାଟିକରି ହଙ୍ଗାମା କରିଥିଲେ । ଏମିତିକି ଅବକାରୀ ସ୍କ୍ୱାଡ୍‌କୁ ପିଟିବାକୁ ଉଦ୍ୟତ ହୋଇଥିଲେ । ଖବରପାଇ ଲକ୍ଷ୍ମୀସାଗର ଥାନା ପୋଲିସ ସେଠାରେ ପହଞ୍ଚିଥିଲା । ପରେ ପରେ ଅବକାରୀ ବିଭାଗର ଆଉ ୨ଟି ଭ୍ୟାନ୍ ସେଠି ପହଞ୍ଚିଥିଲା । ସେମାନେ ବହୁ କଷ୍ଟରେ ସତ୍ୟଙ୍କୁ କାବୁ କରିଥିଲେ । ଏହାପରେ ଅବକାରୀ ସ୍କ୍ୱାଡ୍ ବାର୍ ଭିତରେ ପଶିଥିଲେ । କିନ୍ତୁ ସେତେବେଳକୁ ବାର୍ ଭିତର ଫାଙ୍କା ହୋଇସାରିଥିଲା । ସେ କାହିଁକି ବାର୍ ଭିତରକୁ ଯିବାକୁ ଦେଉନଥିଲା, ଭିତରେ କ'ଣ ଏମିତି କାଣ୍ଡ ଚାଲିଥିଲା ଯେ ସତ୍ୟ ଅବକାରୀ ଟିମ୍‌କୁ ବାଟ ଓଗାଳିଥିଲା, ସେନେଇ ଖୋଳତାଡ଼ ଚାଲିଛି । ବାର୍‌ର ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ସତ୍ୟଙ୍କ ବାଟ ଓଗାଳିବାର କାରଣ ଖୋଜା ଚାଲିଛି । ରାଜଧାନୀରେ ୭୬ଟି ବାର୍ ଆଣ୍ଡ ? ରେଷ୍ଟୋରାଁ ଓ ୫୫ଟି ବାର୍ ଆଣ୍ଡ ହୋଟେଲ୍‌କୁ ଅନୁମତି ମିଳିଛି । ରାତି ୧୨ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ଅନୁମତି ଦିଆଯାଇଛି । କିଛି ବାର୍ ମାଲିକ ସ୍ୱତନ୍ତ୍ର ଅନୁମତି ବଳରେ ରାତି ସାଢ଼େ ୧ଟା ପର୍ଯ୍ୟନ୍ତ ବାର୍ ଖୋଲା ରଖୁଛନ୍ତି । କିନ୍ତୁ ଅଧିକାଂଶ ବାର୍ ବିନା ଅନୁମତିରେ ବି ରାତି ୨ଟା ପର ପର୍ଯ୍ୟନ୍ତ ଖୋଲାରହୁଛି । ଶନିବାର ପାଇଁ ୨୧ଟି ବାର୍‌କୁ ରାତି ସାଢ଼େ ୧ଟା ପର୍ଯ୍ୟନ୍ତ ଖୋଲିବାକୁ ଅବକାରୀ ବିଭାଗ ଅନୁମତି ଦେଇଥିଲା । ତେଣୁ ଅତର୍କିତ ଭାବେ ୩୫ଟି ବାର୍‌ରେ ଚଢ଼ଉ କରାଯାଇଥିଲା । ଯେଉଁ ବାର୍ ମାଲିକମାନେ ନିୟମ ଉଲ୍ଲଂଘନ କରିଛନ୍ତି, ସେମାନଙ୍କୁ ନୋଟିସ୍ ? କରାଯିବ ବୋଲି ଅଧୀକ୍ଷକ କହିଛନ୍ତି ।

# ଓଡ଼ିଆ ଖେଳାଳିଙ୍କ ଲାଗି ୧୫ଲକ୍ଷର ପ୍ରୋତ୍ସାହନ ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର**

ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ଆଥ୍ଲେଟ୍ କିଶୋର ଜେନା ଓ ହକି ଖେଳାଳି ଅମିତ ରୋହିଦାସଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଉଭୟଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହା ସେମାନଙ୍କୁ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି।

କ୍ରୀଡ଼ାର ମହାକୁମ୍ଭ ହେଉଛି ଅଲିମ୍ପିକ୍ସ। ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଶ୍ରୀ ଜେନା ଏବଂ ଶ୍ରୀ ରୋହିଦାସ କେବଳ ନିଜର ଜନ୍ମମାଟି ନୁହେଁ, ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କର ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ରାଜ୍ୟର ଯୁବ ପ୍ରତିଭାମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହା ସହିତ ଓଡ଼ିଶାବାସୀଙ୍କ ତରଫରୁ ସେ ଉଭୟଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଓଡ଼ିଶାରେ କ୍ରୀଡ଼ା ପ୍ରତିଭାମାନଙ୍କର ଅଭାବ ନାହିଁ। ରାଜ୍ୟର କୋଣଅନୁକୋଣର ଏହି ପ୍ରତିଭାମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ତୃଣମୂଳ ସ୍ତରରେ ଆବଶ୍ୟକ। ଭିତ୍ତିଭୂମି, ଆର୍ଥିକ ସହାୟତା ଏବଂ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବିଶ୍ୱ ବିଜେତାଙ୍କୁ ବିସିସିଆଇ ଦେଇଛି ୧୨୫ କୋଟି : କାହାକୁ ମିଳିବ କେତେ ଟଙ୍କା ?

**ନୂଆଦିଲ୍ଲୀ**

ଦୀର୍ଘ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ ଜିତିଥିବା ରୋହିତ ଶର୍ମାଙ୍କ ଟିମ୍ ଇଣ୍ଡିଆକୁ ବିସିସିଆଇ ୧୨୫ କୋଟି ଟଙ୍କା ଦେଇଛି। ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଆୟୋଜିତ ବିଜୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦଳକୁ ୧୨୫ କୋଟି ଟଙ୍କାର ଚେକ୍ ମିଳିଥିଲା। ହେଲେ ଭାରତୀୟ ଟିମରେ ଥିବା ଖେଳାଳିଙ୍କ ମଧ୍ୟରୁ କାହାକୁ କେତେ ଟଙ୍କା ମିଳିବ? କ'ଣ ସମସ୍ତେ ସମାନ ପରିମାଣର ଟଙ୍କା ପାଇବେ? ଏସବୁ ପ୍ରଶ୍ନର ଉତ୍ତର ସାମ୍ନାକୁ ଆସିଛି।

ଭାରତୀୟ ଟିମ୍ ସହ ମୋଟ୍ ୪୨ ଜଣ ବିଶ୍ୱକପ ପାଇଁ ଆମେରିକା ଓ ୱେଷ୍ଟଇଣ୍ଡିଜ ଗସ୍ତ କରିଥିଲେ। ଏମାନଙ୍କ ମଧ୍ୟରେ ୧୫ ଜଣ ପ୍ରଥମ ଟିମ୍ ଖେଳାଳି, ସପୋର୍ଟ ଷ୍ଟାଫ, ସଂରକ୍ଷିତ ଖେଳାଳି ଓ ଅନ୍ୟାନ୍ୟ ସଦସ୍ୟ ରହିଛନ୍ତି।

ବିସିସିଆଇ ଦେଇଥିବା ୧୨୫ କୋଟି ଟଙ୍କା କେବଳ ୧୫ ଜଣ ଖେଳାଳିଙ୍କ ମଧ୍ୟରେ ବଣ୍ଟା ଯିବ ନାହିଁ। ଏହି ଟଙ୍କା ସପୋର୍ଟ ଷ୍ଟାଫ, ସଂରକ୍ଷିତ ଖେଳାଳି ଓ ଟିମ୍ ସହ ଥିବା ସମସ୍ତ ସଦସ୍ୟଙ୍କ ମଧ୍ୟରେ ବଣ୍ଟାଯିବ। ଟିମ୍ ସହ ଯାଇଥିବା ମୋଟ ୪୨ ଜଣ ୧୨୫ କୋଟି ଟଙ୍କାରୁ ଭାଗ ପାଇବେ। ତେବେ ସମସ୍ତଙ୍କ ଭାଗ ସମାନ ନୁହେଁ। ବିଭିନ୍ନ ଭୂମିକାରେ ଥିବା ସଦସ୍ୟଙ୍କୁ ଅଲଗା ଅଲଗା ପରିମାଣର ଟଙ୍କା ମିଳିବ। ବିଶ୍ୱକପ ସ୍କ୍ୱାଡ୍‌ରେ ଥିବା ପ୍ରଥମ ୧୫ ଜଣ ଖେଳାଳିଙ୍କୁ ୫ କୋଟି ଟଙ୍କା ଲେଖାଏଁ ମିଳିବ। ସେହିପରି ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ଼ ମଧ୍ୟ ୧୨୫ କୋଟି ଟଙ୍କା ମଧ୍ୟରୁ ୫ କୋଟି ପାଇବେ। ଅର୍ଥାତ ୧୬ ଜଣ ୮୦ କୋଟି ଟଙ୍କା ନେଇଯିବେ। ଏହାପରେ ବ୍ୟାଟିଂ କୋଚ୍ ବିକ୍ରମ ରାଠୋର, ଫିଲ୍ଡିଂ କୋଚ୍ ଟି. ଦିଲୀପ ଓ ବୋଲିଂ କୋଚ୍ ପାରସ ମାହାମ୍ବ୍ରେଙ୍କୁ ୨.୫ କୋଟି ଲେଖାଏଁ ମିଳିବ। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ସମେତ ପ୍ୟାନେଲରେ ଥିବା ଶିବସୁନ୍ଦର ଦାସ, ସଲିଲ ଅଙ୍କୋଲା, ଏସ୍. ଶରତ ଓ ସୁବ୍ରତ ବାନାର୍ଜୀ ୧ କୋଟି ଟଙ୍କା ଲେଖାଏଁ ପାଇବେ।




ସପୋର୍ଟ ଷ୍ଟାଫରେ ଥିବା ୩ ଜଣ ଫିଜିଓଥେରାପିଷ୍ଟ, ୩ ଜଣ ଥ୍ରୋଡାଉନ ସ୍ପେଶାଲିଷ୍ଟ, ୨ ଜଣ ମସେଉର୍ସ(ମସାଜ କରୁଥିବା ସଦସ୍ୟ) ଓ ଷ୍ଟ୍ରେନ୍ଥ ଏବଂ କଣ୍ଡିସନିଂ କୋଚ୍‌ଙ୍କୁ ୨ କୋଟି ଲେଖାଏଁ ମିଳିବ। ବିଶ୍ୱକପ ପାଇଁ ବିସିସିଆଇ ଚୟନ କମିଟି ୪ ଜଣଙ୍କୁ ସଂରକ୍ଷିତ ଖେଳାଳି ଭାବେ ଦଳ ସହ ପଠାଇଥିଲା। ସେମାନେ ହେଲେ ରିଙ୍କୁ ସିଂହ, ଶୁବମନ ଗିଲ୍, ଆବେଶ ଖାନ ଓ ଖଲୀଲ ଅହମଦ ଏମାନଙ୍କୁ ୧୨୫ କୋଟି ଟଙ୍କା ମଧ୍ୟରୁ ୧ କୋଟି ଟଙ୍କା ଲେଖାଏଁ ଦିଆଯିବ।

ବିସିସିଆଇ ବ୍ୟତୀତ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ବିଶ୍ୱ ବିଜେତା ଭାରତୀୟ ଟିମ୍ ପାଇଁ ୧୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି।

# ଖାଇବାକୁ ଟଙ୍କା ନାହିଁ ସିନା କ୍ରିକେଟ ପାଇଁ ୧୨୮୦ କୋଟି ଟଙ୍କା ଖର୍ଚ୍ଚ କରିବ ପାକିସ୍ତାନ



**ନୂଆଦିଲ୍ଲୀ**

ଆସନ୍ତା ବର୍ଷ ଆଇସିସି ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବାକୁ ପାକିସ୍ତାନ ପ୍ରସ୍ତୁତ ହେଉଛି। ବହୁତ ଦିନ ପରେ ପାକିସ୍ତାନ ଏକ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ, ଯେଉଁଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଆସନ୍ତା ବର୍ଷ ଫେବୃୟାରୀ ଏବଂ ମାର୍ଚ୍ଚରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପାଇଁ ୧୨୮୦ କୋଟି ପାକିସ୍ତାନୀ ଟଙ୍କା ଖର୍ଚ୍ଚ କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଘୋଷଣା କରିଛି। ଏହି ରାଶି ଭାରତୀୟ ମୁଦ୍ରାରେ ପ୍ରାୟ ୩୮୩ କୋଟି ଟଙ୍କା ସହିତ ସମାନ ଏବଂ ଏହାର ଭିତ୍ତିଭୂମିରେ ଉନ୍ନତି ପାଇଁ ବ୍ୟବହୃତ ହେବ। ଏହି ୧୨୮୦ କୋଟି ଟଙ୍କା ମଧ୍ୟରୁ ଅଧିକାଂଶ ଅର୍ଥ ଗଦାଫି ଷ୍ଟାଡ଼ିୟମ, ନ୍ୟାସନାଲ ଷ୍ଟାଡ଼ିୟମ ଏବଂ ରାୱଲପିଣ୍ଡି ଷ୍ଟାଡ଼ିୟମରେ ଖର୍ଚ୍ଚ ହେବ।

କୁହାଯାଉଛି ଯେ ପିସିବି (ପାକିସ୍ତାନ କ୍ରିକେଟ ବୋର୍ଡ) ଲାହୋରର ଗଦାଫି ଷ୍ଟାଡିୟମ ନିକଟରେ ୩୧୫୮୧ ବର୍ଗଫୁଟ୍ ଜମି ଆବଣ୍ଟନ କରିଛି। ଯେଉଁଥିରେ ଏକ ବିଳାସପୂର୍ଣ୍ଣ ହୋଟେଲ ନିର୍ମାଣ ହେବ। ଯଦିଓ ପୂର୍ବରୁ ଏହି ହୋଟେଲ ନ୍ୟାସନାଲ କ୍ରିକେଟ ଏକାଡେମୀ ନିକଟରେ ନିର୍ମାଣ କରାଯିବାକୁ ଯୋଜନା କରାଯାଇଥିଲା, କିନ୍ତୁ ପ୍ଲଟ କିଣିବା ପରେ ଏହା ବର୍ତ୍ତମାନ ଲାହୋରରେ ନିର୍ମାଣ ହେବ। ସେହିପରି ଗଦାଫି ଷ୍ଟାଡିୟମରେ ମଧ୍ୟ କାମ ଆରମ୍ଭ ହୋଇଛି। ପ୍ରବେଶ କ୍ଷେତ୍ରକୁ ଭାଙ୍ଗି ଦିଆଯାଇଛି ଏବଂ ଏହାକୁ ପୁନଃନିର୍ମାଣ ପାଇଁ କାର୍ଯ୍ୟ ଚାଲିଛି। ଏହା ବ୍ୟତୀତ ପିସିବି ପୃଥକ୍ ଭାବରେ ୪୫୦ କୋଟି ପାକିସ୍ତାନୀ ଟଙ୍କା ଆବଣ୍ଟନ କରିଛି, ଯାହା ୧୨ଟି ଅନ୍ୟ ପଡ଼ିଆର ଉନ୍ନତି ପାଇଁ ବ୍ୟବହୃତ ହେବ। ସେହିପରି ମହିଳା କ୍ରିକେଟର ବଜେଟକୁ ୭୦ ଲକ୍ଷରୁ ୨ କୋଟି ୪୦ ଲକ୍ଷକୁ ବୃଦ୍ଧି କରାଯାଇଛି। ସେହିଭଳି ବୈଠକରେ ମହିଳା କ୍ରିକେଟରଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ମଧ୍ୟ ସବୁଜ ସଙ୍କେତ ଦିଆଯାଇଛି।

# ଶତକ ହାସଲ ପରେ ଗୁରୁ ଯୁବରାଜଙ୍କୁ ଭିଡିଓ କଲ୍ କଲେ ଅଭିଷେକ

**ହରାରେ**

ଦ୍ୱିତୀୟ ଟି-୨୦ରେ ଭାରତୀୟ ଦଳ ସହଜରେ ଜିମ୍ବାୱେକୁ ପରାସ୍ତ କରିଥିଲା। ଶୁଭମାନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ୧୦୦ ରନରେ ଜିତିଥିଲା। ୫ଟି ଟି -୨୦ ମ୍ୟାଚ୍‌ର ସିରିଜ୍ ୧-୧ରେ ରହିଛି। ଜିମ୍ବାୱେ ପ୍ରଥମ ଟି-୨୦ରେ ଭାରତକୁ ୧୩ ରନରେ ପରାସ୍ତ କରିଥିଲା। ତେବେ ଅଭିଷେକ ଶର୍ମା ଦ୍ୱିତୀୟ ଟି-୨୦ରେ ହିରୋ ଥିଲେ। ଅଭିଷେକ ଶର୍ମା ୪୭ ବଲରେ ୧୦୦ ରନ କରିଥିଲେ। ସେ ନିଜ ଇନିଂସରେ ୭ ଚୌକା ଓ ୮ ଛକା ମାରିଥିଲେ। ଏହି ଉଜ୍ଜ୍ୱଳ ଇନିଂସ ପାଇଁ ଅଭିଷେକ ଶର୍ମାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।




ଏହା ପରେ ଅଭିଷେକ ଶର୍ମାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏକ ଶତାବ୍ଦୀ ସ୍କୋର କରିବା ପରେ ଅଭିଷେକ ଶର୍ମା ତାଙ୍କ ପ୍ରିୟ କ୍ରିକେଟର ଯୁବରାଜ ସିଂଙ୍କ ସହ ଭିଡିଓ କଲ୍‌ରେ କଥା ହୋଇଥିଲେ। ଏହି ସମୟ ମଧ୍ୟରେ ଦୁହେଁ ବହୁତ ଖୁସି ଦେଖାଯାଉଛନ୍ତି। ତେବେ ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଅଭିଷେକଙ୍କର ଏହି ପ୍ରଥମ ଅନ୍ତର୍ଜାତୀୟ ଶତକକୁ ନେଇ ଗୁରୁ ଯୁବରାଜ ସିଂ ତାଙ୍କର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଅଭିଷେକଙ୍କ ମେଣ୍ଟର। ଯୁବରାଜ ଅଭିଷେକଙ୍କର ୧୩୨ ସେକେଣ୍ଡର ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ କଠିନ ପରିଶ୍ରମ କରୁଥିବା ଦେଖାଯାଉଛନ୍ତି।

ଯୁବରାଜ କହିଛନ୍ତି ଯେ, ଗୋଟିଏ ଦିନରେ କିଛି ହେବ ନାହିଁ। କିନ୍ତୁ ସଫଳତା ପାଇବା ପାଇଁ ଲାଗାତାର ପରିଶ୍ରମ କରିବାକୁ ପଡ଼ିବ। ସୋମବାର ସେ ଅଭିଷେକଙ୍କ ଟ୍ରେନିଂ ସମୟର ଭିଡିଓ ସେୟାର କରି ଲେଖିଛନ୍ତି ଯେ, ନିରନ୍ତର ପ୍ରୟାସ ହିଁ ସଫଳତାର ଚାବିକାଠି। ପ୍ରଥମ ଅନ୍ତର୍ଜାତୀୟ ଶତକ ପାଇଁ ଅଭିଷେକଙ୍କୁ ଶୁଭେଚ୍ଛା। ଆଗକୁ ଏମିତି ବି ଜାରି ରହିବ ବୋଲି ସେ ଏଥିରେ ଲେଖିଛନ୍ତି।

## ଉଗାଣ୍ଡା ପାରାବ୍ୟାଡ୍‌ମିଣ୍ଟନ୍

# ଓଡ଼ିଶା ଖେଳାଳିଙ୍କୁ ୪ ପଦକ



**ଭୁବନେଶ୍ୱର**

ଉଗାଣ୍ଡା ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ୪ କାଂସ୍ୟ ପଦକ ଜିତିଛନ୍ତି। ଦୀପରଞ୍ଜନ ବିଶୋୟୀ, ନୁରୁଲ ହୁସେନ ଖାନ ନିଜନିଜ ବର୍ଗରେ ଏକକ କାଂସ୍ୟ ଜିତିଥିଲେ। ଯୁଗଳରେ ଓଡ଼ିଶାର ଶୁଭ୍ରଜିତ ମହାରଣାଙ୍କୁ ସାଥୀ କରି ଦୀପରଞ୍ଜନ ଏବଂ ଇସ୍ରାଏଲର କୋଷ୍ଟାଣ୍ଟିନ ଆଫିନୋଗେନୋଭଙ୍କୁ ସାଥୀ କରି ନୁରୁଲ କାଂସ୍ୟ ଜିତି ନିଜ ପଦକ ସଂଖ୍ୟା ୨କୁ ବଢ଼ାଇଥିଲେ। ଏସ୍ଏଲ୍-୪ ଏକକ ବର୍ଗ ସେମିଫାଇନାଲ୍‌ରେ ଦୀପ ୧୭-୨୧, ୧୦-୨୧ରେ ନିଜ ଦେଶର ଅଭିଜିତ ସଖୁଜାଙ୍କଠୁ ଏବଂ ହ୍ୱିଲ୍‌ଚେୟାର ୨ ସେମିଫାଇନାଲ୍‌ରେ ନୁରୁଲ ୮-୨୧, ୮-୨୧ରେ ଭାରତର ସନ୍ତୋଷ ଗୋବିନ୍ଦନଙ୍କଠୁ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ।

ଏସ୍ଏଲ୍-୪ ଯୁଗଳ ସେମିଫାଇନାଲ୍‌ରେ ଓଡ଼ିଆ ଯୋଡ଼ି ଦୀପ ଓ ଶୁଭ୍ରଜିତ ୧୭-୨୧, ୧୯-୨୧ରେ ଭାରତର ଅନ୍ୟଏକ ଯୋଡ଼ି ଯତୀନ ଆଜାଦ ଓ ଅଭିଜିତ ସଖୁଜାଙ୍କଠୁ ଏବଂ ହ୍ୱିଲ୍‌ଚେୟାର ଯୁଗଳରେ ନୁରୁଲ ଓ କୋନ୍‌ଷ୍ଟାଣ୍ଟିନ ୧୭-୨୧, ୧୧-୨୧ରେ ଭାରତୀୟ ଯୋଡ଼ି ପୂର୍ଣ୍ଣ ରାଓ ଚପରା ଓ ମୁନା ଖଲିଦଙ୍କଠୁ ପରାଜିତ ହୋଇଥିଲେ। ଏହି ପ୍ରତିଯୋଗିତାରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଓଡ଼ିଆ ଖେଳାଳି ବିଭାସିନ୍ଧୁ ବାରିକ କ୍ୱାର୍ଟରଫାଇନାଲ୍‌ରେ ୧୧-୨୧, ୧୧-୨୧ରେ ହାରି ବିନା ପଦକରେ ସ୍ୱଦେଶ ଫେରିଛନ୍ତି।

# କିଜ୍‌ଙ୍କ ଦୁଃଖଦ ବିଦାୟ

**ଲଣ୍ଡନ**




ଚଳିତ ୱିମ୍ବଲଡନ୍ ମହିଳା ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରୁ ୨୦୧୭ ୟୁଏସ୍ ଓପନ୍ ବିଜେତା ମାଡିସନ୍ କିଜ୍ ଦୁଃଖଦ ବିଦାୟ ନେଇଛନ୍ତି। ଆହତ ଯୋଗୁଁ ସପ୍ତମ ମାନ୍ୟତାପ୍ରାପ୍ତ ଜସ୍ମିନ ପାଓଲିନ୍‌ଙ୍କ ବିପକ୍ଷ ମ୍ୟାଚ୍ ଅଧାରୁ କିଜ୍ ଓହରି ଯାଇଥିଲେ। ଫଳରେ ଫ୍ରେଞ୍ଚ ଓପନ୍ ଉପବିଜୟିନୀ ଇଟାଲିର ପାଓଲିନ୍ ସହଜରେ ପ୍ରଥମ ଥର ଲାଗି ଏଠାରେ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି। ମ୍ୟାଚ୍‌ର ପ୍ରଥମ ସେଟ୍‌କୁ ପାଓଲିନ୍ ୬-୩ରେ ଜିତିଥିଲା ବେଳେ ଦ୍ୱିତୀୟକୁ କିଜ୍ ୭-୬ରେ ଜିତି ସ୍ଥିତି ସମାନ କରିଥିଲେ। ଫଳରେ ମ୍ୟାଚ୍ ତୃତୀୟ ସେଟ୍‌କୁ ଯାଇଥିଲା। ଏହି ସେଟ୍ ୫-୫ରେ ଥିଲା ବେଳେ କିଜ୍‌ଙ୍କ ଜଙ୍ଘରେ ଯନ୍ତ୍ରଣା ହୋଇଥିଲା। ତେଣୁ ସେ ଓହରିବାକୁ ବାଧ୍ୟ ହୋଇଥିଲେ।

ବିଶ୍ୱର ୩ ନମ୍ବର ପୁରୁଷ ଖେଳାଳି ତଥା ବିଜେତା କାର୍ଲୋସ ଅଲ୍‌କାରାଜ ଗାର୍ଫିଆ ଏବଂ ଏକ ନମ୍ବର ୟାନ୍ନିକ ସିନ୍ନର କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି। ସ୍ପେନ୍‌ର ୩ ଗ୍ରାଣ୍ଡ ସ୍ଲାମ୍ ବିଜେତା ଅଲ୍‌କାରାଜ ୬-୩, ୬-୪, ୧-୬, ୭-୫ ସେଟ୍‌ରେ ୟୁଗୋ ହମବର୍ଟଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅଷ୍ଟ୍ରେଲିଆନ୍ ଓପନ୍ ବିଜେତା ଇଟାଲିର ସିନ୍ନର ୬-୨, ୬-୪, ୭-୬ ସେଟ୍‌ରେ ଆମେରିକାର ବେନ୍ ସେଲଟନ୍‌ଙ୍କୁ ହରାଇଥିଲେ।

# ବିସିସିଆଇ ସମ୍ପାଦକ ପଦରୁ ଇସ୍ତଫା ଦେବେ ଜୟ ଶାହା !

**ମୁମ୍ବାଇ**

ଭାରତ ୨୦୨୪ ଟି-୨୦ ବିଶ୍ୱକପ ଟାଇଟଲ ଜିତିବା ପରେ ବିସିସିଆଇ ସମ୍ପାଦକ ଜୟ ଶାହାଙ୍କ ବିଷୟରେ ଏକ ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟ ଅନୁଯାୟୀ, ବିସିସିଆଇ ସମ୍ପାଦକ ପଦ ଛାଡ଼ିପାରନ୍ତି ଜୟ ଶାହା। ଆଇସିସିର ନୂତନ ଅଧ୍ୟକ୍ଷ ପାଇଁ ନିର୍ବାଚନରେ ଜୟ ଶାହା ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଚାହୁଁଥିବା ଜଣାପଡିଛି। ଯେଉଁଥିପାଇଁ ସେ ବିସିସିଆଇ ସମ୍ପାଦକରୁ ଇସ୍ତଫା ଦେବେ ବୋଲି ଜଣାପଡ଼ିଛି। ଆଇସିସିର ନୂତନ ଅଧ୍ୟକ୍ଷ ପାଇଁ ନିର୍ବାଚନ ଆଉ ୪ ମାସ ପରେ ଅର୍ଥାତ ଚଳିତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

ବର୍ତ୍ତମାନ ଆଇସିସିର ଚେୟାରମ୍ୟାନ ହେଉଛନ୍ତି ଗ୍ରେଗ୍ ବାରକଲେ। ବାରକଲେ ୨୦୨୦ରୁ ଏହି ପଦବୀରେ ରହିଆସିଛନ୍ତି। କିନ୍ତୁ କ୍ରିକ୍‌ବଜ୍ ରିପୋର୍ଟ ଅନୁଯାୟୀ ଏଥର ଜୟ ଶାହା ନୂତନ ଅଧ୍ୟକ୍ଷ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ। ଚଳିତ ମାସରେ କଲମ୍ବୋରେ ଏକ ବୈଠକ ଅନୁଷ୍ଠିତ ହେବ। ଯେଉଁଥିରେ ଆଇସିସିର ନୂତନ ଅଧ୍ୟକ୍ଷ ପାଇଁ ନିର୍ବାଚନ ତାରିଖ ଘୋଷଣା ହେବ। ଯଦିଓ ଜୟ ଶାହା ଏହି ପ୍ରସଙ୍ଗରେ ନିଜର ନିରବତାକୁ ଭାଙ୍ଗି ନାହାଁନ୍ତି, କିନ୍ତୁ ଆଇସିସିର କିଛି କାର୍ଯ୍ୟରେ ସେ ଖୁସି ନୁହଁନ୍ତି ବୋଲି ଜଣାଯାଇଛି। ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ୨୦୨୪ ଟି-୨୦ ବିଶ୍ୱକପ ଆୟୋଜନ ପାଇଁ ଶାହା ମଧ୍ୟ ଖୁସି ନଥିଲେ। ଯଦି ଶାହା ଅଧ୍ୟକ୍ଷ ପଦ ପାଇଁ ଆବେଦନ କରନ୍ତି ଏବଂ ନିର୍ବାଚନରେ ଜିତନ୍ତି, ତେବେ ସେ ଆଇସିସିର ସର୍ବ କନିଷ୍ଠ ଅଧ୍ୟକ୍ଷ ହେବେ।



ବିସିସିଆଇ ସମ୍ପାଦକ ଜୟ ଶାହାଙ୍କୁ ବର୍ତ୍ତମାନ ୩୫ ବର୍ଷ ବୟସ। ଯଦି ସେ ଆଇସିସି ଚେୟାରମ୍ୟାନ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ଏବଂ ଜିତନ୍ତି ତେବେ ସେ ଇତିହାସ ସୃଷ୍ଟି କରିବେ। ଜୟ ଶାହା ଆଇସିସିର ସର୍ବ କନିଷ୍ଠ ସଭାପତି ହେବେ।

ରିପୋର୍ଟ ଅନୁଯାୟୀ, ଆଇସିସି କାର୍ଯ୍ୟକାଳ ସମ୍ବନ୍ଧରେ ନୂତନ ନିୟମ କରିଛି। ଆଇସିସି ସଭାପତିଙ୍କ କାର୍ଯ୍ୟକାଳ ପୂର୍ବରୁ ୨ ବର୍ଷ ଥିଲା। କିନ୍ତୁ ବର୍ତ୍ତମାନ ଏହାକୁ ୩ ବର୍ଷ କରାଯାଇଛି। କିନ୍ତୁ ଯେ କୌଣସି ବ୍ୟକ୍ତି ଏହି ପୋଷ୍ଟରେ କେବଳ ଦୁଇଥର ରହିପାରିବେ। ଯଦି ଜୟ ଶାହା ଚେୟାରମ୍ୟାନ ହୁଅନ୍ତି, ତେବେ ସେ ଏହି ପଦବୀରେ ୩ ବର୍ଷ ରହିବେ ଏବଂ ଏହା କରିବା ପରେ ସେ ୨୦୨୮ ମସିହାରେ ବିସିସିଆଇର ସଭାପତି ହେବାକୁ ଯୋଗ୍ୟ ହେବେ।

# ମେଫେୟାର ହକି ଭିଲେଜ୍ ସୁଇମିଂ ପୁଲ୍‌ରେ ବୁଡ଼ି ନାବାଳିକାର ମୃତ୍ୟୁ

**ରାଉରକେଲା**

ମେଫେୟାର ହକି ଭିଲେଜ୍‌ରେ ସୁଇମିଂ ଶିଖୁଥିବାବେଳେ ବୁଡ଼ିଯାଇଥିବା ୪ ବର୍ଷୀୟା ନାବାଳିକା ସନେହା ସିଂହ ଓରଫ୍ ଇଷାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ରବିବାର ସକାଳେ ଇସ୍ପାତ ଜେନେରାଲ ହସ୍‌ପିଟାଲ(ଆଇଜିଏଚ୍) ରେ ଶୋକର ଛାୟା ଖେଳିଯାଇଥିଲା। ଦୁନିଆ ଦେଖିବା ପୂର୍ବରୁ ଇହଧାମ ତ୍ୟାଗ କରିଥିବା ନିଷ୍ପାପ ଝିଅର ଶବ ପାଖରେ ବସି ଦୀର୍ଘ ସମୟଧରି କାନ୍ଦିଥିଲେ ବାପା-ମା', ବଡ଼ଭାଇ ଓ ପ୍ରିୟଜନ। ସେମାନଙ୍କ ଛାତିଫଟା କାନ୍ଦରେ ଆଇଜିଏଚ୍ ପରିସର ମଧ୍ୟ ଶୋକରେ ଭରିଯାଇଥିଲା। ସେମାନଙ୍କ ଆଖିରୁ ଲୁହ ବନ୍ଦ ହେବାର ନାଁ ନେଉନଥିଲା। ମେଫେୟାର ହକି ଭିଲେଜ୍‌ର ସୁଇମିଂ ପୁଲ୍ ପରିଚାଳନା ଦାୟିତ୍ୱରେ ଥିବା ସନ୍ତୋଷ ବିଶ୍ୱାଳ, ଦୁଇ ପ୍ରଶିକ୍ଷକଙ୍କ ଘୋର୍ ଅବହେଳା ଯୋଗୁଁ, ଅକାଳରେ ଇଷାଙ୍କ ଜୀବନ ଦୀପ ଲିଭିଯାଇଥିବା ପରିବାରବର୍ଗ; ଅଭିଯୋଗ କରିଛନ୍ତି। ପରିବାରବର୍ଗଙ୍କ ପକ୍ଷରୁ ଛେଣ୍ଡ୍ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୁଲିସ ଏକ ମାମଲା(କେସ୍ ନଂ-୧୪୪, ଦଫା-୧୦୬(୧)/୩(୫) ରୁଜୁ କରିଛି।

# ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି କାର୍ଯ୍ୟ କରୁଛି

**ନୂଆଦିଲ୍ଲୀ**

ଚଳିତ ମାସ ୨୬ରୁ ପ୍ୟାରିସ୍‌ରେ ଆରମ୍ଭ ହେବାକୁ ଯାଉଛି। ଅଲିମ୍ପିକ୍ସ ଏହି ପ୍ରତିଯୋଗିତା ଲାଗି ସେଠାକୁ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖେଳାଳିମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଭାରତୀୟ ହକି ଦଳ, ବନ୍ଧୁକଚାଳକ, ମୁଷ୍ଟିଯୋଦ୍ଧା ଏବଂ ଟ୍ରାକ୍ ଆଣ୍ଡ ଫିଲ୍ଡର ତାରକା ନୀରଜ ଚୋପ୍ରା ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରୀ ମୋଦି କହିଥିଲେ, ଆମେ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାର ଆଶା ରଖିଛୁ ଯାହା କ୍ରୀଡ଼ା ପରିବେଶ ସୃଷ୍ଟି କରିବାର ସାହାଯ୍ୟ କରିବ। ଭିତ୍ତିଭୂମି ପ୍ରସ୍ତୁତ ଲାଗି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ତୁମର ଖେଳ ବେଳେ କିଛି କହିବିନି ଯେତେବେଳେ ତୁମେମାନେ ଫ୍ରି ଥିବ ସେତେବେଳେ ପ୍ୟାରିସ୍‌ର ଆୟୋଜନକୁ ନିରୀକ୍ଷଣ କରିବ ଏବଂ ଏହାର ଅଭିଜ୍ଞତା ଆମକୁ ବାଣ୍ଟିବ ଯାହା ୨୦୩୬ ବିଡ୍ ଲାଗି ସହଯୋଗ କରିବ। ଭଲରେ ଆୟୋଜନ କରିବା ଲାଗି ସହଯୋଗ କରିବ।

**ଭାରତୀୟ ପ୍ୟାରିସ୍ ଅଲିମ୍ପିକ୍ସ ଖେଳାଳିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା**



ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ଗତ ଥରଠୁ ଭଲ କରିବାକୁ ଆଶା ରହିଛି। ଟୋକିଓରେ ଚୋପ୍ରାଙ୍କ ଜାଭେଲିନ ସ୍ୱର୍ଣ୍ଣ ସହ ୭ ପଦକ ଜିତିଥିଲା। ଭାରତରୁ ୧୦୦ରୁ ଅଧିକ କ୍ରୀଡ଼ାବିତ୍ ପ୍ୟାରିସ୍ ଟିକେଟ ନିଶ୍ଚିତ କରିଛନ୍ତି। ମୋଦି ଖେଳାଳିମାନଙ୍କ ମନୋବଳ ବଢ଼ାଇବାକୁ କହିଥିଲେ ଯେ ଅଲିମ୍ପିକ୍ସ ମହତ୍ୱରେ ହଜିଯାଅନି, କାରଣ ଏହା ତୁମକୁ ଲକ୍ଷ୍ୟଭ୍ରଷ୍ଟ କରିବ। ତୁମମାନଙ୍କ ପ୍ରତିଭା ଉପରେ ଆମର ଭରସା ଅଛି। କେବଳ ପ୍ରତିଯୋଗିତା ଉପରେ ଲକ୍ଷ୍ୟ ରଖ ଯାହା ତୁମକୁ ଫଳ ଦେବ। ପଦକ ଜିତ କି ନଜିତ, ତାହା ସମସ୍ୟା ନୁହେଁ, କେବଳ ୧୦୦ ପ୍ରତିଶତ ଦେବା ଗୁରୁତ୍ୱପୂର୍ଣ୍ଣ। କ୍ରୀଡ଼ାରେ ଅଭ୍ୟାସ ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହା ସହ ଶୋଇବା କିମ୍ବା ବିଶ୍ରାମକୁ ମଧ୍ୟ ସମାନ ପ୍ରାଧାନ୍ୟ ଦେବା ଆବଶ୍ୟକ। ସବୁ ଜାଗାରେ ଭଲ ନିଦ୍ରା ହିଁ ଗୁରୁତ୍ୱପୂର୍ଣ୍ଣ ରହିଛି। ତେଣୁ ଶୋଇବାରେ ସାଲିସ୍ କରନି। ଏହା ଚାପରୁ ମୁକ୍ତ କରିଥାଏ। ଆମେ ତୁମମାନଙ୍କୁ ସର୍ବୋତ୍ତମ ସୁବିଧା ଯୋଗାଇବାକୁ ଚେଷ୍ଟା କରିଛୁ। ସମସ୍ତଙ୍କୁ ଶୁଭକାମନା ପ୍ୟାରିସ୍‌ରୁ ଫେରିବା ପରେ ଲାଲ୍‌କିଲ୍ଲାରେ ହେବାକୁ ଥିବା ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ କରୁଛି।

# ପ୍ରୋଫାଇଲ ଫଟୋ ଅପଡେଟ କଲେ ରୋହିତ ଶର୍ମା

**ନୂଆଦିଲ୍ଲୀ**

ଭାରତର ବିଶ୍ୱକପ ବିଜେତା ଦଳର ଅଧିନାୟକ ରୋହିତ ଶର୍ମା ତାଙ୍କ ଏକ୍ସ ଆକାଉଣ୍ଟର ପ୍ରୋଫାଇଲ ଫଟୋ ବଦଳାଇଛନ୍ତି। ବାର୍ବାଡସରେ ଭାରତୀୟ ଟିମ୍ ଟି-୨୦ ବିଶ୍ୱକପ ଫାଇନାଲର ଜିତିଥିଲା। ଏହା ସହ ଜଡ଼ିତ ଗୋଟିଏ ଫଟୋ ରୋହିତ ତାଙ୍କ ପ୍ରୋଫାଇଲ ଫଟୋ ଭାବେ ରଖିଛନ୍ତି। ଫାଇନାଲ ଜିତିବା ପରେ ରୋହିତ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହାପରେ ବାର୍ବାଡସର କେନ୍ସିଂଟନ ଓଭାଲ ଗ୍ରାଉଣ୍ଡରେ ତ୍ରିରଙ୍ଗା ପୋତି ଥିଲେ। ଉକ୍ତ ଫଟୋକୁ ରୋହିତ ତାଙ୍କ ପ୍ରୋଫାଇଲ ଭାବେ ବ୍ୟବହାର କରିଛନ୍ତି ବିଶ୍ୱକପ ଜିତିବାର ୮ ଦିନ ପରେ ରୋହିତଙ୍କ ପ୍ରୋଫାଇଲ ଫଟୋ ବଦଳିଛି।

ବାର୍ବାଡସରେ ମ୍ୟାଚ୍ ଜିତିବା ପରେ ବିସିସିଆଇ ସମ୍ପାଦକ ଜୟ ଶାହ ଓ ଟିମ୍ ଇଣ୍ଡିଆର ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ରୋହିତ ବାର୍ବାଡସ ଆକାଶରେ ଉଡୁଥିବା ତ୍ରିରଙ୍ଗା ତଳେ ଛିଡ଼ା ହୋଇ ଫଟୋ ଉଠାଇଥିଲେ। ଏହାବାଦ୍ ୧୧ ବର୍ଷ ପରେ ଭାରତ ପାଇଁ କୌଣସି ଆଇସିସି ଟ୍ରଫି ଜିତିଥିବା ରୋହିତ ଶର୍ମା ବାର୍ବାଡସ ପିଚ୍‌ରୁ ମାଟି ଉଠାଇ ଖାଇଥିଲେ।

ବିଜୟକୁ ଅଧିକ ସ୍ମରଣୀୟ ଓ ଏହି ବିଜୟ ଭାରତ ପାଇଁ କେତେ ଗୁରୁତ୍ୱବହନ କରେ, ସେକଥା ଦର୍ଶାଇବା ପାଇଁ ସେ ଏପରି କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଷ୍ଟେଜ୍‌ରୁ ବିଶ୍ୱକପ ଆଣିବା ସମୟରେ ରୋହିତ ଶର୍ମା ଷ୍ଟାର ରିକ ଫ୍ଲେୟାରଙ୍କ ଭଳି ରହି ରହି ଯାଇଥିଲେ।




# ଦିବ୍ୟ କଳା ମେଳାରେ ଦିବ୍ୟାଙ୍ଗ ଶିଳ୍ପୀ ଓ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦର ବଢୁଛି ଚାହିଦା

- ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଦିବ୍ୟ କଳା ମେଳା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ
- ଦିବ୍ୟାଙ୍ଗ କାରୀଗର ଓ ଶିଳ୍ପୀଙ୍କ ପ୍ରତିଭା ଏବଂ ସୃଜନଶୀଳତା ମେଳାକୁ ଆସୁଥିବା ଲୋକଙ୍କୁ ପ୍ରଭାବିତ କରୁଛି

**ଭୁବନେଶ୍ୱର, ପିଆଇବି**

ଗୁଜରାଟ ସୁରଟର ଦିବ୍ୟାଙ୍ଗ ପଞ୍ଚଗରଙ୍କ ସଂସ୍ଥା ମୋବାଇଲ୍ ବିକିରଣକୁ ହ୍ରାସ କରିବା ଲାଗି ଗାଇ ଗୋବରରୁ ଏକ ସ୍ୱତନ୍ତ୍ର ଉତ୍ପାଦ ପ୍ରସ୍ତୁତ କରିଛି। ଏହାକୁ ମୋବାଇଲ ପଛରେ ଲଗାଇଲେ ବିକିରଣ କାରଣରୁ ଶରୀରକୁ ହେଉଥିବା କ୍ଷତି ହ୍ରାସ କରାଯାଇପାରିବ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେତେଜଣ ଭିନ୍ନକ୍ଷମ ପିଲା ମିଶି ଏହିସବୁ ଉତ୍ପାଦକୁ ପ୍ରସ୍ତୁତ କରୁଛନ୍ତି। ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଦିବ୍ୟ କଳା ମେଳାରେ ଏହି ସଂସ୍ଥା ନିଜର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରି କରୁଛି। ଭାରତୀୟ ପୁରାଣରେ ବର୍ଣ୍ଣିତ ତଥ୍ୟକୁ ଆଧାର କରି ଏହି ଉତ୍ପାଦ ପ୍ରସ୍ତୁତ କରାଯାଇ ଥିବା ସଂସ୍ଥାର କର୍ମକର୍ତ୍ତା କହିଛନ୍ତି। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଗତ ୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଦିବ୍ୟ କଳା ମେଳା, ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସୁରଟର ଦିବ୍ୟାଙ୍ଗ ପଞ୍ଚଗରଙ୍କ ସଂସ୍ଥା ସମେତ ଦେଶର ବିଭିନ୍ନ ସ୍ଥାନରୁ ଦିବ୍ୟାଙ୍ଗ କାରୀଗର, ଶିଳ୍ପୀ ଓ ଉଦ୍ୟୋଗୀମାନେ ଯୋଗ ଦେଇଛନ୍ତି।



ଉତ୍ତରପ୍ରଦେଶ ବାରାଣସୀର ଦିବ୍ୟାଙ୍ଗ କାରୀଗର ସମଶେର ଅନସାରୀ ନିଜର ହସ୍ତତନ୍ତ ଶାଢ଼ି ନେଇ ଦିବ୍ୟ କଳାମେଳାରେ ଯୋଗ ଦେଇଛନ୍ତି। ସେହିପରି କେରଳ ତ୍ରିଶୂରର ଦିବ୍ୟାଙ୍ଗ କାରୀଗର ସୁରଜ ବର୍ଜ୍ୟ ସାମଗ୍ରୀରୁ ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। ଚଲାବୁଲା କରିପାରୁନଥିବା ସତ୍ତ୍ୱେ ନିଜର ପ୍ରତିଭା ବଳରେ ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଦିବ୍ୟ କଳା ମେଳାରେ ତାଙ୍କ ଉତ୍ପାଦର ମଧ୍ୟ ବିଶେଷ ଚାହିଦା ଦେଖିବାକୁ ମିଳିଛି। ଆଉ ଜଣେ ମୁକ ବଧିର ଭିନ୍ନକ୍ଷମ କାରୀଗର ଶ୍ରୀହର୍ଷ ଶୁକ୍ଳା ନିଜ ପ୍ରସ୍ତୁତ ଚିତ୍ରକଳା ନେଇ ମେଳାରେ ଅଂଶଗ୍ରହଣ କରିଛନ୍ତି। ମେଳାକୁ ଆସୁଥିବା ପରିଦର୍ଶକମାନେ ଦିବ୍ୟାଙ୍ଗ କାରୀଗର ଓ ଶିଳ୍ପୀଙ୍କ ପ୍ରତିଭା ଓ ସୃଜନଶୀଳତାକୁ ଦେଖି ପ୍ରଭାବିତ ହୋଇଛନ୍ତି।

ସୂଚନାଯୋଗ୍ୟ, ସାରା ଦେଶର ଦିବ୍ୟାଙ୍ଗ ଉଦ୍ୟୋଗୀ ଓ ଶିଳ୍ପୀଙ୍କ ପ୍ରତିଭା ଏବଂ କାରିଗରୀକୁ ପ୍ରଦର୍ଶିତ କରୁଥିବା ଏହା ଏକ ଅଭିନବ କାର୍ଯ୍ୟକ୍ରମ। ଏହି ମେଳାରେ ପ୍ରାୟ ୧୯୦ ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରୀଗର ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଉତ୍କୃଷ୍ଟ ଉତ୍ପାଦ ପ୍ରଦର୍ଶିତ ହୋଇଛି। ଆଗନ୍ତୁକମାନେ ଏଠାରେ ଦିବ୍ୟାଙ୍ଗ ଶିଳ୍ପୀ ଓ କାରୀଗରଙ୍କ ଦ୍ୱାରା ପ୍ରସ୍ତୁତ ଗୃହସଜ୍ଜା ଓ ଜୀବନଶୈଳୀ ଉତ୍ପାଦ, ପୋଷାକ, ଷ୍ଟେସନାରୀ, ପରିବେଶ ଅନୁକୂଳ ଉତ୍ପାଦ, ପ୍ୟାକେଟ୍ ଖାଦ୍ୟ, ଜୈବିକ ଉତ୍ପାଦ, ଖେଳନା, ଉପହାର, ବ୍ୟକ୍ତିଗତ ସାମଗ୍ରୀ ତଥା ଅଳଙ୍କାର ଓ କ୍ଲଚ୍ ବ୍ୟାଗ ଏବଂ ଚିତ୍ରକଳା ପାଇପାରିବେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଜୁଲାଇ ୨୦୨୪ ମଙ୍ଗଳବାର





# ୪୧୪ କିଲୋଗ୍ରାମ ଗଞ୍ଜେଇ ଜବତ ୪ ଗିରଫ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗଜପତି ଜିଲ୍ଲାରୁ ତାମିଲନାଡୁକୁ ଚୋରାଚାଲାଣ ହେଉଥିଲା ବିପୁଳ ପରିମାଣର ଗଞ୍ଜେଇ । ତାହା ପୁଣି କଣ୍ଟେନର ମଧ୍ୟରେ ଏକ ସିକ୍ରେଟ ଚାମ୍ବର ଭିତରେ ।ହେଲେ ଏଭଳି ଚୋରାଚାଲାଣକୁ ଧରିବାରେ ସଫଳ ହୋଇଛି ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ । କଣ୍ଟେନର ଓ ଏହାକୁ ଏସକର୍ଟ କରି ଯାଉଥିବା ଏକ କାର ସହିତ ୪୧୪ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିବାବେଳେ ୪ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ ।

# ରଥଯାତ୍ରା ଉପଲକ୍ଷେ ପୁରୀ ବଡ଼ ଦାଣ୍ଡରେ 'ଅପରୂପ ଶ୍ରୀଜଗନ୍ନାଥ' ସମର୍ପିତ




**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ଭଳି ବିରଳ ତିଥିରେ ତିନିରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ 'ଅପରୂପ ଶ୍ରୀଜଗନ୍ନାଥ' ପୁସ୍ତକ ଦଇତାପତି ସୁଦର୍ଶନ ଦାସ ମହାପାତ୍ରଙ୍କ ଦ୍ୱାରା ସମର୍ପିତ ହୋଇଅଛି । ପୀତବାସ ରାଉତରାୟଙ୍କ ସମ୍ପାଦନାରେ ୮୦୦ ପୃଷ୍ଠାର ଏହି ପୁସ୍ତକର ଚଳିତ ସଂଖ୍ୟା ଶ୍ରୀକ୍ଷେତ୍ର ବିଶେଷାଙ୍କ ରୂପେ ଆତ୍ମପ୍ରକାଶ କରିଛି, ଯେଉଁଥିରେ ପଞ୍ଚତୀର୍ଥଠାରୁ ଆରମ୍ଭ କରି ୫୪ଟି ତୀର୍ଥସ୍ଥାନ ବିଷୟରେ ବିବରଣୀ ସ୍ଥାନ ପାଇଛି । ଏହା ବ୍ୟତୀତ ବହୁ ଲେଖକଙ୍କ ଶ୍ରୀଜଗନ୍ନାଥଙ୍କୁ ନେଇ ଅନୁଭୂତି, ଗଳ୍ପ ଓ କବିତା ମଧ୍ୟ ସ୍ଥାନ ପାଇଛି । ଚଳିତବର୍ଷ ପଦ୍ମଶ୍ରୀ ପୁରସ୍କାର ସମେତ ବହୁ ସମ୍ମାନଜନକ ପୁରସ୍କାର ପ୍ରତିଭା ଶ୍ରୀଜଗନ୍ନାଥଙ୍କୁ ନେଇ ତାଙ୍କର ଅନୁଭୂତି ବର୍ଣ୍ଣନା କରିଛନ୍ତି । ପୁସ୍ତକ ସମର୍ପଣ ସମୟରେ ସମ୍ପାଦକ ପୀତବାସ ରାଉତରାୟ, ପ୍ରକାଶକ ରମାକାନ୍ତ ମିଶ୍ର ଓ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ପରିଚାଳକ ଠାକୁରଦାସ ରାଉତରାୟ ଉପସ୍ଥିତ ଥିଲେ । ୮୦୦ ପୃଷ୍ଠାର ପୁସ୍ତକର ମୂଲ୍ୟ ମାତ୍ର ୫୦୦ ଟଙ୍କା ରଖାଯାଇଛି । ପୁସ୍ତକଟି ଜଗନ୍ନାଥପ୍ରେମୀଙ୍କ ଦ୍ୱାରା ବିଶେଷ ଆଦୃତ ହେବ ।

# ବିଜୁ ପଟ୍ଟନାୟକ ପାର୍କ, ଯୋଗ ସାଧନା କେନ୍ଦ୍ରରେ ୧୭ତମ ବାର୍ଷିକ ଉତ୍ସବ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଭାରତୀୟ ଯୋଗ ସଂସ୍ଥାନ, ନୂଆଦିଲ୍ଲୀ ପକ୍ଷରୁ ପରିଚାଳିତ ନିଃଶୁଳ୍କ ଯୋଗସାଧନା କେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ସାଧକ/ସାଧିକା ଏବଂ ଯୋଗପ୍ରେମୀ ଏଥିରେ ଅଂଶଗ୍ରହଣ କରିଥିଲେ । ଓଁ ଧ୍ୱନି, ଗାୟତ୍ରୀ ମନ୍ତ୍ର, ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ସତ୍ୟବ୍ରତ ପାଢ଼ୀ କରିଥିଲେ । ଉତ୍ସବରେ ଭାରତୀୟ ଯୋଗ ସଂସ୍ଥାନର ଓଡ଼ିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ଅଧ୍ୟକ୍ଷତା କରି ସଂସ୍ଥାନ




ତରଫରୁ ନିଃଶୁଳ୍କ ଯୋଗ ଶିକ୍ଷା, ସମାଜସେବା, ବୃକ୍ଷ ରୋପଣ ତଥା ପରିବେଶ ସୁରକ୍ଷା ଉପରେ ଉଦ୍‌ବୋଧନ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରଧାନ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଜିଲ୍ଲା ମନ୍ତ୍ରୀ ଗୋପାଳ କୃଷ୍ଣ ବେହେରା, ଜିଲ୍ଲା ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, କ୍ଷେତ୍ର ପ୍ରଧାନ ସବିତା ପଣ୍ଡା, କେନ୍ଦ୍ର ପ୍ରମୁଖ ରେବତୀ ବଲ୍ଲଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଉପସ୍ଥିତ ସାଧକ/ସାଧିକାମାନଙ୍କୁ ଯୋଗ ଶିକ୍ଷକ ସ୍ମୃତି ଶେଖରଜୀ, ସସ୍ମିତାଜୀ, ମଞ୍ଜୁଜୀ, ପୁଷ୍ପାଞ୍ଜଳୀଜୀ, ପ୍ରତୀମାଜୀ ପ୍ରଭୃତି ସୂକ୍ଷ୍ମକ୍ରିୟା, ଆସନ, ଅନୁଲୋମ ବିଲମ୍, ଭ୍ରାମରୀ, ପ୍ରାଣାୟାମ ଇତ୍ୟାଦି ଅଭ୍ୟାସ କରାଇଥିଲେ ।

ମୁଖ୍ୟ ଅତିଥି ସତ୍ୟବ୍ରତ ପାଢ଼ୀ, ନିୟମିତ ଯୋଗାଭ୍ୟାସର ଉପକାରିତା ବିଷୟରେ ବିଶଦଭାବେ ବ୍ୟାଖ୍ୟା କରିଥିଲେ । ଗୌରାଙ୍ଗ ଚରଣ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ସାମୁହିକ ପ୍ରାର୍ଥନା ଓ ଶାନ୍ତିପାଠ ସବିତା ପଣ୍ଡା କରିଥିଲେ । ପ୍ରାରମ୍ଭରେ କେନ୍ଦ୍ର ପ୍ରମୁଖ କେନ୍ଦ୍ର ବିବରଣୀ ପାଠ କରିଥିଲେ ଇନ୍ଦ୍ରମଣି ନାହାକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସମ୍ବଲପୁର ଜିଲ୍ଲାରେ ଗତ ୧୦ ବର୍ଷ ଭିତରେ ଦନ୍ତା ହାତୀ ଚୋରା ଚାଲଣ ର୍‍ୟାକେଟ ସକ୍ରିୟ : ୫୦ ହାତୀଙ୍କ ମୃତ୍ୟୁ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଜିଲ୍ଲାରେ ଜଙ୍ଗଲ ଧ୍ୱଂସ ହେଉଥିବା ବେଳେ ହାତୀ- ମଣିଷ ଲଢ଼େଇ ମଧ ଜାରି ରହିଛି । ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ବେଳେ ଏଭଳି ଅଭାବନୀୟ ଘଟଣା ଘଟୁଛି । କେତେବେଳେ ହାତୀ ଆକ୍ରମଣରେ ମଣିଷର ମୃତ୍ୟୁ ଘଟୁଛି ତ ଆଉ କେତେବେଳେ ମଣିଷ ଦ୍ୱାରା ହାତୀ ଶିକାର ହେଉଛି । ହାତୀ ଆକ୍ରମଣରେ ମଣିଷଙ୍କ ମୃତାହତ ସଂଖ୍ୟା ବନ ବିଭାଗ ପାଇଁ ଚିନ୍ତାଜନକ ହୋଇପଡ଼ିଛି । ଦାନ୍ତ ପାଇଁ ହାତୀ ଶିକାର ବି ବଢ଼ିଛି । ରାଜ୍ୟ ବାହାର ରାକେଟ୍ ଏହି ଘଟଣାରେ ସମ୍ପୃକ୍ତି ରହୁଛି । ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀ ଶିକାର କରାଯାଉଛି । ଶିକାରୀମାନଙ୍କ ସକ୍ରିୟତା ହାତୀ ମୃତ୍ୟୁର ପ୍ରମୁଖ କାରଣ ବୋଲି କୁହାଯାଉଛି । କେତୋଟି ଘଟଣାରେ ହାତୀଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଥାଏ ।



ହେଲେ ପ୍ରାୟ ଘଟଣାଗୁଡ଼ିକରେ ଶିକାରୀଙ୍କ ଶିକାର ହୋଇଛନ୍ତି । ମିଳିଥିବା ଏକ ରିପୋର୍ଟରେ ୧୦ ବର୍ଷ ଭିତରେ ସମ୍ବଲପୁର ଜିଲ୍ଲାରେ ହାତୀମାନେ ୭୩ ଜଣ ମଣିଷଙ୍କୁ ମାରିଥିବା ବେଳେ ୫୦ଟି ହାତୀ ପ୍ରାଣ ହରାଇଛନ୍ତି । ଗତ ୨୦୧୪-୧୫ରେ ୧୦ ଥର ହାତୀ- ମଣିଷ ମୁହାଁମୁହିଁ ହୋଇଛନ୍ତି । ଏହି ବର୍ଷରେ ହାତୀ ଆକ୍ରମଣରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ୯ ଜଣ ଗୁରୁତର ଆହତ ହୋଇଛନ୍ତି । ୩ଟି ହାତୀଙ୍କ ଜୀବନ ଯାଇଛି । ୨୦୧୫-୧୬ରେ ୮ ଥର ହାତୀ-ମଣିଷ ମୁହାଁମୁହିଁ ହୋଇଛନ୍ତି । ଏଥିରେ ୬ ଜଣ ମୃତ୍ୟୁ ଓ ୨ ଜଣ ଆହତ ହୋଇଥିବା ବେଳେ ଗୋଟିଏ ହାତୀ ମରିଛି । ୨୦୧୬-୧୭ ବର୍ଷରେ ୨ଟି ଘଟଣାରେ ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଗୋଟିଏ ହାତୀର ଜୀବନ ଯାଇଥିଲା । ୨୦୧୭-୧୮ ବର୍ଷରେ ୬ ଥର ହାତୀ-ମଣିଷ ମୁହାଁମୁହିଁ ହୋଇଛନ୍ତି ଓ ଏଥିରେ ୪ଟି ହାତୀ ଓ ୫ ଜଣ ଲୋକଙ୍କ ଜୀବନ ହାନି ଘଟିଛି । ୨ ଜଣ ଲୋକ ଗୁରୁତର ଆହତ ହୋଇଛନ୍ତି । ୨୦୧୮-୧୯ ବର୍ଷରେ ହାତୀ-ମଣିଷ ଲଢ଼େଇ କିନ୍ତୁ ଭୟଙ୍କର ହୋଇଥିଲା । ହାତୀ ଆକ୍ରମଣରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଥିଲେ । ଗୋଟିଏ ହାତୀର ଜୀବନ ଯାଇଥିଲା । ୨୦୧୯-୨୦ ବର୍ଷରେ ସବୁଠାରୁ ଅଧିକ ଏଭଳି ଘଟଣା ସାମାନାକୁ ଆସିଥିଲା । ହାତୀ ହାବୁଡ଼ରେ ୧୬ ଥର ମଣିଷ ପଡ଼ିଥିବା ବେଳେ ୮ ଜଣ ପ୍ରାଣ ହରାଇଥିବା ବେଳେ ୧୦ ଜଣ ଗୁରୁତର ଆହତ ହୋଇଥିଲେ । ୯ଟି ହାତୀଙ୍କ ମୃତ୍ୟୁ ଘଟିଥିଲା । ୨୦୨୦-୨୧ ବର୍ଷରେ ହାତୀ ଆକ୍ରମଣରେ ସବୁଠାରୁ ଅଧିକ ମଣିଷଙ୍କ ଜୀବନ ଯାଇଛି । ୧୫ଟି ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଗୁରୁତର ଆହତ ହୋଇଥିଲେ । ଏହି ବର୍ଷରେ ୬ଟି ହାତୀ ମରିଥିଲେ । ତେବେ ୨୦୨୧-୨୨ ବର୍ଷ ହାତୀଙ୍କ ପାଇଁ ସବୁଠାରୁ ଖରାପ ସମୟ ଥିଲା । ଏହି ବର୍ଷ ୧୧ଟି ହାତୀ ମରିଥିଲେ ଆଉ ୬ ଜଣଙ୍କ ମୃତ୍ୟୁ ଘଟିଥିଲା । ୩ ଜଣ ଆହତ ହୋଇଥିଲେ । ୨୦୨୨-୨୩ ବର୍ଷରେ ବି ୮ଟି ହାତୀ ମରିଥିବା ବେଳେ ୬ ଜଣ ଜୀବନ ହାନି ହୋଇଥିଲା । ୪ ଜଣ ବ୍ୟକ୍ତିଙ୍କୁ ଗୁରୁତର ଆହତ କରିଥିଲେ । ୨୦୨୩ - ୨୪ ବର୍ଷରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଟି ହାତୀ ପ୍ରାଣ ହରାଇଥିଲେ ।

## ବିଏମ୍‌ସି ନୋଟିସ୍ କଲା

# ମନଇଚ୍ଛା ବେଆଇନ୍ ହୋର୍ଡିଂ ଲଗାଇ ପାରିବେ ନାହିଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବେଆଇନ୍ ହୋର୍ଡିଂ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ । ଏନେଇ ବିଏମ୍?ସି ପକ୍ଷରୁ ଏକ ସ୍ୱତନ୍ତ୍ର ନୋଟିଫିକେସନ୍ ଜାରି କରାଯାଉଛି । ଏହାଦ୍ୱାରା ଖୁବ୍ ଶୀଘ୍ର ବେଆଇନ୍ ହୋର୍ଡିଂ ଉପରେ ରୋକ ଲାଗିବ ବୋଲି ବିଏମ୍?ସି ଅଧିକାରୀମାନେ ଆଶା ବାନ୍ଧିଛନ୍ତି । ଏହି ନୋଟିଫିକେଶନ ଅନୁଯାୟୀ ବିଜ୍ଞାପନ ଏଜେନ୍ସି ବ୍ୟତୀତ ସହରରେ କୌଣସି ପ୍ରମୋସନାଲ୍ ବିଲ୍?ବୋର୍ଡର କିମ୍ବା ହୋର୍ଡିଂ ଲାଗିଲେ ଏହାକୁ ବେଆଇନ୍ ଘୋଷଣା କରାଯିବ । ସହରରେ ବିଜ୍ଞାପନ ଲଗାଇବା ପାଇଁ ବିଏମ୍‌ସି ପକ୍ଷରୁ ମୋଟ ୪ ଏଜେନ୍ସିକୁ ନିଯୁକ୍ତି ଦିଆଯାଇଛି । ଏହି ଏଜେନ୍ସିଗୁଡ଼ିକ ଦ୍ୱାରା ହିଁ ବିଏମ୍?ସି ଅଞ୍ଚଳ ପରିସରରେ ବିଜ୍ଞାପନ ଲଗାଯାଇପାରିବ । ଏହି ଏଜେନ୍ସି ଗୁଡ଼ିକ ମଧ୍ୟରେ ରହିଛି ଜଗନ୍ନାଥ ଆଡ, ଓରି ପାଓ୍ୱାର ସଲ୍ୟୁସନ ପ୍ରା ଲିଂ, ଆଇକନିକ୍ ମିଡ଼ିଆ ଏବଂ ଷ୍ଟାର ଅଭଟାଇଜିଂ ପ୍ରା. ଲିଃ । ଏମାନଙ୍କ ବ୍ୟତିତ ଯଦି କୌଣସି ବ୍ୟକ୍ତି ବିଜ୍ଞାପନ ଲଗାଏ ତେବେ ଉକ୍ତ ବିଜ୍ଞାପନକୁ ବିଏମ୍‌ସି ପକ୍ଷରୁ ହଟାଇ ଦିଆଯିବ । ଏହା ସହ ମୋଟା ଅଙ୍କର ଫାଇନ୍ ଆଦାୟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।



**ସମ୍ବଲପୁର : ଭକ୍ତି ଓ ଭାବର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ସମ୍ବଲପୁର ଜେଏସ୍‌ଡବ୍ଲୁବିପିଏସଏଲ୍ ଟାଉନ୍‌ସିପରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ରୀତିନୀତି ଅନୁସାରେ ପ୍ରଥମେ ପ୍ରଭୁ ଜଗନ୍ନାଥ, ଦେବୀ ସୁଭଦ୍ରା, ପ୍ରଭୁ ବଳଭଦ୍ର ଓ ପ୍ରଭୁ ସୁଦର୍ଶନଙ୍କ ମୂର୍ତ୍ତି ରଥରେ ସ୍ଥାପନା ଓ ପ୍ରାଣ ପ୍ରତିଷ୍ଠା ପରେ ରଥଯାତ୍ରା ଉତ୍ସବ ଆରମ୍ଭ ହୋଇଥିଲା । ଜେଏସ୍‌ଡବ୍ଲୁ ପ୍ରେସିଡେଣ୍ଟ ଅନିଲ୍ କୁମାର ସିଂଙ୍କ ଦ୍ୱାରା ରଥରେ ଛେରା ପହଁରା ନୀତି ସମ୍ପନ୍ନ ହୋଇଥିଲା । ଏହି ରଥଯାତ୍ରା ଉତ୍ସବରେ କମ୍ପାନୀର କର୍ମଚାରୀଙ୍କ ସହିତ ଟାଉନ୍‌ସିପ୍ର ୩ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇ ରଥ ଟାଣି ମାଉସୀମା ମନ୍ଦିରରେ ପହଞ୍ଚାଇଥିଲେ । ଏହି ଅବସରରେ ସମ୍ବଲପୁରୀ ଗୀତ "ରଙ୍ଗବତୀ"ର ଲେଖକ ତଥା ରଚୟିତା ପଦ୍ମଶ୍ରୀ ମିତଭାନୁ ଗଉଁତିଆ ଏବଂ ଅତିଥି ଭାବେ ଯୋଗ ଦେଇଥିବା ସ୍ଥାନୀୟ ସରପଞ୍ଚ ଅବନ୍ତୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜେଏସ୍‌ଡବ୍ଲୁର ସଭାପତି ଅନୀଲ୍ କୁମାର ସିଂ ଏବଂ ନୀଲମ ସିଂ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶରଧାବାଲିରେ...

ବର୍ଷା ଲାଗି ରହିଥିଲା । ତାହା ସତ୍ତ୍ୱେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ ବଡ଼ଦାଣ୍ଡରେ ଦେଖିବାକୁ ମିଳିଥିଲା । ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୁରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ଆସିଛନ୍ତି ମହାବାହୁ । ଦୀର୍ଘ ୫୩ ବର୍ଷ ପରେ ବିରଳ ସଂଯୋଗ କ୍ରମେ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା ପଡ଼ିଥିବାରୁ ଚଳିତ ବର୍ଷ ଦୁଇଦିନ ରଥଟଣା ହୋଇଥିଲା । ଏଥିପାଇଁ ଶ୍ରୀକ୍ଷେତ୍ର ଭକ୍ତମୟ ହୋଇପଡ଼ିଥିଲା ।

## ଉଦୟଗିରିର ଶିଳା ଲେଖ...

କରୁନାହାନ୍ତି ।' ସେହିପରି ଉଦୟଗିରି ଗୁମ୍ଫା ବୁଲିବା ବେଳେ ଅତୀତର ସ୍ମୃତି ମନେ ପକାଇଛନ୍ତି ରାଷ୍ଟ୍ରପତି । ଉଦୟଗିରିର ଶିଳା ଲେଖ, ଗୁମ୍ଫା, ଉତ୍କଳର ଉନ୍ନତ କଳାର ପ୍ରତୀକ । ଗୁମ୍ଫାର ମାନଚିତ୍ରରୁ ଜଣାପଡୁଛି ଯେ ସେତେବେଳେ ଲୋକ ମାନେ କଳାରେ କେତେ ସମୃଦ୍ଧ ଥିଲେ । ସେ ସବୁ କଳାର ସଂରକ୍ଷଣ କରିବା ଉଚିତ ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ଆହୁରି କହିଛନ୍ତି, 'ପୂର୍ବରୁ ମୁଁ ଶିକ୍ଷକତା କରୁଥିଲି । ତେଣୁ ପିଲାଙ୍କ ସହ କଥା ହେବାକୁ ଭଲ ଲାଗୁଛି । ଆଉ କେବେ ଆସିଲେ, କଲେଜ ବୁଲିବାକୁ ଯିବି ।' ଅନ୍ୟପଟେ ଏଏସଆଇ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ ଭୁବନେଶ୍ୱର ମଣ୍ଡଳର ଡକ୍ଟର ନନ୍ଦ କିଶୋର ସ୍ୱାଇଁ କହିଛନ୍ତି ଯେ, ଅତ୍ୟନ୍ତ ଆଗ୍ରହର ସହ ଉଦୟଗିରି କୀର୍ତ୍ତିରାଜି ପରିଦର୍ଶନ କରିଛନ୍ତି ରାଷ୍ଟ୍ରପତି । ମୁଖ୍ୟତଃ ରାଣୀ ଗୁମ୍ଫା ପରିଭ୍ରମଣ କରିଛନ୍ତି ମହାମହିମ । ରାଣୀ ଗୁମ୍ଫାର ଉପର ମହଲା ଏବଂ ତଳ ମହଲା ବୁଲି ଦେଖିଛନ୍ତି ଦ୍ରୌପଦୀ ମୁର୍ମୁ । ରାଣୀ ଗୁମ୍ଫାର କଳା କୀର୍ତ୍ତି ସବୁ ଅବଲୋକନ କରିଛନ୍ତି । ଉଦୟଗିରି ଅଗଣାରେ ଛିଡ଼ା ହୋଇ ହାତୀ ଗୁମ୍ଫା ଶିଳା ଲେଖ ଦେଖିଥିଲେ ରାଷ୍ଟ୍ରପତି । ରାଷ୍ଟ୍ରପତିଙ୍କୁ ଉଦୟଗିରିର ଗୁମ୍ଫା ଏବଂ ହାତୀ ଗୁମ୍ଫା ଶିଳା ଲେଖ ପରିଭ୍ରମଣ କରାଇବା ପାଇଁ ଏଏସଆଇ ଅଧିକାରୀଙ୍କୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଦାୟିତ୍ୱ ମିଳିଥିଲା । ଏହାପରେ ଉଦୟଗିରି ଗୁମ୍ଫା ସମ୍ମୁଖରେ ବି.କେ. କଲେଜ ଅଫ ଆର୍ଟସ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ ମହାମହିମ । ପିଲାମାନଙ୍କୁ ଭବିଷ୍ୟତ ପାଇଁ ବିଭିନ୍ନ ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି । ବି.କେ. କଲେଜ ଅଫ ଆର୍ଟସର ଛାତ୍ରଛାତ୍ରୀମାନେ ଆଙ୍କିଥିବା ଫଟୋ ଚିତ୍ର ଉପହାର ଭାବେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି । ତେବେ ୩୦ ଘଣ୍ଟା ଧରି କଠିନ ପରିଶ୍ରମ କରି କୋଇଲା ବ୍ୟବହାର କରି ରାଷ୍ଟ୍ରପତିଙ୍କ ଚିତ୍ର ଆଙ୍କିଥିଲେ ଛାତ୍ରୀ ମଧୁସିକ୍ତା ତନୟା ସିଂହ, ଯାହାକୁ ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ଦିଆଯାଇଛି । ସେହିପରି ବିଭିନ୍ନ ରକମର ଖାଦ୍ୟ ଶସ୍ୟ ବ୍ୟବହାର କରି ଦ୍ରୌପଦୀ ମୁର୍ମୁଙ୍କ ଅତି ସୁନ୍ଦର ଫଟୋ ଚିତ୍ର ଆଙ୍କିଥିଲେ ବି.କେ. କଲେଜ ଅଫ ଆର୍ଟସ ଆଣ୍ଡ କ୍ରାଫ୍ଟସର ଛାତ୍ର ମାର୍କଣ୍ଡ ସାଗର । ଚଣା, ହରଡ ଡାଲି, ମୁଗ ଡାଲି, କଳା ଜିରା, ଧଳା ସୋରିଷ, ଧାନ ଭଳି ଫସଲରେ ତିଆରି ହୋଇଥିଲା ଫଟୋ ଚିତ୍ର । ଅତ୍ୟନ୍ତ ଖୁସିର ସହ ଏହି ଫଟୋ ଚିତ୍ରକୁ ରାଷ୍ଟ୍ରପତି ଉପହାର ଭାବେ ଗ୍ରହଣ କରିଛନ୍ତି ।

## ହେମନ୍ତଙ୍କ କ୍ୟାବିନେଟ୍‌ରେ...

ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ତାଙ୍କୁ ଗିରଫ କରାଯାଇଥିଲା । ହେମନ୍ତଙ୍କୁ ଗିରଫ କରାଯିବା ପରେ ଚମ୍ପଇ ସୋରେନ ଫେବୃଆରୀ ୨ ରେ ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ୫ ମାସ ପରେ ସେ ଏହି ପଦରୁ ଇସ୍ତଫା ଦେଇଥିଲେ । ଏକ ଭିଡିଓ ବାର୍ତ୍ତାରେ ହେମନ୍ତ ସୋରେନ ବିଜେପିକୁ ମିଥ୍ୟା ମାମଲାରେ ସମ୍ପୃକ୍ତ କରିଥିବା ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ୨୦୧୯ ଝାଡଖଣ୍ଡ ବିଧାନସଭା ନିର୍ବାଚନରେ ଲୋକମାନେ ଆମ ଦଳକୁ ଜନାଦେଶ ଦେଇଛନ୍ତି । କିନ୍ତୁ ଷଡଯନ୍ତ୍ରକାରୀମାନେ ବଡ ପଦବୀରେ ଆଦିବାସୀ ଯୁବକଙ୍କ ଉପସ୍ଥିତି ହଜମ କରି ପାରୁ ନାହାନ୍ତି । ଜାନୁୟାରୀ ୩୧ ରେ ବିଜେପି ମୋତେ ଏହି ପଦବୀରୁ ହଟାଇ ଦେଇଥିଲା । ମୁଖ୍ୟମନ୍ତ୍ରୀ ଭାବରେ ହେମନ୍ତ ସୋରେନଙ୍କ ପ୍ରତ୍ୟାବର୍ତ୍ତନ ଲୋକସଭା ନିର୍ବାଚନରେ ଆଦିବାସୀ ପ୍ରାଧାନ୍ୟରେ ଥିବା ଝାଡଖଣ୍ଡରେ ତିନିଟି ଆସନ ଜିତିଥିବା ଜେଏମଏମର ଶକ୍ତି ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ୨୦୧୯ ରେ, ଜେଏମଏମ କଂଗ୍ରେସ ଏବଂ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସହିତ ମିଳିତ ଭାବରେ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ୮୧ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୪୭ ଟି ଆସନ ସହ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ।

## ଘର-ଜମି ...

ଦିଆଯାଇଥିଲା । ମାମଲାର ଶୁଣାଣି ସମୟରେ ବେଞ୍ଚକୁ ଆମିକସ କ୍ୟୁରି ଭାବରେ ସହାୟତା କରିଥିବା ବରିଷ୍ଠ ଆଡଭୋକେଟ ଦେବଶିଷ ଭାରୁକା କୋର୍ଟଙ୍କୁ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପରାମର୍ଶ ଏବଂ ଏକ ବିଲଡର-କ୍ରେତା ଚୁକ୍ତିନାମା ଅନ୍ତର୍ଭୁକ୍ତ ।

ବେଞ୍ଚ ଭାରୁକାଙ୍କ ରିପୋର୍ଟର ସମୀକ୍ଷା କରିବା ଏବଂ କନଫେଡେରେସନ ଅଫ ରିଏଲ ଇଷ୍ଟେଟ ଡେଭଲପର୍ସ ଆସୋସିଏସନ ଅଫ ଇଣ୍ଡିଆ ଦ୍ୱାରା ଉଠାଯାଇଥିବା ଆପତ୍ତି ଉପରେ ବିଚାର କରିବା ଆବଶ୍ୟକ ଏବଂ ଜୁଲାଇ ୧୯ରେ ଏହାର ଶୁଣାଣି ପାଇଁ ସ୍ଥିର କରିଛି ।

ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଜାନୁଆରୀ ୨୦୨୨ରେ କୋର୍ଟ କହିଥିଲେ ଯେ ସେଠାରେ ନ୍ୟାସନାଲ ମଡେଲ ବିଲଡର-କ୍ରେତା ଚୁକ୍ତି ହେବା ଉଚିତ, ଯାହା ଦ୍ୱାରା ରିଅଲ ଇଷ୍ଟେଟ ବିକାଶକାରୀଙ୍କ ଦ୍ୱାରା ଅନାବଶ୍ୟକ ଅବସ୍ଥାରେ ସମ୍ପତ୍ତି କ୍ରେତାମାନେ ଅସୁବିଧାରେ ପଡ଼ନ୍ତି ନାହିଁ । ବିଶେଷକରି ମଧ୍ୟବିତ୍ତ ସମ୍ପତ୍ତି କ୍ରେତା ଏଥିରୁ ଆଶ୍ୱସ୍ତି ପାଇବେ ।

## ନିଟ୍-ୟୁଜି ...

ଲିକ୍‌ରେ ଫାଇଦା ମିଳିଛି । ସେ ନେଇ ସୁପ୍ରିମ୍‌କୋର୍ଟ ଏନ୍‌ଟିଏ ଏବଂ କେନ୍ଦ୍ର ସରକାରଙ୍କୁ ପଚାରିଛନ୍ତି । ଏଥିପାଇଁ କଣ କାର୍ଯ୍ୟାନୁଷ୍ଠାନ ହୋଇଛି ସେ ନେଇ ମଧ ସର୍ବୋଚ୍ଚ ନ୍ୟାୟାଳୟ ପଚାରିଛନ୍ତି । ଶୁଣାଣି ବେଳେ ସିବିଆଇକୁ ଷ୍ଟାଟସ ରିପୋର୍ଟ ମାଗିଛନ୍ତି ସୁପ୍ରିମ୍‌କୋର୍ଟ । ଏହାଛଡ଼ା ସୁପ୍ରିମ୍‌କୋର୍ଟ ଜୁଲାଇ ୧୦ ତାରିଖ ସୁଦ୍ଧା ଏନଟିଏ, ସିବିଆଇ ଏବଂ କେନ୍ଦ୍ର ସରକାରଙ୍କୁ ସତ୍ୟପାଠ ଦାଖଲ କରିବା ନେଇ ନିର୍ଦ୍ଦେଶ ଦେଇଛନ୍ତି । ସତ୍ୟପାଠ ଦାଖଲ ପରେ ଅର୍ଥାତ ଜୁଲାଇ ୧୧ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି ।

ସୂଚନା ଥାଉକି, ପ୍ରଶ୍ନପତ୍ର ଲିକ, ଅସାଧୁ ଉପାୟ ଅବଲମ୍ବନ ସମେତ ବିଭିନ୍ନ ଅନିୟମିତତାକୁ ନେଇ ବିବାଦ ମଧ୍ୟରେ ଛନ୍ଦି ହୋଇପଡ଼ିଥିବା ଚଳିତ ବର୍ଷର ମେଡିକାଲ ପ୍ରବେଶିକା ପରୀକ୍ଷା ଏନଇଇଟି-ୟୁଜି ବାତିଲ ଓ ସାନି ପରୀକ୍ଷା କରାଇବା ଲାଗି ନିର୍ଦ୍ଦେଶ ଦେବାକୁ ନିବେଦନ କରି ସୁପ୍ରିମକୋର୍ଟରେ ୩୮ଟି ପିଟିସନ ଦାଖଲ ହୋଇଛି । ତେବେ ବଡ଼ ଧରଣର ଅନିୟମିତତା ହୋଇଥିବାର ପ୍ରମାଣ ନ ଥିବାରୁ ପରୀକ୍ଷାକୁ ବାତିଲ କରାଗଲେ ଏହାର ଫଳ ଓଲଟା ହେବା ସହ ଲକ୍ଷ ଲକ୍ଷ ସଚ୍ଚୋଟ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେବେ ବୋଲି କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ସତ୍ୟପାଠ ଜରିଆରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ ।

## ଚିନ୍ତାଜନକ ରିପୋର୍ଟ ...

ରୂପ ନେଇଛି । ଆମ ଭାରତରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି । ଜୁନ ମାସରେ ଭାରତରେ ମାରାତ୍ମକ ଭାବେ ଉତ୍ତାପ ବୃଦ୍ଧି କାରଣରୁ ବିଭିନ୍ନ ରାଜ୍ୟରେ ବ୍ରେନ ଷ୍ଟ୍ରୋକ ଓ ସନଷ୍ଟ୍ରୋକ ମୃତ୍ୟୁ ମାମଲା ରିପୋର୍ଟ ହୋଇଥିଲା । ବିଶେଷ କରି ଜନବହୁଳ ଦିଲ୍ଲୀରେ ଉତ୍ତାପ କାରଣରୁ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିଛି ।

ଭାରତୀୟ ପାଣିପାଗ ବିଭାଗ ଲଗାତାର ଅନେକ ଦିନ ଧରି ତାପମାତ୍ରା ୪୫ଓ ତାପମାତ୍ରାରୁ ଅଧିକ ତାପମାତ୍ରା ରେକର୍ଡ କରିଥିଲା । ସେହିପରି ସାଉଦି ଆରବରେ ମଧ୍ୟ ତାପମାତ୍ରା କାରଣରୁ ଏକ ହଜାରରୁ ଅଧିକ ହଜ ଯାତ୍ରୀଙ୍କ ମୃତ୍ୟୁ ସମଗ୍ର ବିଶ୍ୱକୁ ସ୍ତମ୍ଭୀଭୂତ କରି ଦେଇଥିଲା । ଗ୍ରୀସରେ ମଧ୍ୟ ସମାନ କାରଣରୁ ଅନେକ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ।

ଜଳବାୟୁ ପରିବର୍ତ୍ତନର ଏହି ବିପଦ ମଧ୍ୟରେ ବୈଜ୍ଞାନିକମାନେ ଚିନ୍ତା ପ୍ରକଟ କରିବା ସହ ଏହାକୁ ରୋକିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଇମ୍ପେରିଆଲ କଲେଜ ଲଣ୍ଡନର ଗ୍ରାନ୍ଥମ ଇନଷ୍ଟିଚ୍ୟୁଟର ଜଳବାୟୁ ବୈଜ୍ଞାନିକ ଫ୍ରିଡେରିକ ଓଟ୍ଟୋ କହିଛନ୍ତି ଯେ, ତାପମାତ୍ରା ବୃଦ୍ଧିକୁ ରୋକିବା ପାଇଁ ଆମେ ଏଲ ନିଓକୁ ଅଟକାଇ ପାରିବା ନାହିଁ, କିନ୍ତୁ ତୈଳ, ଗ୍ୟାସ ଏବଂ କୋଇଲା ଜାଳିବାକୁ ରୋକିପାରିବା ।

ତେବେ ବୈଜ୍ଞାନିକଙ୍କ ଏହି ଚେତାବନୀ ଦର୍ଶାଉଛି ଯେ, ଜୀବାଶ୍ମ ଇନ୍ଧନରୁ ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ତେଣୁ ଏହାକୁ ରୋକିବା ଦିଗରେ ଏବେ ଠାରୁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ନଚେତ ଯେଉଁପରି ଭାବରେ ତାପମାତ୍ରା ବୃଦ୍ଧି ଘଟୁଛି, ତାହା ସମଗ୍ର ମାନବ ସମାଜ ପାଇଁ ଅଭିଶାପ ପାଲଟି ଯିବ !

## ସୁରଟରେ ୬ ମହଲା କୋଠା ଭୁଶୁଡିବା ଘଟଣା

# ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି, ଏକାଧିକ ଆହତ



**ସୁରଟ,**

ଗୁଜରାଟ ସୁରଟର ସଚ୍ଚିନ ପାଲି ଗ୍ରାମରେ ଥିବା ଏକ ୬ ମହଲା କୋଠା ଦ୍ୱିପହରେ ଭୁଶୁଡ଼ି ଯାଇଛି । ଏହି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଥିବାବେଳେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଦମକଳ ବାହିନୀ, ପୁଲିସ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ ଟିମ୍ ଉଦ୍ଧାରକାର୍ଯ୍ୟ ଜାରି ରଖିଛି । ଅବଶେଷ ଭିତରୁ ଜୀବନର ସନ୍ଧାନ କରାଯାଉଛି । ମେୟର, ଡେପୁଟି ମେୟର, ଜିଲ୍ଲାପାଳ, ପୁଲିସ କମିଶନର ଏବଂ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ଏହି କୋଠାରେ ୬ଟି ପରିବାର ରହୁଥିଲେ । କିନ୍ତୁ ଅଘଟଣ ସମୟରେ କେତେ ଜଣ ଥିଲେ ତାହା ଜଣାପଡ଼ି ନାହିଁ । ଘଟଣାସ୍ଥଳର ଭୟାନକ ଭିଡିଓ ଏବଂ ଫଟୋ ଭାଇରାଲ ହେବାରେ ଲାଗିଛି । ମାତ୍ର ୭ବର୍ଷ ତଳେ (୨୦୧୭) ଏହି କୋଠା ନିର୍ମାଣ କରାଯାଇଥିଲା । ଏବେ ଏହା କଂକ୍ରିଟ ପାହାଡ଼ ପରି ଦୃଷ୍ଟିଗୋଚର ହେଉଛି । କୋଠାଟି ଭୁଶୁଡ଼ିଯିବା ପରେ ନିର୍ମାଣର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠୁଛି । କୋଠା ଜରାଜୀର୍ଣ୍ଣ ଥିବାବେଳେ କେମିତି ଏହା ଅଧିକାରୀଙ୍କ ଦୃଷ୍ଟିଗୋଚର ହେଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ସେହିପରି ଗତ କିଛି ଦିନ ହେଲା ଏହି ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଥିଲା ବୋଲି ସୂଚନା ମିଳିଛି ।

# ଲୋନ୍ କରାଇ ଦେବ କହି ଲକ୍ଷାଧିକ ଟଙ୍କା ନେଇ ଫେରାର ସମ୍ପାଦିକା

**ଧାମନଗର, ନ୍ୟୁଜ ବ୍ୟୁରୋ**

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ପାହାଡପୁର ଗ୍ରାମର ଏକ ନିର୍ଦ୍ଦିଷ୍ଟ ମହିଳା ଗୋଷ୍ଠୀରେ ସମ୍ପାଦିକା ମୋନୋରମା ସ୍ୱାଇଁ ବିଭିନ୍ନ ଗୋଷ୍ଠୀର ମହିଳାଙ୍କ ଠାରୁ ବ୍ୟାଙ୍କରୁ ଲୋନ କରିଦେବ କହି ଲକ୍ଷାଧିକ ଟଙ୍କା ନେଇ ଫେରାର ହେବା ଘଟଣା ଧାମନଗର ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ ମନୋରମା ବିଭିନ୍ନ ସମୟରେ ମହିଳାଙ୍କ ଲୋନ କରିଦେବ କହି ଟଙ୍କା ନେଣ ଦେଣ କରେ । ବ୍ୟାଙ୍କ ଲୋନ ସୁଝିବା ପାଇଁ ଏକ ଲକ୍ଷ ଟଙ୍କା ମହିଳାଙ୍କ ଠାରୁ ନେଇ ଥିଲେ । ତେବେ ମହିଳାମାନେ ମନୋରମା ଘରେ ପହଞ୍ଚିଲା ବେଳେ ସେ ଘର ତାଲା ଦେଇ ଫେରାର ହୋଇ ଯାଇଥିବା ଜାଣିବାକୁ ପାଇଥିଲେ । ତେବେ ସୋମବାର ଧାମନଗର ଥାନରେ ସାବିତ୍ରୀ ଖୁଣ୍ଟିଆ, ସରୋଜିନୀ ନାୟକ, ମଞ୍ଜୁଲତା ଖୁଣ୍ଟିଆ, ନାଗେଶ୍ୱରୀ ଖୁଣ୍ଟିଆ, ଆରତୀ ଦାସ ସମେତ ମହିଳାମାନେ ପହଞ୍ଚି ଅଭିଯୋଗ କରିଥିଲେ । ତେବେ ଘଟଣାର ତଦନ୍ତ କଳାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପ୍ରକାଶ କରିଥିଲେ ।

## ଗତ ସାଢେ ୩ ବର୍ଷ ଭିତରେ ରାଜଧାନୀ ଭୁବନେଶ୍ୱରରୁ ୮୦ କୋଟି ଟଙ୍କା ଠକେଇ

# ଓଡ଼ିଶା ସମେତ ୭ ରାଜ୍ୟକୁ ନେଇ ଗଠିତ ହେବ ଟିମ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ସାଢ଼େ ୩ବର୍ଷରେ ଭୁବନେଶ୍ୱରରୁ ୮୦ ଆଭା-କୋଟି ଟଙ୍କା ଠକେଇ ହେଲାଣି ଓ ଯୋଗ ୨୦୨୪ରେ ୨୯ କୋଟି, ମୁଖ ୨୦୨୩ରେ ଭୁବନେଶ୍ୱରରୁ ୩୦ କୋଟି, ୨୦୨୨ରେ ୧୩ କୋଟି ଟଙ୍କା ଓ ୨୦୨୧ରେ ୮କୋଟି ୬ଲକ୍ଷ ୮୧ହଜାର ୭୮୩ ଟଙ୍କା ଠକେଇ ହୋଇଛି । ସେଭଳି ୩ବର୍ଷରେ ରାଜ୍ୟରୁ ୧୦୬ କୋଟି ଟଙ୍କା ଠକେଇ ହୋଇଛି । ଏଥିରେ ୧୯ ହଜାର ୫୦୮ଟି ଅଭିଯୋଗ ବି ହୋଇଛି । ଅଦୃଶ୍ୟ ଠକଙ୍କ ଠାରୁ ୧କୋଟି ୮୦ ଲକ୍ଷ ୩୫ହଜାର ୩୨୧ଟଙ୍କା ଫେରସ୍ତ ହୋଇଥିବା ବେଳେ ୫କୋଟି ୬୪ ଲକ୍ଷ ୨୭ହଜାର ୯୧୭ ଟଙ୍କା ବ୍ଲକ ହୋଇଛି ।

ଓଡ଼ିଶାକୁ ଝାଡ଼ଖଣ୍ଡ, ରାଜସ୍ଥାନ, ଗୁଜରାଟ, ହରିୟାଣା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରୁ ଅଧିକ କଲ୍ ଆସୁଛି । ଗତ ଦୁଇବର୍ଷର ସାଇବର ଠକେଇର ତଥ୍ୟ ଦେଖିଲେ ରାଜସ୍ଥାନର ଭରତପୁର ଓ ଜୟପୁର, ହରିୟାଣାର ମେଓ୍ୱାଟ, ନୁହ, ଝାଡ଼ଖଣ୍ଡର ଜମତରା, ତିନି ପାହାଡ଼, ପଶ୍ଚିମବଙ୍ଗର କୋଲକାତା ଓ ମାଲଦା ଏବଂ ବିହାରର ପାଟଣା, ଭାଗଲପୁର, ହାଜାରିବାଗ, ଗୟା, ଜଗଦଲପୁର, ସିକିମ୍, ଉତ୍ତରପ୍ରଦେଶର ଲକ୍ଷ୍ନୌ, ଆଗ୍ରା, ବୁଲନ୍ଦସହର, ରାମଗଡ଼, ଅଲୱାର, ଫିରୋଜପୁର, ସୋହାନ, ଦିଲ୍ଲୀର ନୋଏଡା, ଗାଜିଆବାଦ, ଗୁରୁଗାଁଓ ଓ ଫରିଦାବାଦ ଏବଂ ଗୁଜରାଟର ଅହମ୍ମଦାବାଦ, ସୁରଟ ଆଦି ରାଜ୍ୟକୁ ଅଧିକ



ଠକେଇ ଟଙ୍କା ଯାଇଛି । ସେଠାରେ ମୋବାଇଲ ଧୀରେ ବୁଥ୍ ସେଣ୍ଟର ଖୋଲି ପୁରା ଠକ ଦଲାଲ୍ ନେଟ୍‌ଓ୍ୱାର୍କ ଚଳାଇଛନ୍ତି । ତିନିଟି ରାଜ୍ୟର ସୀମାରେଖାର ଜଙ୍ଗଲରେ ରହି ଠକ ଚଳାଇଛନ୍ତି କଲ୍ ସାମ୍ରାଜ୍ୟ । ସୀମାନ୍ତ ଅଞ୍ଚଳରେ ରହିଥିବା ଦୁର୍ଗମ ଅଞ୍ଚଳରେ ରହି ଦେଶରେ ସର୍ବାଧିକ ଠକେଇ କରୁଛନ୍ତି । ଗୋଟିଏ ରାଜ୍ୟରେ ରହୁଛନ୍ତି, ଅନ୍ୟ ରାଜ୍ୟକୁ ସାଇବର ଠକେଇ ଜାଲ ବିଛାଇ ଲକ୍ଷ ଲକ୍ଷ ଟଙ୍କା ଚଲୁ କରୁଛନ୍ତି । ଫୋନ୍ କଲ୍ ଆସୁଥିବା କିମ୍ବା ଟଙ୍କା ଯାଇଥିବା ବ୍ୟାଙ୍କ ଆକାଉଣ୍ଟ ଆଧାରରେ ସେଇ ରାଜ୍ୟରେ ପହଞ୍ଚୁଛି ଟଙ୍କା । ସାଇବର ଅପରାଧୀ ରହୁଥିବା ରାଜ୍ୟକୁ ଅନ୍ୟ ରାଜ୍ୟର ପୁଲିସ ଧରିବାକୁ ଗଲେ ସହାୟତା ମିଳୁନି । ଏମିତିକି ସାଇବର ଠକ ଖସିବାରେ ସ୍ଥାନୀୟ ପୁଲିସ ହାତ ରହୁଛି । ରାଜ୍ୟଗୁଡ଼ିକ ଭିତରେ ସମନ୍ୱୟ ଅଭାବରୁ ସାଇବର ଠକେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲାଗି ଚିନ୍ତା ବଢ଼ାଇଛି । ଠକେଇ ବଢୁଥିବାରୁ କୋର୍ଟରେ ଉଦ୍‌ବେଗ ପ୍ରକାଶ କରୁଛନ୍ତି । ଦୀର୍ଘବର୍ଷ ଧରି ସାଇବର ଅପରାଧୀଙ୍କ ଫାସରେ ସନ୍ତୁଳି ହେବାରୁ ମିଳିବ ମୁକ୍ତି । ସାଇବର ଅପରାଧ ରୋକିବା କ୍ଷେତ୍ରରେ ନିଆଯାଇଛି ବଡ଼ ପଦକ୍ଷେପ । ଓଡ଼ିଶା ସମେତ ୭ ରାଜ୍ୟ ପୁଲିସକୁ ନେଇ ଗଠନ ହେବ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ । ସାଇବର ଅପରାଧୀ ସକ୍ରିୟ ରହିଥିବା ରାଜ୍ୟର ପୁଲିସ ସହ ଏକ ସମନ୍ୱୟ ଟିମ୍ ଗଠନ କରାଯିବ । ଏହି ଟିମ୍ ସାଇବର ଅପରାଧୀଙ୍କୁ ଧରିବା ସହ ତଦନ୍ତରେ ସହାୟତା କରିବେ । ଓଡ଼ିଶା ସମେତ ରାଜସ୍ଥାନ, ଝାଡ଼ଖଣ୍ଡ, ହରିୟାଣା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ପୁଲିସର ବଛାବଛା ଅଧିକାରୀ ଏହି ଟିମ୍‌ରେ ରହିବେ । ସାଇବର ଠକେଇର ତଦନ୍ତ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା କିମ୍ବା ଅଭିଜ୍ଞତା ରହିଥିବା ପୁଲିସ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯାଇଛି । ସେମାନେ ଅନ୍ୟ ରାଜ୍ୟର ପୁଲିସକୁ କିଭଳି ସହଯୋଗ ଦେଇପାରିବେ, ସେ ବିଷୟରେ ତାଲିମ୍ ମିଳିଛି । ଏହି ଟିମ୍ କାର୍ଯ୍ୟକ୍ଷମ ହେବା ପରେ ଗୋଟିଏ ରାଜ୍ୟରୁ ସାଇବର ଅପରାଧ ଘଟାଇ ଅନ୍ୟ ରାଜ୍ୟରେ ଲୁଚି ପୁଣି ଅପରାଧ ଘଟାଇବା ଏଣିକି ସମ୍ଭବ ହେବନି । ଫଳରେ ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ବଢ଼ିଲେ ସାଇବର ଅପରାଧୀ ସାବାଡ୍ ହେବେ । ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟ ପୁଲିସକୁ ନେଇ ହୋଇଥିବା ଏକ ବୈଠକରେ ଏହି ବଡ଼ ନିଷ୍ପତ୍ତି ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି ।

ଭୁବନେଶ୍ୱର
୯ ଜୁଲାଇ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ବି.କେ. ଆର୍ଟସ କଲେଜ ପରିଦର୍ଶନ କଲେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ। (ଫଟୋ : ସମ୍ବାଦ କଳିକା)

## ଜନବସତିରେ ଦନ୍ତାର ମୃତଦେହ, ମୃତ୍ୟୁର କାରଣ ଖୋଜୁଛି ବନବିଭାଗ

# ଟାଙ୍ଗୀରେ ୫ ବର୍ଷରେ ୧୦ରୁ ଊର୍ଦ୍ଧ୍ୱ ହାତୀଙ୍କର ପ୍ରାଣ ଗଲାଣି

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଟାଙ୍ଗୀ ରେଞ୍ଜରେ ପୁଣି ଏକ ଦନ୍ତା ହାତୀର ମୃତ୍ୟୁ । ଡମଣଭୂଇଁ ଗ୍ରାମର ଜନବସତି ଭିତରେ ଏକ ଦନ୍ତା ହାତୀର ମୃତଦେହ ପଡ଼ିଥିବାବେଳେ ବନ ବିଭାଗ ପହଞ୍ଚି ହାତୀ ମୃତ୍ୟୁର କାରଣ ଖୋଜୁଛି । ଗାଁର ଚାରି ପାଖରେ ଘର ରହିଥିବା ବେଳେ ଏକ ପଥର ପାଚେରୀ ଆବଦ୍ଧ ସ୍ଥାନରେ ଦନ୍ତାର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। କେଉଁ ପରିସ୍ଥିତିରେ ଦନ୍ତାଟି ଜନବସତି ଭିତରକୁ ଆସିଲା ଏବଂ କେଉଁ କାରଣ ପାଇଁ ତା'ର ମୃତ୍ୟୁ ହେଲା ତା'ର ସରଜମିନ ତଦନ୍ତ କରୁଛି



ବନବିଭାଗ। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଆନୁସାରେ, ୫ରୁ ଊର୍ଦ୍ଧ୍ୱ ହାତୀ ଆଖପାଖ ଅଞ୍ଚଳରେ ଉପଦ୍ରବ ସୃଷ୍ଟି କରୁଛନ୍ତି, ଯେଉଁଥିପାଇଁ ସନ୍ଧ୍ୟା ହେଲେ ଲୋକ ଘରୁ ବାହାରିପାରୁ ନାହାନ୍ତି । ବନବିଭାଗର ନିଷ୍କ୍ରିୟତା ଯୋଗୁ ଲୋକଙ୍କ ଧନ ଜୀବନ ବିପଦରେ ରହିଛି । କେବଳ ସେତିକି ନୁହେଁ, ଗତ ୫ ବର୍ଷ ଭିତରେ ବିଭିନ୍ନ କାରଣ ପାଇଁ ୧୦ରୁ ଊର୍ଦ୍ଧ୍ୱ ହାତୀଙ୍କର ଏହି ରେଞ୍ଜରେ ପ୍ରାଣ ଗଲାଣି । ସେପଟେ ବନବିଭାଗ କହିଛି, ' ରବିବାର ରାତିରେ ଏହି ଅଞ୍ଚଳରେ ୪ ରୁ ୩ଟି ଫେରିଯାଇଥିବା ଗଜ ସାଥି ସୂଚନା ଦେଇଥିଲେ । ତେବେ ସୋମବାର ସକାଳୁ ହାତୀର ମୃତ୍ୟୁ ନେଇ ସୂଚନା ପାଇବା ପରେ ସ୍ପେଶାଲ ଟାସ୍କ ଫୋର୍ସ, ଭେଟନାରୀ ଟିମ୍, ପୋଲିସ ସହାୟତାରେ ହାତୀ ମୃତ୍ୟୁର କାରଣ ଖୋଜା ଚାଲିଛି ।' ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଡିଏଫଓ ପୂର୍ଣ୍ଣମା ପାଣ୍ଡିଆନ କହିଛନ୍ତି।

## ରଥଯାତ୍ରା ବେଳେ ଅଘଟଣକୁ ଏଡାଇବା ପାଇଁ

# ମୁଖ୍ୟ ଚିକିତ୍ସାଳୟରେ ସ୍ଥିତି ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ପୁରୀ, ୮/୭ ନ୍ୟୁଜ ବ୍ୟୁରୋ**

ରଥ ଟଣା ଆହତଙ୍କୁ ଅଧିକ ଚିକିତ୍ସା ସେବା ଯୋଗାଇ ଦେବାକୁ ପୁରୀ ମେଡ଼ିକାଲରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ରବିବାର ରଥ ଟାଣିବା ବେଳେ ପ୍ରଭୁ ବଲଭଦ୍ରଙ୍କ ରଥ ନିକଟରେ ଦଳା ଚକଟା ଘଟଣାରେ ଶତାଧିକ ଭକ୍ତ ଆହତ ହୋଇଥିବା ବେଳେ ଜଣେ ଭକ୍ତଙ୍କ ମୃତ୍ୟୁ ହୋଇଥିଲା । ମୃତ ଭକ୍ତ ହେଉଛନ୍ତି ବଲାଙ୍ଗୀର ଜିଲ୍ଲା ସଇଁତଳା ଥାନା ବ୍ରାହ୍ମଣି ଗ୍ରାମର ଲଳିତ ବଗର୍ତ୍ତି (୫୫)। ଏହି ଘଟଣା ପରେ ନିଜେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସୋମବାର ରଥ ଟାଣିବା ବେଳେ ଆଉ କୌଣସି ଅଘଟଣ ନ ଘଟେ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ । ସେହି ଅନୁଯାୟୀ ପୁରୀ ମେଡ଼ିକାଲରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ତେବେ ପୁରୀ ମେଡିକାଲରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ପୁରୀ ବେଳାଭୂମିରେ ମର୍ଣ୍ଣିଂ ୱାକ୍ କଲେ ରାଷ୍ଟ୍ରପତି

# 'ନିଜର ସାମୟିକ ସୁଖ ପାଇଁ ପ୍ରକୃତିକୁ ଶୋଷଣ କରିଚାଲିଛି ମଣିଷ'

**ପୁରୀ, ୮/୭ ନ୍ୟୁଜ ବ୍ୟୁରୋ**

ସୋମବାର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତର ଥିଲା ତୃତୀୟ ଦିନ । ରବିବାର ମହାପ୍ରଭୁଙ୍କ ରଥଟାଣିବା ପରେ ସୋମବାର ସକାଳୁ ପୁରୀ ସମୁଦ୍ରକୂଳରେ ମର୍ଣ୍ଣ ୱାକ୍ କରିଥିଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପ୍ରାତଃ ଭ୍ରମଣ କରିବା ସହ ସମୁଦ୍ରର ସୌନ୍ଦର୍ଯ୍ୟକୁ ବଖାଣିଛନ୍ତି ରାଷ୍ଟ୍ରପତି । ଏଥି ସହ ପରିବେଶ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିବା ସହ ସୁରକ୍ଷା ପାଇଁ ଆହ୍ୱାନ ଦେଇଛନ୍ତି। ସମୁଦ୍ରର ପରିବେଶରେ ନିଜକୁ ହଜାଇ ଦେଇଥିଲେ ରାଷ୍ଟ୍ରପତି। ରାଷ୍ଟ୍ରପତି ତାଙ୍କ ଏକ୍ସ ହ୍ୟାଣ୍ଡଲରେ ଟ୍ୱିଟ କରି କହିଛନ୍ତି, "ପୃଥିବୀରେ ଏପରି ଅନେକ ସ୍ଥାନ ରହିଛି, ଯାହା ସଂସ୍ପର୍ଶରେ ଆସିଲେ ଆମେ ଜୀବନର ଅର୍ଥ ବୁଝିପାରୁ । ବଣ-ପାହାଡ଼, ନଦ-ନଦୀ ଓ ସାଗର-ବେଳାର ସମାହାର ଏହି ଯେଉଁ ପ୍ରକୃତି, ଆମେ ତା'ର ଅଂଶବିଶେଷ ବୋଲି ଆମର ହୃଦବୋଧ ହୁଏ । ମୁଁ ଆଜି ବେଳାଭୂମିରେ ଚାଲୁଥିଲା ବେଳେ ମନ୍ଦ ମନ୍ଦ ପବନ ବହୁଥିଲା, ସମୁଦ୍ରର ଢେଉ ଗର୍ଜନ କରୁଥିଲା ଏବଂ ଜଳରାଶି ଦିଗବଳୟକୁ



ଛୁଇଁଯାଉଥିଲା । ଏପରି ପରିବେଶରେ ମୁଁ ତଲ୍ଲୀନ ହୋଇଯାଇଥିଲି । ମୋର ମନେ ହେଲା, ମୁଁ ଯେମିତି ଧ୍ୟାନମଗ୍ନ ହୋଇଯାଇଛି।'' "ଜଗନ୍ନାଥଙ୍କ ଦର୍ଶନ କରି ମୁଁ ପ୍ରଶାନ୍ତି ଲାଭ କରିଛି'। "ରବିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲାବେଳେ ମୁଁ ଯେଉଁ ପ୍ରଶାନ୍ତି ଲାଭ କରିଥିଲି, ଏହି ପରିବେଶରେ ମଧ୍ୟ ମୋର ଅନୁରୂପ ଅନୁଭୂତି ହେଲା । ମୋର ଯେ କେବଳ ଏପରି ଅନୁଭୂତି ଅଛି ତା' ନୁହେଁ। ନିଜ ଠାରୁ କାହିଁ କେତେ ଗୁଣ ବିଶାଳ ଏକ ସତ୍ତା ସଂସ୍ପର୍ଶରେ ଆସିଲେ ହିଁ ଆମ ଭିତରେ ଏପରି ଏକ ଭାବ ସୃଷ୍ଟି ହୁଏ । ଏହି ସତ୍ତା ଆମକୁ ଧରି ରଖେ ଏବଂ ଆମ ଜୀବନକୁ ଅର୍ଥପୂର୍ଣ୍ଣ କରେ ।'' "ଦୈନନ୍ଦିନ ଜୀବନର ଧାଁ ଦଉଡ଼ ଭିତରେ ମଣିଷ, ପ୍ରକୃତି ମାଆ ଠାରୁ ଦୂରେଇ ଯାଉଛି ଏବଂ ପ୍ରକୃତିକୁ ନିୟନ୍ତ୍ରଣ କରିପାରିଛି ବୋଲି ବାହାସ୍ଫୋଟ ମାରୁଛି ତଥା ନିଜର ସାମୟିକ ସୁଖ ପାଇଁ ପ୍ରକୃତିକୁ ଶୋଷଣ କରିଚାଲିଛି । ଏହାର କୁପରିଣତି ଆମେ ସମସ୍ତେ ଭୋଗୁଛନ୍ତି । ଚଳିତ ଗ୍ରୀଷ୍ମ ଋତୁରେ ଭାରତର ଅନେକ ସ୍ଥାନରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା । ବିଗତ କିଛି ବର୍ଷ ହେଲା, ସମଗ୍ର ପୃଥିବୀରେ ପାଣିପାଗ ଜନିତ ଘଟଣାସବୁ ଚରମ ସ୍ତରରେ ପହଞ୍ଚିଛି ଏବଂ ଏସବୁ ଘଟଣା ଏବେ ଅଧିକରୁ ଅଧିକ ଘଟିବାରେ ଲାଗିଛି । ଏପରିକି, ଆଗାମୀ ଦଶନ୍ଧି ଗୁଡ଼ିକରେ ଏହି ସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଏବେଠୁ ଅନୁମାନ କରାଗଲାଣି । ଭୂପୃଷ୍ଠର ୭୦ ପ୍ରତିଶତରୁ ଅଧିକ ହେଉଛି ମହାସମୁଦ୍ର ଏବଂ ପୃଥିବୀବ୍ୟାପୀ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ପତ୍ତନ କ୍ରମାଗତ ବୃଦ୍ଧି ପାଉଛି । ଏହା ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଜଳମଗ୍ନ କରିବାର ଆଶଙ୍କା ସୃଷ୍ଟି କରିଛି ।'' ଅପରପକ୍ଷେ, ବିଭିନ୍ନ ପ୍ରକାର ପ୍ରଦୂଷଣ ଯୋଗୁଁ ସମୁଦ୍ର ଓ ସେଥିରେ ଥିବା ନାନା ପ୍ରଜାତିର ଉଦ୍ଭିଦ ଓ ଜୀବଜନ୍ତୁ ବହୁ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି । ତେବେ ପ୍ରକୃତି କୋଳରେ ବସବାସ କରୁଥିବା ଲୋକମାନଙ୍କ ଦ୍ୱାରା ଅନୁସୃତ ପରମ୍ପରା ଏ କ୍ଷେତ୍ରରେ ଆମ ପାଇଁ ପଥ-ପ୍ରଦର୍ଶକ ହୋଇପାରିବ । ଉଦାହରଣ ସ୍ୱରୂପ, ସମୁଦ୍ର-କୂଳବର୍ତ୍ତୀ ଅଞ୍ଚଳର ବାସିନ୍ଦାମାନେ ସାମୁଦ୍ରିକ ପବନ ଓ ସମୁଦ୍ର ଲହରୀର ଭାଷା ବୁଝିପାରନ୍ତି। ପୂର୍ବପୁରୁଷଙ୍କ ପଦାଙ୍କ ଅନୁସରଣ କରି ସେମାନେ ସମୁଦ୍ରକୁ ଦେବତା ଭାବରେ ପୂଜା କରନ୍ତି ।'' ପରିବେଶ ସୁରକ୍ଷା ଓ ପରିବେଶ ସଂରକ୍ଷଣ ଜନିତ ଆହ୍ୱାନର ମୁକାବିଲା ପାଇଁ ଆମ ପାଖରେ ଦୁଇଟି ଉପାୟ ଅଛି ବୋଲି ମୁଁ ବିଶ୍ୱାସ କରେ । ପ୍ରଥମତଃ, ସରକାର ଏବଂ ଆନ୍ତର୍ଜାତିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଏ ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଇପାରିବ ଏବଂ ଦ୍ୱିତୀୟତଃ, ନାଗରିକ ଭାବରେ ଆମେ ସ୍ଥାନୀୟ ସ୍ତରରେ ଛୋଟ ଛୋଟ ପଦକ୍ଷେପ ମଧ୍ୟ ନେଇପାରିବା। ଅବଶ୍ୟ ଏହି ଦୁଇଟି ଯାକ ପଦକ୍ଷେପ ପରସ୍ପର ପରିପୂରକ । ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଆମେ ବ୍ୟକ୍ତିଗତ ଭାବରେ, ସ୍ଥାନୀୟ ସ୍ତରରେ ଯଥାସାଧ୍ୟ ଉଦ୍ୟମ କରିବା ପାଇଁ ଆସନ୍ତୁ ଶପଥ ନେବା। ଉତ୍ତରପିଢ଼ି ପାଇଁ ଆମକୁ ଏହା ଅବଶ୍ୟ କରିବାକୁ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି।

# ରାଜ୍ୟ ସ୍ୱାର୍ଥ ପାଇଁ ଲଢେଇ ଜାରି ରହିବ, ଲୋକଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଇବ ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନବୀନ ପଟ୍ଟନାୟକ ରବିବାର ଦଳର ରୂପରେଖକୁ ପରିବର୍ତ୍ତନ କରିଛନ୍ତି । ରାଜ୍ୟ ପଦାଧିକାରୀ କମିଟିକୁ ଭାଙ୍ଗିବା ସହ ନିଜର ରାଜନୈତିକ ସଚିବ, ଲୋକ ସମ୍ପର୍କ ଅଧିକାରୀ, ଦଳର ମୁଖପାତ୍ର, ଜାତୀୟ ମୁଖପାତ୍ରର ନୂଆ ଟିମ୍ ଘୋଷଣା କରାଯାଇଛି। ଏ ନେଇ ସୋମବାର 'ଶଙ୍ଖଭବନ'ରେ ବିଜେଡ଼ି ପକ୍ଷରୁ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର । ସେ କହିଛନ୍ତି ଯେ, ବିଜେଡି ବିଭିନ୍ନ ସମୟରେ ନୂଆ ରୂପ ଓ ନୂଆ ଲୋକଙ୍କ ସହ ଆଗକୁ ବଢ଼େ। ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ହୁଏ। ରବିବାର ବି ଏହା



କରାଯାଇଛି। ଆଗକୁ ନବୀନ ପଟ୍ଟନାୟକଙ୍କ ରାଜନୈତିକ କାର୍ଯ୍ୟକ୍ରମ ଓ ଦଳକୁ ଆଗକୁ ନେବା ପାଇଁ ବିରୋଧୀ ଦଳ ଭାବେ କ'ଣ ନୂଆ ଆଭିମୁଖ୍ୟ ରହିବ ତାହା ନବୀନ ବାବୁଙ୍କ ନିର୍ଦ୍ଦେଶ ଅନୁସାରେ କରାଯିବ। ସମୟ ସମୟରେ ଭୂମିକା ବଦଳି ପାରେ ବୋଲି ସେ କହିଛନ୍ତି।
ରବିବାର ପବିତ୍ର ଦିନ ଘୋଷଯାତ୍ରା ଦିନ ବିଜେଡି ରାଜ୍ୟସ୍ତରୀୟ କମିଟିରେ ପୁର୍ନଗଠନ କରାଯାଇଛି। ତାଙ୍କୁ ମିଡ଼ିଆ ପରିଚାଳନା ଦାୟିତ୍ୱ ଦିଆଯାଇଛି। ମିଡ଼ିଆ ସେଲ ଗଠନ ହୋଇଛି। ବିଗତ ଦିନରେ ବି ମିଡ଼ିଆ ସେଲ ଭଲ ଭାବେ କାମ କରିଛି। ମିଡ଼ିଆ ସେଲ ଜରିଆରେ ଦଳକୁ ଆହୁରି କ୍ରିୟାଶୀଳ କରିବାରେ ଉଦ୍ୟମ ଜାରି ରହିବ। ଦଳ ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼ିବ। ଲୋକଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଇବ। ରାଜ୍ୟ ସ୍ୱାର୍ଥ ପାଇଁ ଲଢେଇ ଜାରି ରହିବ। ନୂଆ ଷ୍ଟେଟ କମିଟି ଖୁବ୍ ଶୀଘ୍ର ନବୀନ ପଟ୍ଟନାୟକ ଘୋଷଣା କରିବେ ବୋଲି ବରିଷ୍ଠ ରାଜ୍ୟ ମୁଖ୍ୟ ମିଡ଼ିଆ ସଂଯୋଜକ ପ୍ରତାପ ଜେନା କହିଛନ୍ତି।
ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମସ୍ତେ ଭଲ ପାଆନ୍ତି। ଆଗାମୀ ଦିନରେ ଚେଷ୍ଟା କରିବୁ ଭଲ ଭାବେ କାମ କରିବୁ। ଭଲ କାମକୁ ତର୍ଜମା କରିବୁ। ବିଜେଡ଼ି ମିଡ଼ିଆ ସଂଯୋଜକ ଲେନିନ ମହାନ୍ତି ଏଥିରେ ଉପସ୍ଥିତ ଥିଲେ।

# ୬ ମାସରେ ଦବିଲା ଡୁମଡୁମା ଫ୍ଲାଏଓଭରବ୍ରିଜ୍ ରାସ୍ତା : ଫସିଗଲା ମିନିଟ୍ରକ୍

**ଭୁବନେଶ୍ୱର, ୮/୭ ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଦବିଗଲା ରାସ୍ତା। ଓଭରବ୍ରିଜ୍ ପାର୍ଶ୍ୱରେ ରାସ୍ତା ଦବି ଯାଇଛି। ଖାଲି ଟ୍ରକ୍ ଥିବାରୁ ବଡ଼ ଧରଣର ଦୁର୍ଘଟଣା ଟଳି ଯାଇଛି। କିନ୍ତୁ ଲୋଡେଡ୍ ଟ୍ରକ୍ ବା ବସ ହୋଇଥାଆନ୍ତା, ତାହାହେଲେ କେତେ ବଡ଼ ଯେ ଦୁର୍ଘଟଣା ଘଟିଥାଆନ୍ତା, ତାହା ଅନୁମାନ କରି ହେଉଥିବ। ସୋମବାର ଅପରାହ୍ନରେ ଭୁବନେଶ୍ୱରରୁ ଏକ ମିନି ଟ୍ରକ୍ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ତେବେ ଡୁମୁଡୁମା ନିକଟସ୍ଥ ଜାତୀୟ ରାଜପଥର ଓଭରବ୍ରିଜ୍ ପାର୍ଶ୍ୱରେ ହଠାତ୍ ଟ୍ରକ୍ ଚକା ଦବି ଯାଇଥିଲା। ଆଉ ଆଗକୁ ଗଡ଼ି ନଥିଲା ଟ୍ରକ୍। ଦେଖୁ ଦେଖୁ ଟ୍ରକ୍ ଚକା ଦବି ଯାଇଥିଲା। ଦୀର୍ଘ ସମୟ ଧରି ଫସି ରହିଥିଲା। ଟ୍ରକ୍ ଡାଲା ଖାଲିଥିବାରୁ ସେମିତି କିଛି ବଡ଼ ଧରଣର ଦୁର୍ଘଟଣା ଘଟି ନଥିଲା। ଖବର ପାଇ ଏନ୍ଏଚ୍ଏଆଇ ଓ ରାସ୍ତା ନିର୍ମାଣ କରିଥିବା ଠିକା ସଂସ୍ଥାର କର୍ତ୍ତୃପକ୍ଷ ପହଞ୍ଚିଥିଲେ। ଫସିଥିବା ଟ୍ରକ୍‌କୁ ଉଦ୍ଧାର କରିଥିଲେ।



ବର୍ତ୍ତମାନ ସେହି ଅଞ୍ଚଳ ଦେଇ ଯିବା ଆସିବା ନକରିବାକୁ ପାଇଁ ପରାମର୍ଶ ଦିଆଯାଇଛି। ରାସ୍ତା ନିର୍ମାଣ କରିଥିବା ସଂସ୍ଥା ଏଆଇପିଏଲ୍‌ର କର୍ମଚାରୀଙ୍କ କହିବା ଅନୁସାରେ ଯାଞ୍ଚ ସରିଛି। ରାସ୍ତା ମରାମତି ପାଇଁ ଟିମ୍ ଆସୁଛନ୍ତି। ସୋମବାର ରାତି ସୁଦ୍ଧା ମରାମତି କରାଯାଇ ରାସ୍ତା ସ୍ୱାଭାବିକ କରାଯିବ ବୋଲି ସଂସ୍ଥାର କର୍ମଚାରୀ ଜଣକ କହିଛନ୍ତି। ବ୍ୟସ୍ତ ବହୁଳ ୧୬ ନମ୍ବର ଜାତୀୟ ରାଜପଥର ଡୁମ୍‌ଡୁମା ଦେଇ ଯାଇଥିବା ଏନ୍ଏଚ୍‌କୁ ଏଆଇପିଏଲ୍ ଠିକା ସଂସ୍ଥା କରିଥିଲା। ନିମ୍ନମାନର କାମ ଯୋଗୁ ଏମିତି ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ଏହାକୁ ସଂସ୍ଥା ପକ୍ଷରୁ ଖଣ୍ଡନ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ବେକରେ ପଶିଲା ଡିଭାଇଡର୍ ରଡ୍

**କଟକ, ୦୮/୦୭ ନ୍ୟୁଜ ବ୍ୟୁରୋ**

ନରାଜ-ବେଲଭ୍ୟୁଭ ରାସ୍ତାରେ ରବିବାର ରାତିରେ ଏକ ଦୁର୍ଘଟଣା ଘଟିଛି । ଜଣେ ବାଇକ୍ ଆରୋହୀ ଭାରାସାମ୍ୟ ହରାଇ ଡିଭାଇଡରରେ ପିଟି ହେବାରୁ ଗୁରୁତର ଆହତ ହୋଇଛନ୍ତି । ଡିଭାଇଡରରେ ଥିବା ତିନୋଟି ରଡ୍ ଚାଳକଙ୍କ ବେକରେ ପଶିଯାଇଛି । ଗୁରୁତର ଅବସ୍ଥାରେ ଆହତଙ୍କୁ ଏସ୍‌ସିବି କାଜୁଆଲ୍ଟିରେ ଭର୍ତ୍ତି କରାଯାଇଛି । ବିଡ଼ାନାସୀର ସୁରେଶ ଦାସଙ୍କ ପୁଅ ସାହିଲ ଦାସ ଓରଫ ପପୁ ଏକ ବାଇକ୍‌ରେ ନରାଜ ଯାଇଥିଲେ । ରାତି ପ୍ରାୟ ସାଢ଼େ ୯ଟା ବେଳେ ସେ ନରାଜରୁ ବେଲିଭିଉ ଛକ ଅଭିମୁଖେ ଫେରିବା ବେଳେ ବିଜୁପଟ୍ଟନାୟକ ପାର୍କ ପାଖରେ ଭାରସାମ୍ୟ ହରାଇ ରାସ୍ତାର ଡିଭାଇଡ ?ରେ ପିଟି ହୋଇଯିବାରୁ ସାହିଲ ଗୁରୁତର ଆହତ ହୋଇଥିଲେ । ଡିଭାଇଡରରେ ଥିବା ତିନୋଟି ଲୁହା ରଡ୍ ସାହିଲଙ୍କ ବେକରେ ପଶି ବାହାରିଯାଇଥିଲା । ଘଟଣା ସ୍ଥଳରେ ସାହିଲଙ୍କ ବେକରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା ।

## ସୁଭଦ୍ରାଙ୍କ ରଥ ଆଗରେ ଡାକ୍ତରଙ୍କୁ ପିଟିଲେ ପୋଲିସ

**ପୁରୀ,୮।୭ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ବେଳେ ପୁରୀରେ ଡାକ୍ତରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ସୁଭଦ୍ରାଙ୍କ ରଥ ଆଗରେ ଡାକ୍ତର ଶାନ୍ତନୁ ପାଢ଼ୀଙ୍କୁ ପୋଲିସ ମାଡ଼ ମାରିଥିବାର ଅଭିଯୋଗ ହୋଇଛି। ଡାକ୍ତର ଶାନ୍ତନୁ ପାଢ଼ୀ କହିଛନ୍ତି, ମେଡିକାଲ ଛକରେ ସୁଭଦ୍ରାଙ୍କ ରଥ ଦଉଡ଼ି ଛୁଇଁବାକୁ ଯାଇଥିବା ବେଳେ ସେଠାରେ ଥିବା ପୋଲିସ ତାଙ୍କୁ ମାଡ଼ ମାରିଥିଲା। ଡାକ୍ତର ବୋଲି ପରିଚୟ ଦେବା ସତ୍ତ୍ୱେ ପୋଲିସ ମାଡ଼ ମାରିଥିବା ସେ କହିଛନ୍ତି । ଉପରିସ୍ଥ ଅଧିକାରୀଙ୍କୁ ସେ ଏବାବଦରେ ଅବଗତ କରାଇଛନ୍ତି। ତାଙ୍କୁ ଦୁର୍ବ୍ୟବହାର କରିଥିବା ପୋଲିସ ଅଧିକାରୀଙ୍କ ନାଁ ଅମରେଶ ପଣ୍ଡା ବୋଲି ଶାନ୍ତନୁ ପାଢ଼ୀ କହିଛନ୍ତି ।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।**

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଋତୁସ୍ରାବ ଛୁଟି ନେଇ ବଡ଼ ଟିପ୍ପଣୀ

# ମଡେଲ ନୀତି ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୮/୭**

ଋତୁସ୍ରାବ ଜନିତ ମାସିକ ଛୁଟି ନେଇ ଦୀର୍ଘ ଦିନ ଧରି ଆଲୋଚନା, ପର୍ଯ୍ୟାଲୋଚନା ଓ ବିତର୍କ ଚାଲିଛି। ଏନେଇ ସୁପ୍ରିମକୋର୍ଟ ବଡ଼ ଟିପ୍ପଣୀ ଦେଇଛନ୍ତି। ରାଜ୍ୟ ସହ ପରାମର୍ଶ କରି ମାସିକ ଛୁଟିରେ ଏକ ମଡେଲ ନୀତି ପ୍ରସ୍ତୁତ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ କହିଛନ୍ତି ଏହା ଏକ ପ୍ରସଙ୍ଗ ନୁହେଁ, ଯାହାକୁ କୋର୍ଟ ବିଚାର କରିବ । ଯଦି ମହିଳାମାନଙ୍କୁ ଏପରି ଛୁଟି ପ୍ରଦାନ କରିବାକୁ କୋର୍ଟ ନିଷ୍ପତ୍ତି ନିଅନ୍ତି, ତେବେ ଏହାର ପ୍ରତିକୂଳ ପ୍ରଭାବ ମଧ୍ୟ ପଡିପାରେ। କାରଣ କମ୍ପାନୀ ସେମାନଙ୍କୁ କାମ ନ ଦେଇପାରେ। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ଟିପ୍ପଣୀ ରଖିଛନ୍ତି ସୁପ୍ରିମକୋର୍ଟ।
ଋତୁସ୍ରାବ ଛୁଟି ପାଇଁ ନୀତି ନିର୍ଦ୍ଧାରଣ କରିବାକୁ କେନ୍ଦ୍ର ତଥା ରାଜ୍ୟଗୁଡ଼ିକୁ ଏକ ନିର୍ଦ୍ଦେଶନାମା ଜାରି କରିବା ଉଦ୍ଦେଶ୍ୟରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ କରାଯାଇଥିଲା। ଆଜି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ଏହା ଉପରେ ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଏହିପରି ଆବେଦନ ଉପରେ ଶୁଣାଣି କରି ନିର୍ଦ୍ଦେଶ ଦେବା ଫଳରେ ମହିଳାମାନେ କର୍ମକ୍ଷେତ୍ରରୁ ଦୂରେଇ



ରହିବେ। ସେମାନଙ୍କୁ ଚାକିରି ମିଳିବାରେ ଅସୁବିଧା ହେବ। ଆମେ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଯାହା କରିବୁ ତାହା ସେମାନଙ୍କ ପାଇଁ କ୍ଷତି ହେଉ, ତାହା ଆମେ ଚାହୁଁ ନାହୁଁ। ନେତୃତ୍ୱାଧୀନ ବେଞ୍ଚ କହିଛି ଯେ, ସଂସ୍ଥା ଯଦି ମହିଳା କର୍ମଚାରୀଙ୍କୁ ମାସିକ ଛୁଟି ପ୍ରଦାନ କରିବାକୁ ଅନୁମତି ଦିଅନ୍ତି, ତେବେ ଏହା ସେମାନଙ୍କ ବ୍ୟବସାୟକୁ ପ୍ରଭାବିତ କରିପାରେ କିମ୍ବା ନିରାଶ କରିପାରେ ଏବଂ ସେମାନେ ବହୁ ସଂଖ୍ୟକ ମହିଳା କର୍ମଚାରୀଙ୍କୁ ଚାକିରିରୁ ବାହାର କରିପାରନ୍ତି। ଏହି ପ୍ରସଙ୍ଗ ଏକାଧିକ ନୀତିଗତ ଦିଗ ସହ ଜଡିତ । ଏଥିରେ କୋର୍ଟଙ୍କ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ। ଏହି ନିଷ୍ପତ୍ତିରେ ରାଜ୍ୟ ସରକାର ମଧ୍ୟ କୌଣସି ପଦକ୍ଷେପ ନେବେ ନାହିଁ ବୋଲି ସୁପ୍ରମକୋର୍ଟ କହିଛନ୍ତି। ଆମେ ସଚିବଙ୍କୁ ଅନୁରୋଧ କରୁଛୁ ଯେ, ଏନେଇ ସମସ୍ତ ରାଜ୍ୟ ସହ ପରାମର୍ଶ କରି ଏକ ମଡେଲ ପ୍ରସ୍ତୁତ କରନ୍ତୁ। ଏହି ମାମଲା ଉପରେ ସମାଧାନ ପାଇଁ ସୁପ୍ରମକୋର୍ଟ ଆବେଦନକାରୀଙ୍କୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ଏବଂ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟିଙ୍କ ନିକଟକୁ ଯିବାକୁ ପରାମର୍ଶ ଦେଇଛନ୍ତି। ଏହା ପ୍ରଥମ ଘଟଣା ନୁହେଁ ଯେ ସୁପ୍ରିମକୋର୍ଟ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଫେବୃୟାରୀରେ, କୋର୍ଟ ଏକ ଶୁଣାଣି କରିବାକୁ ମନା କରିଦେଇଥିଲେ । ଏଥିରେ ସମସ୍ତ ରାଜ୍ୟର ଛାତ୍ରୀ ଏବଂ କାର୍ଯ୍ୟରତ ମହିଳାମାନଙ୍କୁ ଋତୁସ୍ରାବ ପାଇଁ ବାଧ୍ୟତାମୂଳକ ଛୁଟି ଦେବା ପାଇଁ ନିୟମ ସ୍ଥିର କରିବାକୁ ଆବେଦନ କରାଯାଇ ଥିଲା। କୋର୍ଟ କହିଛନ୍ତି ଯେ ଏହି ପ୍ରସଙ୍ଗ ସରକାରଙ୍କ ନୀତିଗତ ନିଷ୍ପତ୍ତି ଭିତରେ ରହିଛି। ସମ୍ପ୍ରତି ବିହାର ଏବଂ କେରଳରେ ମହିଳାମାନଙ୍କୁ ଋତୁସ୍ରାବ ଛୁଟି ମିଳୁଛି। ୧୯୯୨ରେ ଲାଲୁ ପ୍ରସାଦ ଯାଦବ ବିହାରର ମୁଖ୍ୟମନ୍ତ୍ରୀ ଥିବା ସମୟରେ ମହିଳା କର୍ମଚାରୀଙ୍କ ପାଇଁ ଦୁଇ ଦିନିଆ ମାସିକ ଛୁଟିର ନିୟମ ଆରମ୍ଭ କରିଥିଲେ। ନିକଟରେ, ଜାନୁଆରୀ ୧୯ରେ, କେରଳର ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଛାତ୍ରୀମାନଙ୍କ ପାଇଁ ତିନି ଦିନିଆ ମାସିକ ଛୁଟି ଘୋଷଣା କରିଛନ୍ତି।

## ଏବେ ବଜାରରେ ମିଳୁଛି...

## 'କଥାକଳିକା': ଜୁଲାଇ-୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା
**ସମକାଳର କଥା :** ଜି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା' - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର -ସରୋଜ ସାହୁ, ଗଣତନ୍ତ୍ରର ହତ୍ୟା-ବିକାଶ କାନୁନ୍‌ଗୋ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)